

ବୁମରାଙ୍କ ୪୦୦ ଅନ୍ତର୍ଜାତୀୟ ୱିକେଟ ଦଖଲ
ପୃଷ୍ଠା ୭


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 182 | ଭାଗ ୩୨ | ସଂଖ୍ୟା ୧୮୨ | Bhubaneswar | Saturday 21 September 2024 | Page 8 ₹ 4.00 | ଭୁବନେଶ୍ୱର | ଶନିବାର ୨୧ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ପଣ୍ଡା ସାହେବ ଓ ମହିଳା କମିଶନଙ୍କ ପାଇଁ କାଠଗଡ଼ାରେ ମୁଖ୍ୟମନ୍ତ୍ରୀ

ସେନାର ଜଣେ ମେଜରଙ୍କୁ ପୋଲିସ ଥାନାରେ ମାଡ଼ମାରି ଅସଦ ବ୍ୟବହାର କରିବା ଘଟଣାରେ ଏବେ ସାରା ଦେଶରେ ଓ ଜାତୀୟ ଗଣମାଧ୍ୟମରେ ସବୁଠୁ ନିନ୍ଦିତ ହେଉଛନ୍ତି ଗୃହମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କାରଣ ଏହି ଘଟଣାରେ ପୋଲିସର କାର୍ଯ୍ୟ ହିଁ ସବୁଠୁ ନିନ୍ଦନୀୟ ଓ ଅମାନବୀୟ । କିଛି ପୋଲିସଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏବେ କାଠଗଡ଼ାରେ। ଏକଥା ଆମେ ଏଇଥି ପାଇଁ କହୁଛୁ କାରଣ ପୋଲିସ କମିଶନରେଟ ବିଶେଷ କରି ସିପି ଓ ଭୁବନେଶ୍ୱର ଡିସିପି ସବୁ ଜାଣି ବି କାହିଁକି ଘଟଣାକୁ ଗୁରୁତର ସହ ନେଲେନି ? କାହିଁକି ଭୁବନେଶ୍ୱର ଡିସିପି ଜାତୀୟ ଗଣମାଧ୍ୟମରେ ଦାୟିତ୍ୱହୀନ ମନ୍ତବ୍ୟ ଦେଇ ସବୁ ଦୋଷ ସେନା ଅଧିକାରୀଙ୍କ ଉପରକୁ ଲଦିଦେଲେ। ଘଟଣା ସମ୍ପର୍କରେ ଜାଣିବା ପରେ ସିପି, ଡିସିପି କିମ୍ବା ଏସିପି ସ୍ତରୀୟ କୌଣସି ବରିଷ୍ଠ ଅଧିକାରୀ ତୁରନ୍ତ ଭରତପୁର ଥାନାକୁ ଯାଇ କାହିଁକି ଯାଞ୍ଚ କରି ନ ଥିଲେ ? କାହିଁକି ଏହି ଘଟଣାକୁ ତିନି ଦିନ ପର୍ଯ୍ୟନ୍ତ ପୋଲିସ ଚାପିଦେଇଥିଲା। ମହିଳା କମିଶନ ବି ଗଣମାଧ୍ୟମରୁ ଖବର ଜାଣିବା ପରେ ତୁରନ୍ତ ପୀଡିତାଙ୍କୁ ଭେଟି ତଦନ୍ତ କରିବା ପରିବର୍ତ୍ତେ ୫ ଦିନ କାହିଁକି ଅପେକ୍ଷା କରିଥିଲା ? ପ୍ରଶାସନିକ ସ୍ତରରେ ଯେଉଁମାନେ ଲୋକଙ୍କୁ ସୁରକ୍ଷା ଦେବାକୁ ଦାୟିତ୍ୱ ପାଇଛନ୍ତି ସେଇମାନେ ହିଁ ଭକ୍ଷକ ସାଜିଛନ୍ତି। ଏସବୁ ପ୍ରଶ୍ନ ସହ ସେଦିନ ରାତିରେ ଭରତପୁର ପୋଲିସ ଯାହା କରିଥିଲା ତାହା ଆମ ପାଠକ ପଢ଼ିଲେ ମୁଣ୍ଡ ବୁଲେଇଦେବ।

**ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ):** ଜଣେ ନିଜକୁ ଆର୍ମି ମେଜର ଗୁରୁବଚନ ସିଂ ବୋଲି ପରିଚୟ ଦେବା ପରେ 'ମେଜର' ପଦବୀ କଣ ଦଲୁଟା ଯାକ ଜାଣିନଥିଲେ। ସିଡିଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଜୁନିଅର ଅଫିସରରୁ ପଦୋନ୍ନତି ପାଇ ଜଣେ ମେଜର ହୁଅନ୍ତି। ପୋଲିସ ଭାଷାରେ କହିବାକୁ ଗଲେ ସେ ଆର୍ମିର ଜଣେ ଆଇଜି ରାଙ୍କର ଅଫିସର। ଜଣେ ଆଇଜି ରାଙ୍କର ଅଫିସରଙ୍କୁ ତୁମେ ହାଜତରେ ପୁରାଇ ତାଙ୍କ ଭାବି ପତ୍ନୀଙ୍କୁ ଉଲଗ୍ନ କରି ନିଜ ଲିଙ୍ଗ ଦେଖାଇବା, କୋଉ ପ୍ରକାରର ଅଭଦ୍ରାମି ତାହା ଭାଷାରେ କହିବା ସମ୍ଭବ କି ?

ଆଜି ଏ ପ୍ରଶ୍ନ ଆଉ ଓଡ଼ିଶା ପଚାରୁନି, ସମଗ୍ର ଦେଶ ପଚାରିଲାଣି। ଦେଶର ସେନାଧ୍ୟକ୍ଷ ଓଡିଶା ହାଇକୋର୍ଟକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରିବା ପରେ ରାଜ୍ୟର ମାନ, ସମ୍ମାନ, ଇଜ୍ଜତ ଧୂଳିରେ ମିଶିଯାଇଛି କେବଳ କମିଶନରେଟ ପୋଲିସର ଦାୟିତ୍ୱହୀନତା ଓ ଔଦ୍ଧତ୍ୟ ପାଇଁ ।

ରାତି ସାରା ହାଜତ ଭିତରେ ରହି ନିର୍ଯାତନାର ଶୀକାର ହୋଇଥିବା ଅଙ୍କିତାଙ୍କ ବ୍ୟଥା ଏ କାଗଜରେ ଲେଖି ଜଣାଇବା ଏକ ଦୁରୁହ ବ୍ୟାପାର ନିଶ୍ଚିତ। ଏ ବ୍ୟଥା କେବଳ ଏକ ଝିଅ ଜାଣିପାରେ, ଜଣେ ଝିଅର ବାପା ଜାଣିପାରେ ନହେଲେ ଝିଅର ମାଆ ଜାଣି ପାରେ। ଏଥିରୁ ସ୍ପଷ୍ଟ ଅନୁମେୟ ନିଲମ୍ବିତ ଆଇଆଇସି ମିଶ୍ର ଜଣେ ଝିଅର ବାପା ନୁହଁନ୍ତି। ଆହୁରି ସଙ୍ଗିନ କଥା ହେଲା, ସେଇ ଦଶ ଜଣ ରୋଡ଼ ରୋମିଓଙ୍କୁ କମିଶନରେଟ ପୋଲିସ୍ ଧରିଲା। ଏଥିରୁ ସ୍ପଷ୍ଟ ପ୍ରମାଣିତ, ଅଙ୍କିତା ଓ ତାଙ୍କ ଭାବି ମେଜର ସ୍ୱାମୀ ଏକ ଜେନୁଇନ ଅଭିଯୋଗ ➪ପୃଷ୍ଠା-୬

## ମହିଳା ନିର୍ଯାତନାକୁ ବରଦାସ୍ତ କରାଯିବନି



ସେନା ଅଧିକାରୀ ମେଜର ଗୁରୁଭନ୍ସ ସିଂଙ୍କ ଉପରେ ଆକ୍ରମଣ ତଥା ଭାରତପୁର ଥାନାରେ ତାଙ୍କ ବାନ୍ଧବୀଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଶୁକ୍ରବାର ଓଡ଼ିଶା ସରକାର ଏହି ମାମଲାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଶ୍ଚିତ କରିଛନ୍ତି। ସାମ୍ବାଦିକଙ୍କୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ଭରତପୁର ଥାନାରେ ସେନା ଅଧିକାରୀ ଓ ତାଙ୍କ ସହିତ ଥିବା ଜଣେ ମହିଳାଙ୍କୁ ଅସଦାଚରଣ ତଥା ଆକ୍ରମଣ ଅଭିଯୋଗକୁ ସରକାର ଅତ୍ୟନ୍ତ ଗୁରୁତର ଭାବେ ଗ୍ରହଣ କରିଛନ୍ତି। ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିବା ମାତ୍ରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହିତ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଘଟଣା ଅତ୍ୟନ୍ତ ସଂବେଦନଶୀଳ ହୋଇଥିବାରୁ କ୍ରାଇମ ବ୍ରାଞ୍ଚକୁ ଘଟଣାର ଯାଞ୍ଚ କରି ତୁରନ୍ତ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ➪ପୃଷ୍ଠା-୬

## ଦୋଷୀ ଦଣ୍ଡ ପାଇବ: ପ୍ରଭାତୀ






ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଅସଦାଚରଣ ଘଟଣାକୁ ଗୁରୁତର ସହ ନେଇଛନ୍ତି ରାଜ୍ୟ ସରକାର। ଏମ୍ସରେ ଚିକିତ୍ସାଧୀନ ପୀଡ଼ିତାଙ୍କୁ ଭେଟିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଭେଟିବା ପରେ ସେ ଗଣମାଧ୍ୟମକୁ କହିଛନ୍ତି ଯେ ଏମ୍ସରେ ପୀଡ଼ିତାଙ୍କ ଠାରୁ ସବୁ କଥା ଶୁଣିଲି। କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତ କରୁଛି। ଡିଜିପି ୫ ଜଣଙ୍କୁ ସସପେଣ୍ଡ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମୁଁ ଏଠାକୁ ଆସିଥିଲି। ସରକାର ଶୂନ୍ୟ ସହନଶୀଳତା କହିଛନ୍ତି। ଯାହାବି ରିପୋର୍ଟ ଆସିବ ଖୁବ ଶୀଘ୍ର ଆସିବ।

ଜିରୋ ଟଲେରାନ୍ସରେ କେହି ବାଧକ ହୋଇପାରିବେ ନାହିଁ। ଯିଏ ଦୋଷୀ ସେ ଦଣ୍ଡିତ ହେବ। ଝିଅର ଅବସ୍ଥା ବହୁତ ଭଲ ଅଛି। ମାନସିକ ସ୍ତରରେ ➪ପୃଷ୍ଠା-୬

# ନବୀନଙ୍କୁ ଫସେଇଦେଲେ ଭଣ୍ଡ ସନ୍ୟାସୀ

**ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ):** ଥାନା ଫାଣ୍ଡି ମାମଲାରେ ଆଦୌ ମୁହଁ ଖୋଲୁନଥିବା ନବୀନ ପଟ୍ଟନାୟକ ଏବେ ଭରତପୁର ଥାନା ମାମଲାରେ ନ୍ୟାୟିକ ତଦନ୍ତ ଦାବିକରି ଏକ ପ୍ରକାର ଫସି ଯାଇଛନ୍ତି। ତାଙ୍କ ମୁହଁରୁ ଏଭଳି ଦାବି ଶୁଣିବାପରେ ଶାସନରେ ଥିବାବେଳେ ଥରୁଟିଏ କାହିଁକି ଅନୁରୂପ ତା' ବାଟରେ ଯିବ ଓ ଓଡ଼ିଶା ପୁଲିସ୍‌ଙ୍କ ଉପରେ ଭରସା ରଖ ବୋଲି କହି ବିରୋଧୀଙ୍କ କଥାକୁ କର୍ଣ୍ଣପାତ କରୁ ନ ଥିଲେ। ଏବେ କିନ୍ତୁ ଭରତପୁର ଥାନା ଘଟଣାରେ ନିଜେ ଗଣମାଧ୍ୟମ ସାମ୍ନାକୁ ଆସି ନ୍ୟାୟିକ ତଦନ୍ତ ପାଇଁ ଦାବି କରିଛନ୍ତି।

ହଠାତ୍ ନବୀନଙ୍କ ଏଭଳି ଦାବି ଶୁଣି ବିଜେଡିର

## ନ୍ୟାୟିକ ତଦନ୍ତ ଦାବି ଏବେ ବୁମେରାଂ

ଦାବି କରୁ ନ ଥିଲେ ବୋଲି ଲୋକେ ପ୍ରଶ୍ନ ପଚାରୁଥିବା ବେଳେ ଭଣ୍ଡ ସନ୍ୟାସୀ ନବୀନଙ୍କୁ କାଠଗଡ଼ାରେ ଛିଡ଼ା କରାଇଦେଲେ ବୋଲି ଚର୍ଚ୍ଚା ଜୋର ଧରିଛି।



ନବୀନଙ୍କ ୨୫ବର୍ଷର ଶାସନ କାଳରେ ପରୀ ଠାରୁ ଆରମ୍ଭକରି ମମିତା ମେହେର ପର୍ଯ୍ୟନ୍ତ ଅନେକ ଘଟଣା ଘଟିଛି । ସେତେବେଳେ ବିରୋଧୀଦଳରେ ଥିବା ବିଜେପି ଓ କଂଗ୍ରେସ ଏହି ମହିଳା ନିର୍ଯାତନା ଘଟଣାର ସିବିଆଇ, ନ୍ୟାୟିକ ତଦନ୍ତ ଆଦି ଦାବି କରିଥିଲେ। ନବୀନ କିନ୍ତୁ ଏହାକୁ ଏଡ଼ାଇ ଯାଉଥିଲେ। ଆଇନ୍ ଗୋଟିଏ ଗୋଷ୍ଠି ହତ୍‌ବାକ ହେବା ସହିତ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଏହି ଘଟଣାରେ ବିଜେଡି ମହିଳା ଶାଖାର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କିମ୍ବା ଦେବୀ ପ୍ରସାଦ ମିଶ୍ରଙ୍କ ଭଳି ବରିଷ୍ଠ ନେତା ମତ ରଖିପାରିଥାନ୍ତେ। କିନ୍ତୁ ତାହା ନ କରି ଏଭଳି ଏକ ସ୍ପର୍ଶକାତର ଘଟଣାରେ ନବୀନଙ୍କୁ ସିଧାସଳଖ ଆଗକୁ ଆଣି ଏବେ ଉଭୟ ନବୀନ ଓ ବିଜେଡିକୁ କାଠଗଡ଼ାରେ ଛିଡା କରାଇଛନ୍ତି । ଏହି ମଉକାରେ ବିରୋଧୀମାନେ ନବୀନ ଅମଳର ଗୋଟିଗୋଟି କରି ମହିଳା ନିର୍ଯାତନାର ଚିଠା ଖୋଲିବା ଆରମ୍ଭ କରିଛନ୍ତି।

### କନ୍ଧମାଳ ରିପୋର୍ଟ କୁଆଡ଼େ ଗଲା ?



ଭରତପୁର ଥାନାରେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ଏବଂ ନିର୍ଯାତନା ମାମଲାକୁ ନେଇ ସରକାର ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନ୍ୟାୟିକ ତଦନ୍ତ ଦାବି କରିବା ପରେ ତାଙ୍କୁ କଟାକ୍ଷ କରିଚନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଆହୁରି ମଧ୍ୟ ଶ୍ରୀ ପୂଜାରୀ କହିଛନ୍ତି, ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ସରକାର ଜିରୋ ଟଲରାନ୍ସ ନୀତି ଆପଣାଇବ। ଘଟଣାରେ ଯିଏ କେହି ବି ଥାଉ, କାହାକୁ ଛଡ଼ା ଯିବନି।

ଆହୁରି ମଧ୍ୟ ଶ୍ରୀ ପୂଜାରୀ କହିଛନ୍ତି, ବିରୋଧୀ ଦଳ ନେତା ନ୍ୟାୟିକ ତଦନ୍ତ କଥା କହୁଛନ୍ତି, କନ୍ଧମାଳ ତଦନ୍ତ ରିପୋର୍ଟ କୁଆଡ଼େ ଗଲା? ନବୀନ ବାବୁଙ୍କ ବେଳେ ୨୪ ନ୍ୟାୟିକ ତଦନ୍ତ ହୋଇଥିଲା ତାହାର ରିପୋର୍ଟର ସ୍ଥିତି କ'ଣ? ୨୪ ବର୍ଷର ସରକାର ଚାହିଁଥିଲେ ହିଂସାମୁକ୍ତ ଓଡ଼ିଶା ଗଠନ ହୋଇପାରିଥାନ୍ତା। ମହିଳା ନିର୍ଯାତନା ➪ପୃଷ୍ଠା-୬

ତେବେ ବିଜେଡିର ଗୋଟିଏ ଗୋଷ୍ଠି କହୁଛନ୍ତି ନବୀନଙ୍କୁ ଏଭଳି କାଠଗଡାରେ ଛିଡା କରାଇବା କାର୍ଯ୍ୟଟି ହେଉଛି ଭଣ୍ଡ ସନ୍ୟାସୀଙ୍କର। ଏହି ଭଣ୍ଡ ସନ୍ୟାସୀ ହେଉଛନ୍ତି ରାଜନୀତିରୁ ସନ୍ୟାସ ନେବାପରେ କ୍ଷମତା ଲୋଭକୁ ସମ୍ବରଣ କରିପାରୁନଥିବା ପୂର୍ବତନ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ। ରାଜନୀତିରୁ ସନ୍ୟାସ ନେଲାପରେ ସିଏ ଏବେ ବି ବିଜେଡିର ମାର୍ଗଦର୍ଶକ ସାଜିଛନ୍ତି ଓ ନବୀନ ବାବୁଙ୍କୁ ଦିଗ୍‌ଦର୍ଶନ ଦେଉଛନ୍ତି। ଆଜିର ନ୍ୟାୟିକ ତଦନ୍ତର ସ୍କ୍ରିପ୍ଟ ସେହି ଭଣ୍ଡ ସନ୍ୟାସୀଙ୍କର ବୋଲି ଦଳର ଗୋଟିଏ ଗୋଷ୍ଠି ଖୋଲାଖୋଲି ମତ ଦେଉଛନ୍ତି।

ଭରତପୁର ଥାନାରେ ସେନାର ଜଣେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ମାଡମରା ଓ ମାମଲା ରୁଜୁ ଘଟଣାରେ ସରକାର ତତ୍କାଳ ପଦକ୍ଷେପ ଗ୍ରହଣ କରିଛନ୍ତି। ଥାନା ଆଇଆଇସିଙ୍କ ସମେତ ୫ଜଣ ପୁଲିସଙ୍କୁ ବଦଳି ଓ ନିଲମ୍ବନ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଥିବାବେଳେ ଓଡ଼ିଶା ହାଇକୋର୍ଟ ତଦନ୍ତର ମନଟରିଂ ➪ପୃଷ୍ଠା-୬

## ମିଶନ ଶକ୍ତିଙ୍କ ପାଇଁ ହେଲା ଟୋଲ୍ ଫ୍ରୀ ନମ୍ବର

- ଓଡ଼ିଶାରେ ମହିଳା ସଶକ୍ତୀକରଣକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ ଅଛନ୍ତି ରାଜ୍ୟ ସରକାର : ପ୍ରଭାତୀ ପରିଡ଼ା
- ସମସ୍ତ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ରହିବ କାର୍ଯ୍ୟକ୍ଷମ

**ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ):** ଆଜି ପୋଖରୀପୁଟ ସ୍ଥିତ ମିଶନ ଶକ୍ତି ଭବନ ପରିସରରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ମିଶନ ଶକ୍ତି ବିଭାଗର କଲ୍ ସେଣ୍ଟର ଓ ଅଡିଟୋରିୟମର ଉଦଘାଟନ




କରିଛନ୍ତି । ସାତ କୋଟି ଅଣଷଠି ଲକ୍ଷ ବ୍ୟୟରେ ନିର୍ମିତ ୪୦୦ ଆସନ ବିଶିଷ୍ଟ ଏହି ଅଡିଟୋରିୟମଟି ଇଡକୋ ଦ୍ୱାରା ନିର୍ମାଣ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସହ ବିଭିନ୍ନ ବୈଠକ, କର୍ମଶାଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ, ଏସଏଚଜି ଉତ୍ପାଦର ଲୋକାର୍ପଣ ଆଦି ସମାରୋହ ପାଇଁ ଏହା ଏକ ବୃହତ ଭିତ୍ତିଭୂମି ଯୋଗାଇବ । ଏହା ଏସଏଚଜି ଏବଂ ସେମାନଙ୍କ ମହାସଂଘଗୁଡ଼ିକ ନିମନ୍ତେ ଅତ୍ୟନ୍ତ ଲାଭକାରୀ ହେବା ସହିତ ଓଡ଼ିଶାରେ ମହିଳା ସଂଗଠନଗୁଡ଼ିକର ଅବିରତ ବିକାଶ ଏବଂ ସଶକ୍ତିକରଣରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ।

ଏତଦ୍ ବ୍ୟତୀତ ଶ୍ରୀମତୀ ପରିଡା, ମିଶନ ଶକ୍ତି ଭବନ ପରିସରରେ "ମିଶନ ଶକ୍ତି କଲ୍ ସେଣ୍ଟର"ର ଶୁଭାରମ୍ଭ ମଧ୍ୟ କରିଥିଲେ।ଏହି କଲ୍ ➪ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ପଶୁ ଚର୍ବିର ଘିଅରେ ତିରୁପତିଙ୍କ ଲଡ୍ଡୁ ପ୍ରସ୍ତୁତ ହେଉଥିବା ଅଭିଯୋଗର ବିସ୍ତୃତ ରିପୋର୍ଟ ପ୍ରଦାନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁଙ୍କୁ ନିର୍ଦ୍ଦେଶ ଦେଲେ। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ଆବଶ୍ୟମ ବୋଲି କହିଲେ ଖାଦ୍ୟ ମନ୍ତ୍ରୀ ପ୍ରହ୍ଲାଦ ଯୋଷୀ। ଅନ୍ୟପକ୍ଷରେ ନାଇଡୁଙ୍କ ମନ୍ତବ୍ୟକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ।
- ଇସ୍ରାଏଲ୍ ବୋମାମାଡ଼ର ପ୍ରତିଶୋଧ ନିଆଯିବ ବୋଲି ହିଜ୍‌ବୁଲ୍ଲା ମୁଖ୍ୟ ଘୋଷଣା କରିବାର ମାତ୍ର କେଇଘଣ୍ଟା ପରେ ଲେବାନନ୍ ଉପରେ ଇସ୍ରାଏଲ୍ ଜେଟ୍‌ରୁ ଭୟଙ୍କର ବୋମାମାଡ଼।
- ଆପ୍‌ର ସମର୍ଥନ ବିନା ହରିଆଣାରେ ସରକାର ଗଠନ ଅସମ୍ଭବ ବୋଲି ଦୃଢ଼ୋକ୍ତି କଲେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ।
- କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ଜଷ୍ଟିସ ଭି ଶୀର୍ଷାନାନନ୍ଦ ଜଣେ ମହିଳା ଆଡ୍‌ଭୋକେଟଙ୍କ ସମ୍ମାନହାନି କଲା ଭଳି ମନ୍ତବ୍ୟ ଦେବା ସହିତ ବେଙ୍ଗାଲୁରୁର ଏକ ଅଞ୍ଚଳକୁ ପାକିସ୍ତାନ ବୋଲି କହିବା ଘଟଣାରେ ସୁପ୍ରିମକୋର୍ଟଙ୍କ ରିପୋର୍ଟ ତଲବ।
- ହୀରାକୁଦ ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଶୁକ୍ରବାର ଜଳସ୍ତର ୬୨୯.୫୪ ଫୁଟ୍‌ରେ ପହଞ୍ଚିଲା। ଜଳଭଣ୍ଡାରର ସବୁ ଗେଟ୍ ବନ୍ଦ।
- କେନ୍ଦ୍ର ଦ୍ୱାରା ପରିଚାଳିତ ଦାମୋଦର ଭ୍ୟାଲି କର୍ପୋରେସନ(ଡିଭିସି) ମାତ୍ରାଧିକ ପାଣି ଛାଡ଼ିବାରୁ ପଶ୍ଚିମବଙ୍ଗରେ ଭୟଙ୍କର ବନ୍ୟା ସ୍ଥିତି ସୃଷ୍ଟି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅସୁନ୍ତୁଷ୍ଟି ବାନାର୍ଜୀଙ୍କ ଚେତାବନୀ।
- ସମଲେଇ ମନ୍ଦିରର ୨୭ ଜଣ ପୂଜକଙ୍କୁ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜମି ପଟ୍ଟା ପ୍ରଦାନ।

# ଭିଜିଲାନ୍ସ ଜାଲରେ ମୁଖ୍ୟଯନ୍ତ୍ରୀ

- ଠାବ ହେଲା ୨ କୋଠା, ୧ ଫ୍ଲାଟ ଓ ୪ ପ୍ଲଟ୍
- ୧.୧୧ କୋଟିର ବ୍ୟାଙ୍କ ଡିପୋଜିଟ୍
- ଶଳାଙ୍କ ଘରୁ ମିଳିଲା ବିଡ଼ା ବିଡ଼ା ନୋଟ୍



**ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ):** ବାଲେଶ୍ୱର ରୁରାଲ୍ ୱାର୍କସ ସର୍କଲ ମୁଖ୍ୟଯନ୍ତ୍ରୀ ଏନ୍‌ଭି ହରିହର ରାଓଙ୍କ ଘରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ସଂପତ୍ତି ଠାବ କରାଯାଇଛି। ତା' ମଧ୍ୟରେ ରହିଛି ୨ଟି କୋଠା, ଗୋଟିଏ ଫ୍ଲାଟ ଓ ୪ଟି ପ୍ଲଟ୍। ସେହିପରି ତାଙ୍କର ଦୁଇଟି ବେନାମୀ ଫ୍ଲାଟ ଠାବ କରାଯାଇଛି। ବ୍ୟାଙ୍କରେ ସେ ୧.୧୧ କୋଟି ଟଙ୍କା ଜମା ରଖିଥିବା ବେଳେ ତାଙ୍କର ଅନ୍ୟାନ୍ୟ ଜମା ଓ ନିବେଶ ନେଇ ଭିଜିଲାନ୍ସର ତଦନ୍ତ ଜାରି ରହିଛି। ମୁଖ୍ୟଯନ୍ତ୍ରୀ ଶ୍ରୀ ରାଓଙ୍କର ଗୋଟିଏ ଚାରି ଚକିଆ ଓ ଗୋଟିଏ ଦୁଇ ଚକିଆ ଗାଡ଼ି ଅଛି। ସେହିପରି ତାଙ୍କ ଶଳାଙ୍କ ଘରୁ ନଗଦ ୪୬.୪୫ ଲକ୍ଷ ଟଙ୍କା ଜବତ କରାଯାଇଛି।

ମୁଖ୍ୟଯନ୍ତ୍ରୀ ରାଓଙ୍କ ୨ଟି କୋଠା ମଧ୍ୟରୁ ଗୋଟିଏ ବ୍ରହ୍ମପୁରର ଭବାନୀପୁରରେ ରହିଛି। ତାହା ୨୧ଶହ ବର୍ଗଫୁଟ ଅଞ୍ଚଳରେ ଥିବା ବେଳେ ଅନ୍ୟ କୋଠାଟି ଭୁବନେଶ୍ୱରର ପାତ୍ରପଡ଼ାରେ ରହିଛି, ଯାହା ୩୦୦୦ ବର୍ଗ ଫୁଟ ଅଞ୍ଚଳରେ ନିର୍ମିତ ହୋଇଛି।

ବ୍ରହ୍ମପୁରର ବୈଦ୍ୟନାଥପୁରର ସ୍ପେକ୍ଟ୍ରମ ଗ୍ରୀନ୍ ଆପାର୍ଟମେଣ୍ଟରେ ତାଙ୍କର ଏକ ଥ୍ରି-ବିଏଚ୍‌କେ ଫ୍ଲାଟ ଅଛି। ଏହା ସହିତ ତାଙ୍କର ୨ଟି ବେନାମୀ ଫ୍ଲାଟ ଥିବା ସନ୍ଦେହ କରାଯାଉଛି। ସେଥିରୁ ଗୋଟିଏ ଭୁବନେଶ୍ୱରର ସୁନ୍ଦରପଦାରେ ଓ ଅନ୍ୟଟି ବ୍ରହ୍ମପୁରର ବୈଦ୍ୟନାଥନଗରର ସ୍ୱସ୍ତିକ ଆପାର୍ଟମେଣ୍ଟରେ ରହିଛି। ଭିଜିଲାନ୍ସର ଏହା ମାଲିକ କିଏ, ତାହା ସ୍ପଷ୍ଟ କରିବାକୁ ଯାଞ୍ଚ ଜାରି ରଖିଛି। ତାଙ୍କର ୪ଟି ପ୍ଲଟ୍ ମଧ୍ୟରୁ ୨ଟି ଭୁବନେଶ୍ୱରରେ ଓ ଗୋଟିଏ ବ୍ରହ୍ମପୁରରେ ଅଛି। ଆଉ ଗୋଟିଏ ଗଞ୍ଜାମ ଜିଲ୍ଲାର ବଡ଼ଗୁମୁଲାରେ ଅଛି। ତାଙ୍କର ସମସ୍ତ କୋଠା,



ଫ୍ଲାଟ ଓ ପ୍ଲଟର ମାପଚୁପ ଓ ମୂଲ୍ୟାୟନ କାର୍ଯ୍ୟ ଜାରି ରଖିଛି ଭିଜିଲାନ୍ସର ବୈଷୟିକ ଟିମ୍। ମୁଖ୍ୟଯନ୍ତ୍ରୀ ଶ୍ରୀ ରାଓଙ୍କ ଶାଳକଙ୍କ ଘରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଉଥିଲା। ସେଠାରୁ ଭିଜିଲାନ୍ସକୁ ୪୬.୪୫ ଲକ୍ଷ ଟଙ୍କା ମିଳିଛି। ଶ୍ରୀ ➪ପୃଷ୍ଠା-୬

### କଂଗ୍ରେସ ନେତାଙ୍କ ଘରେ ଗୁପ୍ତ ମେଳି
## ବରିଷ୍ଠ ବିଜେଡି ନେତା ସାମିଲ

**ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ):** ଭରତପୁର ଥାନା ମାମଲାରେ ରାଜଧାନୀ ପୋଲିସ୍ ବ୍ୟସ୍ତ ଥିବାବେଳେ ରାଜଧାନୀରେ ରାଜନୀତି ମହଲରେ ଏବେ ହଲଚଲ ଆରମ୍ଭ ହୋଇଛି।



ଗୁଇନ୍ଦା ବିଭାଗର ନଜର ଏଡାଇ ବିଜେଡିର ବରିଷ୍ଠ ନେତାମାନେ କଂଗ୍ରେସ ନେତାଙ୍କ ସହିତ ଗୁପ୍ତ ବୈଠକ ଚଳାଇଛନ୍ତି । ଜୈନିକ ବରିଷ୍ଠ ବିଜେଡି ନେତାଙ୍କ ଗାଡିକୁ ଏକାଧିକବାର ଜଣେ ବରିଷ୍ଠ କଂଗ୍ରେସ ନେତାଙ୍କ ଘର ଆଗରେ ଦେଖାଯିବା ➪ପୃଷ୍ଠା-୬

# ପୂଜା ପୂର୍ବରୁ ମିଳିପାରେ ନିଯୁକ୍ତି ଉପହାର

## ଲମ୍ବୁଛି ତାଲିକା : ମନମୋହନଙ୍କ ପାଖରେ ବ୍ରେକ୍

**ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ):** ମୋହନ ସରକାର ୧୦୦ ଦିନ ସଫଳତାର ପୂର୍ତ୍ତି ପାଳନ କରୁଥିବାବେଳେ ଆଗାମୀ ଦୁର୍ଗାପୂଜା ପୂର୍ବରୁ ଖାଲି ପଡିଥିବା ନିଗମ ଓ ଅନ୍ୟାନ୍ୟ ସରକାରୀ ସଂସ୍ଥାରେ ନିଯୁକ୍ତି ଦେବାକୁ ଯାଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଏହିସବୁ ସଂସ୍ଥାରେ ଥଇଥାନ ହେବାପାଇଁ ଆଶାୟୀଙ୍କ ତାଲିକା ଲମ୍ବିବାରେ ଲାଗିଛି ।




ରାଜ୍ୟରେ ସରକାର ବଦଳିବା ପରେ ପରେ ନିଗମ ଓ ଅନ୍ୟ ସରକାରୀ ଓ ଅର୍ଦ୍ଧ ସରକାରୀ ସଂସ୍ଥାରେ ନିଯୁକ୍ତ ହୋଇଥିବା ବିଜେଡି ନେତାମାନେ ଇସ୍ତଫା ଦେଇଥିଲେ। ରାଜ୍ୟ ଯୋଜନା ବୋର୍ଡ ମଧ୍ୟ ଭାଙ୍ଗିଥିଲା। ସେହିଭଳି ବିଭିନ୍ନ ବିଭାଗର ଉପଦେଷ୍ଟାମାନେ ମଧ୍ୟ ଅପସରି ଯାଇଥିଲେ । ସରକାର ଦାୟିତ୍ୱ ନେବାର ମାସେ ଦେଢ଼ମାସ ମଧ୍ୟରେ ଏହିସବୁ ପଦରେ ନିଯୁକ୍ତି ପାଇବାକୁ ଶାସକଦଳର ନେତା ଓ କର୍ମୀମାନେ ଆଶା ରଖିଥିଲେ । ତେବେ ନିଯୁକ୍ତି ସମୟ ଗଡି ଗଡି ଯାଉଛି। ଆଶାୟୀଙ୍କ ତାଲିକା ଲମ୍ବୁଥିବାବେଳେ ସେମାନଙ୍କୁ ପୂଜା ଭେଟି ଦେବାପାଇଁ ମୋହନ ସରକାର ପ୍ରସ୍ତୁତି ଚଳାଇଥିବାର ସୂଚନା ମିଳୁଛି।

ଦଳୀୟ ନେତାଙ୍କ ତାଲିକାରେ ସବୁଠାରୁ ଆଗରେ ରହିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ଶ୍ରୀ ସାମଲ ଚାନ୍ଦବାଲିରୁ ନିର୍ବାଚନ ହାରିଛନ୍ତି । ତେଣୁ ସରକାରରେ ପ୍ରଥମେ ତାଙ୍କୁ କେଉଁଠାରେ ଥଇଥାନ କରାଯିବ ତାହାର ତର୍ଜମା ଚାଲିଛି । ରାଜ୍ୟ ଯୋଜନା ବୋର୍ଡର ଅଧ୍ୟକ୍ଷ ପଦରେ ଶ୍ରୀ ସାମଲଙ୍କୁ ନିଯୁକ୍ତି ଦେବାପାଇଁ ଏକାଧିକ ବାର ଚର୍ଚ୍ଚା ହେଉଥିଲେ ମଧ୍ୟ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳୁନାହିଁ । ରାଜ୍ୟ ଯୋଜନା ବୋର୍ଡର ଅଧ୍ୟକ୍ଷ ପଦବୀରେ ସାଧାରଣତଃ ମୁଖ୍ୟମନ୍ତ୍ରୀ ବସୁଥିବାବେଳେ ସରକାର ଚାହିଁଲେ କ୍ୟାବିନେଟ୍ ପାହ୍ୟାର ଏହି ପଦବୀରେ ବାହାର ଲୋକଙ୍କୁ ନିଯୁକ୍ତି ଦେଇପାରିବେ ।

ସେହିଭଳି ସମସ୍ତ ନିଗମ, ସମବାୟ ସଂସ୍ଥା ସମେତ ପଶ୍ଚିମଓଡିଶା ବିକାଶ ପରିଷଦ ଭଳି ସଂସ୍ଥାରେ ମୁଖିଆ ନାହାନ୍ତି । ଏଥି ସହିତ ବର୍ତ୍ତମାନ ସୁଦ୍ଧା ସରକାରୀ ଓକିଲ ମଧ୍ୟ ନିଯୁକ୍ତ ହୋଇ ନାହାନ୍ତି । ଏହାଛଡା ପୂର୍ବ ସରକାର ଢାଞ୍ଚାରେ ଯଦି ମୋହନ ସରକାର ବିଭିନ୍ନ ବିଭାଗରେ ଉପଦେଷ୍ଟା ନିଯୁକ୍ତ କରନ୍ତି ତେବେ ଅନେକ ବିଜେପି ନେତା ଓ କର୍ମୀ ଥଇଥାନ ହେବେ ।

ନିର୍ବାଚନ ସମୟରେ ବିଜେପିକୁ ଜିତାଇବାପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ କରିଥିବା ଦଳୀୟ ନେତାମାନେ ଏବେ ସରକାରରେ ଥଇଥାନ ହେବାପାଇଁ ପ୍ରସ୍ତୁତ ହୋଇ ରହିବା ସହିତ ଦିନ ➪ପୃଷ୍ଠା-୬



## କଣାସ ପଞ୍ଚାୟତ ସମିତି ନବମ ବୈଠକ କୋରମ ଅଭାବରୁ ବାତିଲ

**କଣାସ, ୨୦।୯ (ସଂଚାର ବ୍ୟୁରୋ):** କଣାସ ପଞ୍ଚାୟତ ସମିତିର ନବମ ବୈଠକ ଆଜି ଦିନ ୧୧ଟା ସମୟରେ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହେବ ବୋଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ନାରାୟଣ ସାହୁ ବୈଠକ ଡାକିଥିଲେ । କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତର ୫୬ଜଣ ଲୋକପ୍ରତିନିଧି ଥିବା ବେଳେ ବିଧାୟକ ଓ ସାଂସଦ ମିଶି ୫୮ଜଣ ଯୋଗଦେବାକୁ ଥିବା ବେଳେ ମାତ୍ର ୧୧ଜଣ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦଇଥିଲେ । ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ, ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ବିଡିଓ ନାରାୟଣ ସାହୁ, ଜିଲ୍ଲାପରିଷଦ ସଭ୍ୟା ଲତାମଣି ଜଗଦେବ, କଣାସ ଆଇ.ଆଇ.ସି ରାକେଶ କୁମାର ତ୍ରିପାଠୀ, ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ରମେଶ ଚନ୍ଦ୍ର ବେହେରା ମଞ୍ଚରେ ବସିରହିଥିଲେ । ଦୀର୍ଘ ଦେଢଘଣ୍ଟା ଧରି ଅପେକ୍ଷା କରିବା ପରେ କୋରମ ନହେବାରୁ ବିଡିଓ ନାରାୟଣ ସାହୁ ବୈଠକକୁ ବାତିଲି କରିଥିଲେ । ଖବର ନେବାରେ ଜଣାପଡିଛି ବିଜେଡି ବିଜେଡି ମଧ୍ୟରେ ଛକାପଞ୍ଝା ଯୋଗୁଁ ଆଜି ଲୋକ ପ୍ରତିନିଧିମାନେ ସଭାରେ ଯୋଗଦେଇ ନ ଥିବା ଜଣାପଡିଛି ।

## ନୀଳଗିରି ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ କାରଣଦର୍ଶାଅ ନୋଟିସ

**ନୀଳଗିରି, ୨୦।୯ (ସଂଚାର ବ୍ୟୁରୋ):** ବିନା ଅନୁମତିରେ ନୀଳଗିରି ଏନ୍ଏସିର ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ ଦୀର୍ଘ ୧ମାସ ଧରି ଏନ୍ଏସି କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା ନେଇ ନୀଳଗିରି ବିଜ୍ଞାପିତ ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ଅମ୍ବିକା ଦାସ ଗତ ୧୯ତାରିଖରେ ଶ୍ରୀ ଦାସକୁ ଚିଠି ଲେଖି କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ପୂର୍ବରୁ ନୀଳଗିରି ସହରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଅନିୟମିତତା ନେଇ ବିବାଦରେ ଛନ୍ଦି ହୋଇପଡିଥିବା ଶ୍ରୀ ଦାସ ଗତ ଅଗଷ୍ଟ ୧୬ତାରିଖ ଠାରୁ ସେପ୍ଟେମ୍ବର ୧୫ତାରିଖ ପର୍ଯ୍ୟନ୍ତ ବିନା ଅନୁମତିରେ ଅନୁପସ୍ଥିତ ରହିଛନ୍ତି। ଫଳରେ ସହରର ବିଭିନ୍ନ ସରକାରୀ କାର୍ଯ୍ୟର ବାଧା ଉପୁଜୁଛି। ଏପରିକି ଅଗଷ୍ଟ ୩୧ ସ୍ୱାୟତ୍ତଶାସନ ଦିବସରେ ଅନୁପସ୍ଥିତ ରହିବା ସହରାଞ୍ଚଳବାସୀଙ୍କୁ ମର୍ମାହତ କରିଛି। ଏଥିସହିତ ବର୍ତ୍ତମାନ ବର୍ଷା ଋତୁ ଚାଲିଥିବାରୁ ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁଁ ସହରର ଡ୍ରେନ ଗୁଡ଼ିକ ମରାମତି ଓ ପରିଷ୍କାର ହୋଇନଥିବାରୁ ରାସ୍ତା ଉପରେ ପାଣି ନିଷ୍କାସନ ହୋଇନପାରି ରାସ୍ତା ଉପରେ ଜମା ହୋଇ ରହୁଛି । ଏନ୍ଏସିର ୭ନମ୍ବର ୱାର୍ଡର ରମାକାନ୍ତ ଦାସ ଓ ଅନନ୍ତ ବେହେରାଙ୍କର ଦୀର୍ଘ ୨ମାସ ଧରି ଭତ୍ତା ଅନଲାଇନ୍ ହୋଇପାରୁନଥିବାର ମଧ୍ୟ ଅଭିଯୋଗ ଉଠିଛି। ସହରବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏନେଇ ଅଧ୍ୟକ୍ଷା ଅମ୍ବିକା ଦାସ ପି.ଡି.ଡୁଡା (ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା)ର ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅବଗତ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀମତୀ ଦାସ ଚିଠି ଲେଖିଥିବାର ଜଣାପଡ଼ିଛି। ଏଥିସହିତ ବାଲେଶ୍ୱର ଜିଲ୍ଲାପାଳ, ନୀଳଗିରି ଉପ ଜିଲ୍ଲାପାଳଙ୍କୁ ଅବଗତ କରିଥିବାର ଜଣାପଡ଼ିଛି।

ଆସୁଛି ପାର୍ବଣ ଋତୁ

# ଗାଁ'ଠୁ ସହର ରାସ୍ତାଘାଟ ଶୋଚନୀୟ

**କେନ୍ଦ୍ରାପଡ଼ା, ୨୦।୯ (ସଂଚାର ବ୍ୟୁରୋ):** ଧରାପୃଷ୍ଠରେ ପାର୍ବଣ ଋତୁ ଆଉ ଅଳ୍ପ ଦିନ ପରେ ଆରମ୍ଭ ହେବ । ଧରା ପୃଷ୍ଠରେ ମନମୋହିଲାଣୀ କାଶତଣ୍ଡି । ବିଭିନ୍ନ ପୂଜା ମଣ୍ଡପରେ ମାଁ ଦୁର୍ଗା ଓ ଗଜଲକ୍ଷ୍ମୀଙ୍କ ପାଇଁ ମୂର୍ତ୍ତି କାରିଗର ପ୍ରସ୍ତୁତି ମଧ୍ୟ ଆରମ୍ଭ କଲେଣି । ଏହି ପର୍ବପର୍ବାଣୀକୁ ସରସ ସୁନ୍ଦର କରିବା ପାଇଂ ବିଭିନ୍ନ ଅନୁଷ୍ଠାନ ଗୁଡିକ ଲାଗି ପଡିଲେଣି । କିନ୍ତୁ ସୁଧୁରୁନି ରାସ୍ତାଘାଟର ସମସ୍ୟା। କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ପୂଜାରେ ଲକ୍ଷାଧିକ ଲୋକଙ୍କ ସମାଗମ ହେବ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲୋକେ ଏଠାକୁ ଗଜଲକ୍ଷ୍ମୀ ପୂଜା ଦେଖିବା ପାଇଁ ଆସିବେ । ହେଲେ ଏବେ ରାସ୍ତାଘାଟର ଅବସ୍ଥା ଶୋଚନୀୟ ହୋଇପଡିଛି ।



ତିନିମୁହାଣୀ ଠାରୁ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ସର୍ବାଧିକ ଖାଲଖମା ସୃଷ୍ଟି ହୋଇଛି ନୂଆ ବସଷ୍ଟାଣ୍ଡରୁ ମହିପାଳ ମଧ୍ୟରେ। ଏହି ଖାଲଖମାରେ ପଡି ପ୍ରତିଦିନ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଦୁଇ ଚକିଆ ଗାଡି ଖାଲ ଖମାରେ ପଡି ଖରାପ ହେଉଛି । ସେହିପରି ସାଇକଲ ଆରୋହୀମାନେ ସର୍ବାଧିକ ସମସ୍ୟାରେ ପଡୁଛନ୍ତି। ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯିବା ଆସିବା କରୁଥିବା ପିଲାମାନେ ବହୁ ସମସ୍ୟାରେ ପଡୁଛନ୍ତି । ଏବେଠାରୁ ଏହି ରାସ୍ତାର ମରାମତି ଆବଶ୍ୟକତା ପଡିଲାଣି। କିନ୍ତୁ ଏଥିପ୍ରତି ବିଭାଗ ଦୃଷ୍ଟି ଦେଉନାହିଁ। ଏବେଠାରୁ ରାସ୍ତା ଘାଟର ମରାମତି ନହେଲେ ପାର୍ବଣ ସମୟରେ ବିପଦ ସୃଷ୍ଟି କରିବ । ଯଦିବା ପାର୍ବଣ ପୂର୍ବରୁ ମରାମତି ହେବ ତେବେ ସଠିକ ଭାବେ କାମ ହୋଇପାରିବ ନାହିଁ । କେବଳ ରାତି ଅଧିଆ ତରବରିଆ କାମ ହେବ । ଯାହାର ସ୍ଥାୟିତ୍ୱକୁ ନେଇ ବିଭିନ୍ନ ମହଲରେ ଆଲୋଚନା ହେବ । ତେଣୁ ଏବେଠାରୁ ରାସ୍ତା ମରାମତି କାର୍ଯ୍ୟ କରିବା ଜରୁରୀ ହୋଇ ପଡିଛି ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି ।

ସମାଜସେବୀ ନିରଞ୍ଜନ ପଟ୍ଟନାୟକ କହିଛନ୍ତି କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବାକୁ ଆଉ ମାସଟିଏ ମଧ୍ୟ ସମୟ ନାହିଁ । ଆସନ୍ତା ଅକ୍ଟୋବର ମାସ ୧୬ରୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଯିବ । ତେଣୁ ଏବେଠାରୁ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହେଲେ ଭଲ କାମ ହେବ । କିନ୍ତୁ ପୂଜା ପୂର୍ବରୁ ହାତ ଗଣତି କେତୋଟି ଦିନ ଥାଇ ମରାମତି କାର୍ଯ୍ୟ କରାଗଲେ ନିମ୍ନମାନର କାର୍ଯ୍ୟ ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

### ରାଜନଗରରେ ଜାତୀୟ ସୁନାମୀ ରେଡି ବୋର୍ଡ ଯାଞ୍ଚ ଟିମ୍

## ସୁନାମୀ ସଚେତନତା ଉପରେ ବୁଝିଲେ

**ରାଜନଗର, ୨୦।୯ (ସଂଚାର ବ୍ୟୁରୋ):** ଆଜି ରାଜନଗରରେ ଜାତୀୟ ରେଡି ବୋର୍ଡର ଏକ ଟିମ ପହଁଚି ସୁନାମୀ ନେଇ ଲୋକେ କେତେ ସଚେତନ ତାର ଯାଞ୍ଚ କରିଛନ୍ତି । ଏହି ଟିମରେ ଇଣ୍ଡିଆନ



ନ୍ୟାସନାଲ ସେଣ୍ଟର ଫର ଓସିଅନ ଫର ଇନଫରମେଟିକ ସିଷ୍ଟମ(ଇନକଏସ)ର ଡାଇରେକ୍ଟର ଡଃ. ଟି.ଶ୍ରୀନିବାସ କୁମାର, ଗ୍ରୁପ ଡାଇରେକ୍ଟର ଇ. ପଟାଭି ରାମାରାଓ, ସାଇଂଟିଷ୍ଟ ଇ ଇନକଏସର ମିସ୍ ସୁନନ୍ଦା ମାନିଲା, ଡି ଇନକଏସର ଡଃ. ଅଜୟ କୁମାର ବି, ଡଃ. ପ୍ରକାଶ ମହାନ୍ତି, ଏଫ ଇନକଏସର ଡଃ. ଆର.ଏସ. ମହିନ୍ଦ୍ରା, ଓସଡମାର ଡିଜିଏମ ରଶ୍ମୀ ରଂଜନ ରାଉତ, ଡେପୁଟି କଲେକ୍ଟର ମିସ୍ ପଲ୍ଲବୀ ପାତ୍ର, ଡିପିଓ ସନ୍ତୋଷ ବେହୁରା ପ୍ରମୁଖ ହାତିନା ପଂଚାୟତର କଏଥା ଓ ଡେରା ପଂଚାୟତର ଚିଚିଂରି ଗାଁରେ ପହଁଚି ଗ୍ରାମବାସୀ ଓ ମହିଳାଙ୍କ ସହ ଆଲୋଚନା କରିଥିଲେ । ପରେ ଗାଁରେ ସୁନାମୀ ସଚେତନତା ସଂପର୍କିତ କଣ କଣ କାର୍ଯ୍ୟକ୍ରମ କରାଯାଇଛି ଓ କେଉଁ କେଉଁ ସ୍ଥାନରେ କି କି ଫଳକ ଲାଗିଛି, ତା ବୁଲି ଦେଖିଥିଲେ । ଏଥିସହ ଗାଁ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ପହଁଚି ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଙ୍ଗନୱାଡି କର୍ମୀଙ୍କୁ ସୁନାମୀ ସଚେତନ ସଂପର୍କିତ ପ୍ରଶ୍ନ ପଚାରିଥିଲେ। ଏହାପରେ ସୁନାମୀ ଆସିଲେ, ସୁନାମୀ ପ୍ରଭାବିତ ଲୋକେ କେଉଁ ରାସ୍ତା ଦେଇ କେଉଁ ଆଶ୍ରୟସ୍ଥଳୀକୁ ଯିବେ ସେ ରାସ୍ତା ଓ ଆଶ୍ରୟସ୍ଥଳୀ ଦେଖିବା ସହିତ ଲୋକେ ସେ ସଂପର୍କରେ ଜାଣିଛନ୍ତି ନାହିଁ, ତାହା ପଚାରି ବୁଝିଥିଲେ ।

ଏହି ଦୁଇଟି ଗାଁର ଲୋକେ ପରିପାଙ୍ଗରା ବାତ୍ୟା ଆଶ୍ରୟସ୍ଥଳୀ ଓ ବିଦ୍ୟାଳୟରେ ସୁନାମୀ ଆସିଲେ ରହିବାର ସ୍ଥିର ହୋଇଥିବାରୁ ଦୁଇଟି ଆଶ୍ରୟସ୍ଥଳ ଓ ଆଶ୍ରୟସ୍ଥଳକୁ ଯିବା ପାଇଁ ଥିବା ରାସ୍ତା ଗୁଡିକୁ ବୁଲି ଦେଖିଥିଲେ । ୟୁନେସ୍କୋ ପକ୍ଷରୁ ଏହି ଯାଂଚ କରାଯାଉଛି । ଏହି ଯାଂଚରେ ଶ୍ରେଷ୍ଠ ବିବେଚିତ ହେଲେ ଏହି ଗାଁ ଗୁଡିକୁ ସୁନାମୀ ରେଡି ଗାଁ ହିସାବରେ ୟୁନେସ୍କୋ ପକ୍ଷରୁ ଘୋଷଣା କରାଯିବା ସହ ସାର୍ଟିଫିକେଟ ପ୍ରଦାନ କରାଯିବ।

## ଚିକେନ ବ୍ୟବସାୟୀଙ୍କୁ ତାଗିଦ

**ବାଲିଚନ୍ଦ୍ରପୁର, ୨୦।୯ (ସଂଚାର ବ୍ୟୁରୋ):** ରାଜ୍ୟରେ ବିଭିନ୍ନ ସ୍ଥାନରେ ବାର୍ଡ଼ଫ୍ଲୁ ଆତଙ୍କ ଦେଖାଦେଇଛି । କୁକୁଡ଼ା ଫାର୍ମ ମାନଙ୍କରେ କୁକୁଡ଼ା ମଡ଼କ ପଡ଼ିଛି । ଫାର୍ମ ମାଲିକ ମାନେ କୁକୁଡ଼ା ମାନଙ୍କୁ ନେଇ ରାସ୍ତା କଡ଼ରେ ଫପାଡ଼ିବା ପରେ ପ୍ରାଣିସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ସଚେତନତା ମୂଳକ ପଦକ୍ଷେପ ନିଆଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲା ଡ଼େରାବିଶ ବ୍ଲକ ଓ ମାହାଙ୍ଗା ବ୍ଲକରେ ବାର୍ଡ଼ଫ୍ଲୁ ରୋଗ ଚିହ୍ନଟ ହେବା ପରେ ବିଭିନ୍ନ ସ୍ତରରେ ତତ୍ପରତା ଦେଖାଦେଇଛି । ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ କେନ୍ଦ୍ରାପଡ଼ା ଜିଲ୍ଲା ଡ଼େରାବିଶ ବ୍ଲକ ଓ ମାହାଙ୍ଗା ବ୍ଲକ ସୀମାକୁ ଲାଗିରହିଛି । ଏଥିନେଇ ଯାଜପୁର ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବଡ଼ଚଣା ବ୍ଲକର ୫ ଗୋଟି ସ୍ଥାନରେ ସତର୍କତା ଅମ୍ବଲମ୍ବନ କରାଯିବା ସହ ୫ଟି ସ୍ଥାନରେ ତନଖିଫାଟକ କରାଯାଇ ଅଣ୍ଡା ଓ କୁକୁଡ଼ା ଗାଡ଼ି କିପରି ବାଲିଚନ୍ଦ୍ରପୁର ଓ ତାର ଆଖପାଖ ଅଞ୍ଚଳକୁ ପ୍ରବେଶ ନକରିବ



ସେଥିପାଇଁ ଗାଡ଼ି ମଟର ଗୁଡ଼ିକ ପ୍ରାଣିସମ୍ପଦ ବିଭାଗ ପକ୍ଷରୁ ବାଲିଚନ୍ଦ୍ରପୁର ପୋଲିସ ସହାୟତାରେ ତନଖି କରାଯାଉଛି । ମାତ୍ର କେତେକ ଅସାଧୁ ବ୍ୟବସାୟୀ ଗଳାବାଟ ଦେଇ କୁକୁଡ଼ା ଓ ଅଣ୍ଡା ଆଣି ବାଲିଚନ୍ଦ୍ରପୁର, ଚାରିନଙ୍ଗ. ନଳୀପୁର ଏବଂ ତାର ଆଖପାଖ ଅଞ୍ଚଳରେ ବିକ୍ରି କରୁଥିବା ପ୍ରଶାସନ ନଜରକୁ ଆସିବା ପରେ ଶୁକ୍ରବାର ବାଲିଚନ୍ଦ୍ରପୁର ବଜାରରେ ଥିବା ଅଣ୍ଡା ଓ କୁକୁଡ଼ା ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକୁ ବିଭାଗୀୟ ଅଧିକାରୀ ଓ ବାଲିଚନ୍ଦ୍ରପୁର ପୋଲିସ ପହଞ୍ଚି ତାଗିଦ କରୁଥିବା ଦେଖାଯାଇଛି । ଯଦି ତାଗିଦ ପରେ ଅଣ୍ଡା ଓ କୁକୁଡ଼ା ମାଂସ ବିକ୍ରି କରନ୍ତି, ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି । ଏହି ଅଭିଯାନରେ ବିଭାଗୀୟ ଡ଼ାକ୍ତର ଲକ୍ଷ୍ମୀକାନ୍ତ ଜେନା, ଏଲ.ଆଇ ସଂଜୟ କୁମାର ଜେନା, କର୍ମଚାରୀ ଅଶୋକ କୁମାର ବେହେରା ଓ ବାଲିଚନ୍ଦ୍ରପୁର ଥାନା ପୋଲିସ ସାମିଲ ଥିଲେ । ସରକାରଙ୍କ ନିର୍ଦ୍ଦେଶ ନଆସିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି କଟକଣା ଜାରି ରହିବ ବୋଲି ଡ଼ାକ୍ତର ଶ୍ରୀ ଜେନା ପ୍ରକାଶ କରିଛନ୍ତି ।

## ବିକାଶ ମେଳା ପାଇଁ ଜିଲ୍ଲାପାଳଙ୍କ ପ୍ରସ୍ତୁତି ବୈଠକ

### ଜଗତସିଂହପୁର ଆସୁଛନ୍ତି ଉପମୁଖ୍ୟମନ୍ତ୍ରୀ

**ଜଗତସିଂହପୁର, ୨୦।୯ (ସଂଚାର ବ୍ୟୁରୋ):** ସଦର ମହକୁମା ଠାରେ ଆଗାମୀ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କର ୧୦୦ ଦିନ ପୂର୍ତ୍ତି ଅବସରରେ ବିକାଶ ମେଳାର ଆୟୋଜନ ହେବାକୁ ଯାଉଅଛି ଏବଂ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ମାନନୀୟା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉକ୍ତ ମେଳାକୁ ୨୧ ତାରିଖ ଅପରାହ୍ନରେ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଉଦଘାଟନ କରିବା ସହିତ ଏହି ମହା ସମାରୋହରେ ଜନସାଧାରଣଙ୍କୁ ଉଦବୋଧନ ଦେବେ।

ଏଥିପାଇଁ, ଜିଲ୍ଲା ପ୍ରଶାସନ ତତ୍ପର ହୋଇ ଉଠିଛି। ସାଧାରଣ ନିର୍ବାଚନ ପରେ ପ୍ରଥମ ଥର ପାଇଁ ମାନନୀୟା ଉପ ମୁଖ୍ୟମନ୍ତ୍ରୀ ଜଗତସିଂହପୁର ଗସ୍ତ କରିବେ। ଏଣୁ ଏହି ବିକାଶ ମେଳାର ଆୟୋଜନ ଓ ସୁପରିଚାଳନା ନିମନ୍ତେ ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ବିକାଶ ମେଳାକୁ ସଫଳ କରିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସୁଚିନ୍ତିତ ଯୋଜନା ଏବଂ ନିରବଚ୍ଛିନ୍ନ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଭିତ୍ତିଭୂମି,



ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ପରିଚାଳନା ଏବଂ ଜନସାଧାରଣଙ୍କ ସୁବିଧା ଉପରେ ଆଲୋଚନା କରାଯାଇଥିଲା। ସେହି ଭଳି ଭିଡ଼ ନିୟନ୍ତ୍ରଣ, ସୁରକ୍ଷା ନିୟମାବଳୀ, ଜରୁରୀକାଳୀନ ଚିକିତ୍ସା ଏବଂ ସେବା ଉପରେ ବିଶେଷ ଆଲୋଚନା କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ଆୟୋଜନ ହେବାକୁ ଯାଉଥିବା ବିକାଶ ମେଳା ୨୧ ତାରିଖରୁ ଆରମ୍ଭ ହୋଇ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆ ଯାଇଛି । ଏହି ତିନି ଦିନରେ ସମସ୍ତ ବିଭାଗୀୟ ଉନ୍ନତିମୂଳକ କାର୍ଯ୍ୟର ପ୍ରଦର୍ଶନୀ ହେବା ସହିତ ବିଭିନ୍ନ ସାଂସ୍କୃତିକ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ।

## ବାଲିଅନ୍ତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



**ବାଲିଅନ୍ତା, ୨୦।୯ (ସଂଚାର ବ୍ୟୁରୋ):** ଆଜି ଉପହାର ଫାଉଣ୍ଡେସନ ତରଫରୁ ଏକ ବିଶାଳ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଇଏମ୍ଡି-ଜେଡିଏନ୍ ରାଜ୍ୟ ସଭାପତି ଚିନ୍ମୟ ସାହୁ ଏବଂ ନିମନ୍ତ୍ରିତ ଅତିଥି ଭାବେ ଡ. ସତୀଶ ପ୍ରସାଦ ମଣ୍ଡଳ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମଟି ଭୁବନେଶ୍ୱର ସ୍ଥିତ ବାଲିଅନ୍ତା ଉପଖଣ୍ଡରେ ଅନୁଷ୍ଠିତ ହୋଇଥିଲା । ଆୟୋଜକ କମିଟିରେ ସୌରଭ ବିଶ୍ୱାଳ, ଶୁଭ୍ରଜିତ୍ ଦାଶ, ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସହସଂଯୋଜକ ତାରାପ୍ରସାଦ କର ଉପସ୍ଥିତ ଥିଲେ। ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକୁ ସଫଳ କରିବା ପାଇଁ ଆମେ ସମସ୍ତେ ଆସନ୍ତୁ ମିଳିମିଶି ବୃକ୍ଷ ରୋପଣ କରିବା ଓ ପରିବେଶକୁ ସଫା ରଖିବା ପାଇଁ ଏହି କାର୍ଯ୍ୟକ୍ରମରେ ଆହ୍ୱାନ କରାଯାଇଛି ।

## ଜାତୀୟ ଉଦ୍ୟାନରୁ ଜାଲ ଡିଙ୍ଗି ଜବତ

**ରାଜନଗର, ୨୦।୯ (ସଂଚାର ବ୍ୟୁରୋ):** ଭିତରକନିକା ଜାତୀୟ ଉଦ୍ୟାନରେ ବେଧଡକ ଭାବେ ମାଛ ମରାଯାଉଛି । କିଏ ବେଢଜାଲ ବସାଇ ମାଛ ମାରୁଛି ତ ଆଉ କିଏ ଡିଙ୍ଗି ସାହାଯ୍ୟରେ ଜାଲ ବସାଇ ମାଛ ମାରୁଛି । ଜାତୀୟ ଉଦ୍ୟାନର ମଇପୁରା ନଦୀରେ ଗତକାଲି ମାଛ ମାରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଟିମ୍ ଗୋଟିଏ ଡିଙ୍ଗି ଜବତ ହୋଇଥିବା ବେଳେ ମାଛ ମାରୁଥିବା ମତ୍ସ୍ୟଜିବୀ ଚକ୍ମା ଦେଇ ଫେରାର ହୋଇଯାଇଛନ୍ତି । ଗୁପ୍ତି ଫରେଷ୍ଟର ବିଭୂତି ତରାଇଙ୍କ ନେତୃତ୍ୱରେ ଫରେଷ୍ଟଗାର୍ଡ ତ୍ରିଦୀପ ପ୍ରଧାନ ଓ ବନକର୍ମଚାରୀମାନେ ମଇପୁରା ନଦୀରେ ଜାଲ ସହିତ ଡିଙ୍ଗି ଜବତ କରିଥିଲେ । ବନ ବିଭାଗର ପାଟ୍ରୋଲିଂ ଟିମ୍କୁ ଦେଖି ମାଛ ମାରୁଥିବା ମତ୍ସ୍ୟଜିବୀମାନେ ଜାଲ ଓ ଡଙ୍ଗା ଛାଡି ଛୁ ମାରିଥିଲେ ।

## କେନ୍ଦ୍ରାପାଡ଼ା ପୌର ପରିଷଦର ସ୍ୱାସ୍ଥ୍ୟ ଶିବିର

**କେନ୍ଦ୍ରାପଡା, ୨୦।୯ (ସଂଚାର ବ୍ୟୁରୋ):** ପୌର ପରିଷଦ ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ସହ ସ୍ୱାସ୍ଥ୍ୟ ଶିବିର ଆୟୋଜନ କେନ୍ଦ୍ରାପଡ଼ା ପୌର ପରିଷଦର ରେ କରାଯାଇଛି । ସ୍ୱଚ୍ଛତା ହିଁ ସେବା ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର ୧୭ତାରିଖରୁ ଅକ୍ଟୋବର ୧ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ । ଏହି ପରିପ୍ରେକ୍ଷୀରେ ସଫେଇ କର୍ମଚାରୀମାନଙ୍କ ପାଇଁ ସଫେଇ ମିତ୍ର ସୁରକ୍ଷା ଶିବିର ନିମନ୍ତେ ଆଜି କେନ୍ଦ୍ରାପଡା ପୌର ପରିଷଦ ଆନୁକୂଲ୍ୟରେ ଟାଉନ ହଲ୍ରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ସମସ୍ତ ସଫେଇ କର୍ମଚାରୀଙ୍କ ସମେତ ପୌରସଭ୍ୟ, ପୌର କର୍ମଚାରୀ ଏବଂ ସହର ଅଧିବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି ଅବସରରେ ଏମାନଙ୍କୁ ହେପାଟାଇଟିସ୍-ବି ଟୀକା, ମଧୁମେହ ପରୀକ୍ଷା, ରକ୍ତଚାପ ପରୀକ୍ଷା କରାଯାଇଥିଲା । ଏହି ଶିବିରରେ ଗଣମାଧ୍ୟମ ପ୍ରତିନିଧି ଏହାର ସୁଯୋଗ ନେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟ କର୍ମଚାରୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସହରକୁ ସଫା ସୁତୁରା କରିବା ସହିତ ସ୍ୱଚ୍ଛ ରହିବା ପାଇଁ ଦୀର୍ଘ ୧୦ବର୍ଷ ହେବ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଜରିଆରେ କରାଯାଛି। ଏହି ସ୍ୱାସ୍ଥ୍ୟ ଶିବିରକୁ ପୌରସଭ୍ୟ ଉମେଶ ନାୟକ, ନିରାକାର ସ୍ୱାଇଁ ଏବଂ ପୌର କର୍ମଚାରୀ ପରିଚାଳନା କରିଥିଲେ ।



## ୟୁନାଇଟେଡ୍ ବେଭେରେଜ୍ କମ୍ପାନୀରେ ଶ୍ରମିକ ଧାରଣା

**ଖୋର୍ଦ୍ଧା, ୨୦।୯ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା ୟୁନାଇଟେଡ଼ ବେଭେରେଜ୍ କମ୍ପାନୀର ଶ୍ରମିକମାନେ ଶୁକ୍ରବାର ଦିନ ଆନ୍ଦୋଳନ ମୁଖର ହୋଇ କମ୍ପାନୀ ସମୁଖରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ତେବେ ଏହି କମ୍ପାନୀର ଶ୍ରମିକମାନେ ପ୍ରାୟ ସମୟରେ କମ୍ପାନୀ ମାଲିକ ଉପରେ ଅସନ୍ତୁଷ୍ଟ ହୋଇ ଅନେକ ସମୟରେ ଧାରଣା ଦେଉଥିବା ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହି କମ୍ପାନୀରେ ଶତାଧିକ ମହିଳା ଶ୍ରମିକ ଓ ପୁରୁଷ ଶ୍ରମିକ କାର୍ଯ୍ୟରତ ରହିଥିବା ବେଳେ କମ୍ପାନୀ ମାଲିକ ଏମାନଙ୍କୁ ସରକାରୀ ଗାଇଡ଼ ଲାଇନକୁ ଅବମାନନା କରି ବେଆଇନ ଭାବରେ ଶୋଷଣ କରି ଚାଲିଛି। ଯାହାକୁ ସହ୍ୟ ନକରି ପାରି ଶ୍ରମିକମାନେ ବହୁବାର ଆନ୍ଦୋଳନ କରିବା ସହିତ ଶ୍ରମ ଅଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି। ତେବେ ଶ୍ରମିକମାନଙ୍କ କଥାକୁ କେହି କର୍ଣ୍ଣପାତ କରୁନଥିବା ଶ୍ରମିକ ମାନେ ପ୍ରକାଶ କରିଛନ୍ତି । ତଥାପି ନିଜର ଭୋକ ମେଣ୍ଟାଇବା ପାଇଁ ଶ୍ରମିକମାନେ ମୁଣ୍ଡ ପୋତି ଏହି କମ୍ପନିରେ କାର୍ଯ୍ୟ କରି ଆସୁଛନ୍ତି। ତେବେ କମ୍ପାନୀ ମାଲିକର ଜୁଲୁମ ଦିନକୁ ଦିନ ବଢ଼ିବାରେ ଲାଗୁଥିବା ବେଳେ ଶ୍ରମ ଆଇନ ଆଡୁଆଳରେ କମ୍ପାନୀ ମାଲିକ ରହିଥିବା ଭଳି ମନେ ହେଉଛି । ଯାହା ଫଳରେ ସରକାରଙ୍କ ନିୟମକୁ ଅବମାନନା କରି ନିଜ ମନମୁତାବକ ଶ୍ରମିକଙ୍କୁ ପାରିଶ୍ରମିକ ପ୍ରଦାନ କରୁଛନ୍ତି । ନୂତନ ସରକାର ଶ୍ରମିକମାନଙ୍କ ହିତ ଦୃଷ୍ଟିରୁ ସର୍ବନିର୍ମ୍ନ ୪୫୦ ଟଙ୍କା ଏବଂ କୁଶଳି, ଅର୍ଦ୍ଧ କୁଶଳିମାନଙ୍କ ପାଇଁ ପାରିଶ୍ରମିକ ବୃଦ୍ଧି କରୁଥିବା ବେଳେ କମ୍ପାନୀ ମାଲିକ ସରକାରଙ୍କ ନିୟମକୁ ଉଲଂଘନ କରି ଶ୍ରମିକଙ୍କୁ ଶୋଷଣ କରିବାରେ ଲାଗିଛନ୍ତି। ସରକାରଙ୍କ ନିର୍ଦ୍ଦେଶକୁ କମ୍ପାନୀ ହେୟ ଜ୍ଞାନ କରୁଥିବାରୁ ଶ୍ରମିକମାନେ ପନ୍ଦର ଦିନ ପୂର୍ବରୁ କମ୍ପାନୀକୁ ଚେତାଇ ଦେଇଥିଲେ ଯେ ସରକାରଙ୍କ ନିର୍ଦ୍ଦେଶ ଅନୁଯାଇ ଶ୍ରମିକଙ୍କ ପାରିଶ୍ରମିକ ବୃଦ୍ଧି କରା ନଗଲେ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ। ତେବେ ଶ୍ରମିକମାନଙ୍କ କଥାକୁ କମ୍ପାନୀ ମାଲିକ କର୍ଣ୍ଣପାତ କରି ନଥିବାରୁ ଶୁକ୍ରବାର ଦିନ ଶ୍ରମିକମାନେ କମ୍ପାନୀ ସମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି।

## ଜିଲ୍ଲାସ୍କୁଲ୍ ଭୂସଂପତ୍ତିର ସୁରକ୍ଷା ନେଇ ଗଣଧାରଣା ୩୦ରେ

**ବାଲେଶ୍ୱର, ୨୦।୯ (ସଂଚାର ବ୍ୟୁରୋ):** ଗତ ୧୮୫୩ ମସିହାରେ ପ୍ରତିଷ୍ଠିତ ବାଲେଶ୍ୱର ଜିଲ୍ଲା ସ୍କୁଲ୍ ଭୂସଂପତ୍ତିର ସୁରକ୍ଷା ପାଇଁ ବାଲେଶ୍ୱର ସିଭିଲ୍ ସୋସାଇଟି ନେତୃତ୍ୱରେ ସ୍କୁଲ୍ ପରିଚାଳନା କମିଟି ଓ ପୁରାତନ ଛାତ୍ର ସଂସଦ ସମେତ ବହୁ ସାମାଜିକ ସଂଗଠନ ଆସନ୍ତା ୩୦ ତାରିଖ ସୋମବାର ଦିନ ୧୦ଟାରୁ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣାରେ ବସିବାକୁ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ସୋସାଇଟିର ପରିବର୍ଦ୍ଧିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବାଲେଶ୍ୱର ଜିଲ୍ଲାରେ ଚଳିତ ବନ୍ୟାରେ କ୍ଷତିଗ୍ରସ୍ତଙ୍କ ପାଇଁ ବୈଠକରେ ସମବେଦନା ଜଣାଇ ପୂର୍ବ ନିର୍ଦ୍ଧାରିତ ତାରିଖରେ ଗଣଧାରଣା କରାଯାଇପାରିଲା ନାହିଁ ବୋଲି ସୋସାଇଟି ପକ୍ଷରୁ କୁହାଯାଇଛି । ବାଲେଶ୍ୱର ଜିଲ୍ଲାପାଳଙ୍କୁ ଓ ରାଜ୍ୟ ସରକାରଙ୍କୁ ଏହି ସମସ୍ୟାର ସମାଧାନ ପାଇଁ ଲିଖିତ ଭାବେ ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ବୈଠକରେ ଉପସ୍ଥିତମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ସ୍କୁଲ୍ ଅବସ୍ଥିତ ଥିବା ୧୨ ଏକରରୁ ଉର୍ଦ୍ଧ୍ୱ ଓ ଖେଳପଡ଼ିଆ ଥିବା ୪ ଏକରରୁ ଉର୍ଦ୍ଧ୍ୱ ଭୂସଂପତ୍ତିକୁ ବାଲେଶ୍ୱର ଜିଲ୍ଲା ସ୍କୁଲ୍ ନାମରେ ରେକର୍ଡ଼ଭୁକ୍ତ କରିବା ଦାବି ନେଇ ଏହି ଗଣଧାରଣା ଅନୁଷ୍ଠିତ ହେବ। ବାଲେଶ୍ୱରର ସମସ୍ତ ଶିକ୍ଷାପ୍ରେମୀ ଜନସାଧାରଣ ଓ ଅଭିଭାବକ ଏହି ଶାନ୍ତିପୂର୍ଣ୍ଣ ଗଣଧାରଣାରେ ଯୋଗଦେବାକୁ ସୋସାଇଟି ପକ୍ଷରୁ ନିବେଦନ କରାଯାଇଛି।




ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂପାଦକ ମନୋଜ ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଓ ସୀତାରାମ ପ୍ରଧାନ, ଛାତ୍ର ସଂସଦର ସଭାପତି ଡା. ସୁରେନ୍ଦ୍ରନାଥ ସାହୁ, ସ୍କୁଲ୍ ପରିଚାଳନା କମିଟିର ସଭାପତି ସଂଜୀବ ମିଶ୍ରଙ୍କ ସମେତ ବରିଷ୍ଠ ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ, ବେଣୁଧର ସାହୁ, ବିକାଶ ଦାସ, ଅକ୍ଷୟ କୁମାର ତ୍ରିପାଠୀ, କଲ୍ୟାଣୀ ନନ୍ଦ, ସନ୍ଧ୍ୟାରାଣୀ ଭୂୟାଁ, ଦୀପକ ଦାସ, ଲକ୍ଷ୍ମୀନାରାୟଣ ଘୋଷ, ସଂଗ୍ରାମ ପଣ୍ଡା, ଅରୁଣ ଜେନା, ନାରାୟଣ ପଣ୍ଡା, ଗଣେଶ୍ୱର ରାଉତ, ତୁଷାର ମହାପାତ୍ର ଓ ନିରଞ୍ଜନ ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ପ୍ରସ୍ତାବିତ ଗଣଧାରଣାକୁ ସଫଳ କରିବାକୁ ମତପ୍ରଦାନ କରିଥିଲେ। ଉଠାଜଳସେଚନ କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ମୁଖ୍ୟ ଅତିଥିଙ୍କ ଭାଷଣ ବେଳକୁ ଉଠିଗଲେ ମହିଳା

**ନୟାଗଡ଼, ୨୦।୯ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ସ୍ତରୀୟ ବିକାଶ ମେଳା ଷ୍ଟାଡିୟମ ପଡ଼ିଆରେ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମବାୟ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ କୁମାର ବଳ, ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଉପସ୍ଥିତ ରହିଥିଲେ। ନୟାଗଡ଼ ଜିଲ୍ଲାପଳ ଅକ୍ଷୟ ସୁନୀଲ ଅଗ୍ରୱାଲ୍ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ପଣ୍ଡା, ନୟାଗଡ଼ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ପ୍ରମୁଖ ଉପସ୍ଥିତ ରହିଥିଲେ । ଜିଲ୍ଲାପାଳ ସ୍ୱାଗତ ଅଭିଭାଷଣ ପୂର୍ବକ ନୟାଗଡ଼ ଜିଲ୍ଲାରେ ରାଜ୍ୟ ସରକାରଙ୍କ ଦ୍ୱାରା ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ପାଇଁ ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ପ୍ରାପ୍ତ ହେବ ନୟାଗଡ଼ ଜିଲ୍ଲାବାସୀଙ୍କ ପାଇଁ ଏକ ବଡ଼ ପଦକ୍ଷେପ ବୋଲି କହିଥିଲେ । ଏହା ସହିତ ଜିଲ୍ଲାରେ ୩.୫ ଲକ୍ଷ ହିତାଧିକାରୀ ସୁଭଦ୍ରା ଯୋଜନାରେ ଉପକୃତ ହେବେ ବୋଲି ସୂଚନା ଦେଇଥିଲେ । ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ । ଖଣ୍ଡପଡ଼ା ବିଧାୟକ ଶ୍ରୀଯୁକ୍ତ ସ୍ୱାଇଁ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ବଜେଟ ସମ୍ପର୍କରେ




ଜିଲ୍ଲାସ୍ତରୀୟ ବିକାଶ ମେଳା

ଆଲୋକପାତ କରିବା ସହ ନୟାଗଡ଼ ପାଇଁ ଚିନିଶିଳ୍ପର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ସମବାୟ ମନ୍ତ୍ରୀ ୬ ମାସ ମଧ୍ୟରେ ଚିନିଶିଳ୍ପ ଚଲାଇବା ପାଇଁ ପ୍ରତିଶୃତି ଦେବାକୁ ସେ ଆହ୍ୱାନ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସାମନ୍ତ ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରୀ ମନ୍ଦିର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଖୋଲାଯାଇ ଗଣତି ମଣିତି ହେବା, ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ହେବା, ସୂର୍ଯ୍ୟଘର ଯୋଜନା ପାଇଁ ବ୍ୟୟ ବରାଦ ହେବା ଏବଂ ରାଜ୍ୟରେ ୨ଟି ବନ୍ଦେ ଭାରତ ଟ୍ରେନ ଚାଲିବା ଉପରେ ବକ୍ତବ୍ୟ ରଖିଥିଲେ ।

ଏହି ଅବସରରେ ବିଭିନ୍ନ ବ୍ଲକର ସୁଭଦ୍ରା ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ୯ଟି ଗ୍ରାମକୁ ଗୋଷ୍ଠୀ ଜଙ୍ଗଲ ଅଧିକାର ପଟ୍ଟା ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବ୍ୟାପକ ଅବ୍ୟବସ୍ଥା ଦେଖାଯାଇଥିଲା । ଅସହ୍ୟ ଗୁଳୁଗୁଳିରେ ଜଣେ ମହିଳା କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଯାଇଥିଲା। ଗୁଳୁଗୁଳି ସାଙ୍ଗକୁ ବିଳମ୍ବିତ କାର୍ଯ୍ୟକ୍ରମ ପାଇଁ ୯୦ ପ୍ରତିଶତ ମହିଳା ମୁଖ୍ୟ ଅତିଥିଙ୍କ ଭାଷଣ ବେଳକୁ ଉଠି ଚାଲି ଯାଇଥିଲେ । କିନ୍ତୁ ସଭାର ମଧ୍ୟ ଭାଗରେ ନୟାଗଡ଼ ଜିଲ୍ଲାରେ ସବୁଠାରୁ ଶ୍ରେଷ୍ଠ ସମାଜସେବୀ ଭାବେ ନୟାଗଡ଼ ଜିଲ୍ଲା ବିଜେପି ସଭାପତି ତାପସ କୁମାର ମାର୍ଥାଙ୍କୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଏହାକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରିଛି । ନୟାଗଡ଼ ଜିଲ୍ଲାପାଳ ବିକାଶ ମେଳା ନାଁରେ ରାଜନୈତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ କି ବୋଲି ପ୍ରଶ୍ନ ଉଠିଛି । ଜିଲ୍ଲାରେ ଅନେକ ବ୍ୟକ୍ତିତ୍ୱ ରହିଥିବା ବେଳେ ବିଜେପି ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରି ପ୍ରଶାସନ କି ବାର୍ତ୍ତା ଦେବାକୁ ଉଦ୍ୟମ କରୁଛି ବୋଲି ପ୍ରଶ୍ନ ଉଠିଛି ।

# ବିଶ୍ୱକର୍ମା ଯୋଜନାର ଲକ୍ଷ୍ୟ 'ସମ୍ମାନ, ସାମର୍ଥ୍ୟ, ସମୃଦ୍ଧି'

## ଜାତୀୟ ପିଏମ୍ ବିଶ୍ୱକର୍ମା କାର୍ଯ୍ୟକ୍ରମକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୦।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ରର ୱାର୍ଦ୍ଧାଠାରେ ଜାତୀୟ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି। ପ୍ରଧାନମନ୍ତ୍ରୀ 'ଆଚାର୍ଯ୍ୟ ଚାଣକ୍ୟ ଦକ୍ଷତା ବିକାଶ' ଯୋଜନା ଏବଂ 'ପୁଣ୍ୟଶ୍ଳୋକ ଅହଲ୍ୟାଦେବୀ ହୋଲକର ମହିଳା ଷ୍ଟାର୍ଟଅପ୍ ଯୋଜନା'ର ଶୁଭାରମ୍ଭ କରିଥିଲେ। ସେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ହିତାଧିକାରୀଙ୍କୁ ସାର୍ଟିଫିକେଟ୍ ଏବଂ ଋଣ ପ୍ରଦାନ କରିବା ସହ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଅଧୀନରେ ପ୍ରଗତିର ଏକ ବର୍ଷ ପୂର୍ତ୍ତି ଅବସରରେ ସମର୍ପିତ ଏକ ସ୍ମାରକୀ ଟିକଟ ମଧ୍ୟ ଉନ୍ମୋଚନ କରିଥିଲେ। ମୋଦୀ ମହାରାଷ୍ଟ୍ରର ଅମରାବତୀଠାରେ ପ୍ରଧାନମନ୍ତ୍ରୀ ମେଗା ସମନ୍ୱିତ ଟେକ୍ସଟାଇଲ୍ ରିଜିୟନ୍ସ ଆଣ୍ଡ୍ ଆପାରେଲ୍ (ପିଏମ୍ ମିତ୍ର) ପାର୍କର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ପ୍ରଦର୍ଶିତ ପ୍ରଦର୍ଶନୀକୁ ପ୍ରଧାନମନ୍ତ୍ରୀ ପଦଯାତ୍ରା କରିଥିଲେ। ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଦୁଇ ଦିନ ପୂର୍ବେ ବିଶ୍ୱକର୍ମା ପୂଜା ଉତ୍ସବକୁ ମନେ ପକାଇ କହିଥିଲେ ଯେ ଆଜି ୱାର୍ଦ୍ଧାରେ ଏକ ବର୍ଷିଆ ପିଏମ୍ ବିଶ୍ୱକର୍ମା ଯୋଜନାର ସଫଳ ସମାପନ ଉତ୍ସବ ଅନୁଷ୍ଠିତ ହେଉଛି। ମହାତ୍ମା ଗାନ୍ଧୀ ୧୯୩୨ ମସିହାରେ ଆଜିର ଦିନରେ ଅସ୍ପୃଶ୍ୟତା ବିରୋଧରେ ଅଭିଯାନ ଆରମ୍ଭ କରିଥିବାରୁ ଆଜି ବିଶେଷ ବୋଲି ସେ କହିଛନ୍ତି। ସେ କହିଥିଲେ ଯେ ଆଜି ପିଏମ୍ ବିଶ୍ୱକର୍ମାର ଏକ ବର୍ଷ ପୂର୍ତ୍ତି ଏବଂ ୱାର୍ଦ୍ଧା ଭୂମିରୁ ଏହାର ପାଳନ, ବିନୋବା ଭାବେଙ୍କ ସାଧନାସ୍ଥଳୀ ଏବଂ ମହାତ୍ମା ଗାନ୍ଧୀଙ୍କ କର୍ମଭୂମି, ଏହି ଅବସରକୁ ବିକଶିତ ଭାରତର ସଂକଳ୍ପରେ ନୂତନ ଶକ୍ତି ଆଣିବା ପାଇଁ ସଫଳତା ଏବଂ ପ୍ରେରଣାର ସଂଗମ ରେ ପରିଣତ କରିଛି। ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ମାଧ୍ୟମରେ ସରକାର ଦକ୍ଷତା ବିକାଶ ଏବଂ ଶ୍ରମରୁ ସମୃଦ୍ଧି ମାଧ୍ୟମରେ ଏକ ଉନ୍ନତ ଭବିଷ୍ୟତ ସୃଷ୍ଟି କରିବାକୁ ସଂକଳ୍ପ ନେଇଛନ୍ତି ଏବଂ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଏହାକୁ ବାସ୍ତବରେ ପରିଣତ କରିବାର ମାଧ୍ୟମ ରେ ପରିଣତ ହେବ ବୋଲି ସେ କହିଥିଲେ। ଏହି ଅବସରରେ ପିଏମ ବିଶ୍ୱକର୍ମା ଯୋଜନା ସହ ଜଡ଼ିତ ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ପିଏମ ମିତ୍ର ପାର୍କର ଶିଳାନ୍ୟାସ କରାଯାଇଛି। ଆଜିର ଭାରତ ନିଜର ବୟନ ଶିଳ୍ପକୁ ବିଶ୍ୱ ବଜାରର ଶୀର୍ଷରେ ପହଞ୍ଚାଇବା ପାଇଁ କାର୍ଯ୍ୟ କରୁଛି ବୋଲି ସେ ଆଲୋକପାତ କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତର ଲକ୍ଷ୍ୟ ହେଉଛି ଭାରତର ବୟନଶିଳ୍ପର ଶତାବ୍ଦୀ ପୁରୁଣା ପ୍ରସିଦ୍ଧି ଏବଂ ସ୍ୱୀକୃତିକୁ ପୁନଃପ୍ରତିଷ୍ଠା କରିବା। ଅମରାବତୀରେ ପିଏମ ମିତ୍ର ପାର୍କ ଏହି ଦିଗରେ ଆଉ ଏକ ବଡ଼ ପଦକ୍ଷେପ ବୋଲି ଶ୍ରୀ ମୋଦୀ କହିଥିଲେ। ଏହି ସଫଳତା ପାଇଁ ସେ ଅମରାବତୀବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ୩ ଘଣ୍ଟା ମଧ୍ୟରେ ରୋଡ ଓଭର ବ୍ରିଜ୍ ଉପରେ ଗାର୍ଡ଼ର ସ୍ଥାପନ



ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ): ଏକ ଉଲ୍ଲେଖନୀୟ ଇଞ୍ଜିନିୟରିଂ କାର୍ଯ୍ୟରେ, ପୂର୍ବତଟ ରେଳପଥ ଆଜି ମାତ୍ର ତିନି ଘଣ୍ଟା ମଧ୍ୟରେ ପ୍ରତ୍ୟକ ୩୬ ମିଟର ଲମ୍ବ ପାଞ୍ଚଗୋଟି ଷ୍ଟିଲ୍ ଗାର୍ଡ଼ର (ଯାହାର ଓଜନ ପ୍ରତ୍ୟକ ୩୫ ଟନ୍) କୁ ସଫଳତାର ସହ ସ୍ଥାପନ କରାଯାଇଅଛି। ଭୁବନେଶ୍ୱର ଏବଂ ମଞ୍ଚେଶ୍ୱର ରେଳ ଷ୍ଟେସନ ମଧ୍ୟରେ ଅବସ୍ଥିତ ଭିଏସଏସ ନଗର ଠାରେ ଏକ ରୋଡ ଓଭର ବ୍ରିଜ (ଜଡଂଇ) ପ୍ରକଳ୍ପର ଅଂଶ ଭାବରେ ଏହି ଗାର୍ଡରଗୁଡ଼ିକ ସ୍ଥାପନ କରାଯାଇଅଛି। ଏହି ଜଟିଳ କାର୍ଯ୍ୟ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ସହଯୋଗରେ ୩ ଘଣ୍ଟିଆ ଟ୍ରାଫିକ୍ ଏବଂ ଓଭରହେଡ୍ ଇକୁଇପମେଣ୍ଟ (ଡଂଐର) ବ୍ଲକ ନିଆଯାଇ ରେଳପଥର ନିର୍ମାଣ ବିଭାଗ ଦ୍ୱାରା ସମ୍ପନ୍ନ କରାଯାଇଅଛି। ବ୍ୟସ୍ତବହୁଳ ରେଳ ଲାଇନରେ, ବିଶେଷକରି ଭାରତର ବ୍ୟସ୍ତବହୁଳ ରେଳ ସେକ୍ସନ ମଧ୍ୟରୁ ହାଓଡ଼ା-ଚେନ୍ନାଇ ମେନ୍ ଲାଇନରେ ଏହିପରି ଏକ ଚ୍ୟାଲେଞ୍ଜିଂ ଅପରେସନ୍ କରିବା; ଯତ୍ନଶୀଳ ଯୋଜନା ଏବଂ ସମନ୍ୱୟ ଆବଶ୍ୟକ କରେ। ମୁଖ୍ୟ ପ୍ରୋଜେକ୍ଟ ମ୍ୟାନେଜର (ସିପିଏମ୍) ଏବଂ ଭୁବନେଶ୍ୱରରେ ଥିବା ତାଙ୍କ ଦଳ ଏକାଧିକ ଲଜିଷ୍ଟିକ୍ ଚ୍ୟାଲେଞ୍ଜ ସତ୍ତ୍ୱେ କାର୍ଯ୍ୟ ନିର୍ବାହରେ ଏକ ମାନଦଣ୍ଡ ସ୍ଥିର କରି କାର୍ଯ୍ୟ ସମାପ୍ତ କରିବାରେ ସଫଳ ହୋଇଛନ୍ତି। ପ୍ରତ୍ୟକ ୩୬ ମିଟର ଦୈର୍ଘ୍ୟ ଓ ୩୫ ଟନ ଓଜନର ଏହି ଗାର୍ଡରଗୁଡ଼ିକର ସଫଳ ସ୍ଥାପନ କରିବା ବ୍ୟସ୍ତବହୁଳ ରେଳମାର୍ଗରେ ଛୋଟ କଥା ନୁହେଁ। ଏହା ଜଡଂଇ ନିର୍ମାଣରେ ଏକ ମହତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚିହ୍ନିତ କରୁଛି ଯାହା ଗତ ଗଣନା ସମୟରେ ଏହି ଲେଭଲ କ୍ରସିଂ ଠାରେ ରେକର୍ଡ ହୋଇଥିବା ୨ ଲକ୍ଷ ଟ୍ରେନ୍ ଭେଇକିଲ୍ ୟୁନିଟ୍ (ଟିଭିୟୁ) ଅଟେ। ଭୁବନେଶ୍ୱର ଏବଂ ମଞ୍ଚେଶ୍ୱର ଷ୍ଟେସନ ମଧ୍ୟରେ ଏହି ସ୍ପେଶାଲ୍ ଲେଭଲ୍ କ୍ରସିଂକୁ ବଦଳାଇବା ପାଇଁ ଭିଏସଏସ ନଗରରେ ଜଡଂଇ ନିର୍ମାଣ କରାଯାଉଛି, ଯାହା ଦୀର୍ଘ ଦିନ ଧରି ଉଭୟ ସଡକ ଏବଂ ରେଳ ଟ୍ରାଫିକ୍ ପାଇଁ ଏକ ପ୍ରତିବନ୍ଧକ ହୋଇଆସୁଛି। ଏହି ପ୍ରକଳ୍ପ ସମାପ୍ତ ହେବା ପରେ ଏହା ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଚକେଇସିଆଣୀ, ଭିଏସ୍ଏସ୍ ନଗର, ସୈନିକ ସ୍କୁଲ୍, ଗାଡ଼କଣ ଏବଂ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ପରି ଅଞ୍ଚଳରେ ଟ୍ରାଫିକ୍ ପ୍ରବାହକୁ ବହୁତ ଉନ୍ନତ କରିବ।

# ନକ୍ସଲ ହିଂସା ପୀଡ଼ିତଙ୍କ ସହ ଆଲୋଚନା କଲେ ଶାହ



ନୂଆଦିଲ୍ଲୀ,୨୦।୯: କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଛତିଶଗଡ଼ର ନକ୍ସଲ ହିଂସାରେ ପୀଡ଼ିତଙ୍କ ସହ ଆଲୋଚନା କରିଛନ୍ତି। ବସ୍ତର ଶାନ୍ତି କମିଟି ତତ୍ତ୍ୱାବଧାନରେ ଛତିଶଗଡ଼ର ଏଲଡବ୍ଲୁଇ ପ୍ରଭାବିତ ଅଞ୍ଚଳର ନକ୍ସଲ ହିଂସାରେ ପ୍ରଭାବିତ ହୋଇଥିବା ୫୫ ଜଣଙ୍କୁ ଏଥିରେ ସାମିଲ କରାଯାଇଥିଲା। କିଛି ପୀଡ଼ିତ ନିଜ ଦୁଃଖ ଗୃହମନ୍ତ୍ରୀଙ୍କୁ ଜଣାଇଥିଲେ। ନକ୍ସଲ ହିଂସାରେ ପୀଡ଼ିତ ଲୋକଙ୍କ ସହ କଥାବାର୍ତ୍ତା ବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ସୁଦ୍ଧା ନକ୍ସଲବାଦକୁ ସମ୍ପୂର୍ଣ୍ଣ ରୂପେ ନିପାତ କରିବାକୁ ପ୍ରତିଶ୍ରୁତିବଦ୍ଧ। ମୋଦୀ ସରକାରଙ୍କ ନୀତି ଯୋଗୁଁ ବାମପନ୍ଥୀ ଉଗ୍ରବାଦ ଏବେ ଛତିଶଗଡ଼ର କିଛି ଜିଲ୍ଲାରେ ସୀମିତ ରହିଛି। ଶ୍ରୀ ଶାହ କହିଛନ୍ତି ଯେ ନକ୍ସଲବାଦ ଉଭୟ ମାନବିକତା ଏବଂ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ବିପଦ। ଅମିତ ଶାହା ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ଏବଂ ଛତିଶଗଡ଼ ସରକାର ଆଗାମୀ ତିନି ମାସ ମଧ୍ୟରେ ଏଲଡବ୍ଲୁଇ ଦ୍ୱାରା ପ୍ରଭାବିତ ଲୋକଙ୍କ ସାମଗ୍ରିକ ବିକାଶ ପାଇଁ ଏକ ବ୍ୟାପକ ଯୋଜନା ଆଣିବେ। ଏହି ଯୋଜନା ମାଧ୍ୟମରେ ଛତିଶଗଡ଼ ସମେତ ସମଗ୍ର ଦେଶରେ ବାମପନ୍ଥୀ ଉଗ୍ରବାଦ ଦ୍ୱାରା ପ୍ରଭାବିତ ଲୋକମାନେ ସ୍ୱାସ୍ଥ୍ୟ ସେବା ସୁବିଧା, ରୋଜଗାର ସୁଯୋଗ ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନାରୁ ଉପକୃତ ହେବେ ବୋଲି ସେ କହିଥିଲେ। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ ବିକାଶମୂଳକ ଯୋଜନା ମାଧ୍ୟମରେ ମୋଦୀ ସରକାର ନକ୍ସଲଙ୍କୁ ଏକ ବାର୍ତ୍ତା ଦେଇଛନ୍ତି ଯେ ଯିଏ ବଞ୍ଚାଇଥାଏ ସିଏ ହତ୍ୟାକାରୀଙ୍କ ଠାରୁ ବଡ଼। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଯେଉଁମାନେ ନକ୍ସଲଙ୍କ ମାନବିକ ଅଧିକାରକୁ ସମର୍ଥନ କରୁଛନ୍ତି ସେମାନେ ନକ୍ସଲବାଦ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ମାନବିକ ଅଧିକାର ବିଷୟରେ ମଧ୍ୟ ବିଚାର କରିବା ଉଚିତ୍। ହିଂସାର ମାର୍ଗ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ବାମପନ୍ଥୀ ଉଗ୍ରବାଦୀଙ୍କୁ ଗୃହମନ୍ତ୍ରୀ ନିବେଦନ କରିଛନ୍ତି।

# ସିବିଏସ୍ଇ ତରଫରୁ ପ୍ରଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ



ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ): ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ପରିବର୍ତ୍ତିତ ଆବଶ୍ୟକତା ଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ ଉଦ୍ଦେଶ୍ୟରେ ସିବିଏସ୍ଇ, ଭୁବନେଶ୍ୱର ଆନୁକୂଲ୍ୟରେ ଏକ ୨ଦିନିଆ ପ୍ରଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ଡିଏଭି ପବ୍ଲିକ୍ ସ୍କୁଲ୍, ଚନ୍ଦ୍ରଶେଖରପୁର ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ସେଣ୍ଟର ଅଫ୍ ଏକ୍ସଲେନ୍ସ, ସିବିଏସ୍ଇ, ଭୁବନେଶ୍ୱର ଓ କାର୍ମିକ, ସାଧାରଣ ଅଭିଯୋଗ, ପେନ୍‌ସନ୍ ମନ୍ତ୍ରାଳୟ ଅଧୀନସ୍ଥ କାର୍ମିକ ଓ ପ୍ରଶିକ୍ଷଣ ବିଭାଗର ଯୁଗ୍ମ ଆୟୋଜନରେ ଏହି କର୍ମଶାଳାରେ ୬୫ଜଣ ପ୍ରଶିକ୍ଷକ ଯୋଗ ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସିବିଏସ୍ଇ, ଭୁବନେଶ୍ୱର ଆଞ୍ଚଳିକ ଅଧିକାରୀ କେ.ଶ୍ରୀନିବାସନ୍, ସିବିଏସ୍ଇ ସିଓଇ, ଭୁବନେଶ୍ୱର ଯୁଗ୍ମସଚିବ ଟି.ମାଟେ, ଆଇଟି ଅଣ୍ଡରସେକ୍ରେଟାରୀ ସୁଦେଶ ଗୁଲିଆ, ବରିଷ୍ଠ ଅଧିକାରୀ ଅମିତ୍ ଗାର୍ଗ, ସଂଯୋଜକ ନୀଳକଣ୍ଠ ପାଣିଗ୍ରାହୀ ପ୍ରମୁଖ ଅତିଥି ରୂପେ ଯୋଗଦାନ କରିଥିଲେ। ଆୟୋଜକ ବିଦ୍ୟାଳୟର ଅଧ୍ୟକ୍ଷା ଡ.ସୁଜାତା ସାହୁ ସ୍ୱାଗତ ଭାଷଣ ପ୍ରଦାନ ଅବସରରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜନର ମୌଳିକ ଉଦ୍ଦେଶ୍ୟ ତଥା ବହୁମୁଖୀ ଉପାଦେୟତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏଥିରେ ପ୍ରଶିକ୍ଷକ ଭାବରେ ଆଇଏସଟିମ୍ ସହକାରୀ ନିର୍ଦ୍ଦେଶକ ଭଗୱାନ ପାଢ଼ୀ, ପ୍ରଫେସର କଲ୍ଲୋଳ, ରୀତିକା ଭଣ୍ଡାରୀ, ଏସ୍‌ସିଇଆର୍‌ଟି ଆସିଷ୍ଟାଣ୍ଟ ଡିରେକ୍ଟର ଡ. ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଦେବା ସହ ଅଂଶଗ୍ରହଣକାରୀଙ୍କ ଜିଜ୍ଞାସାର ଉତ୍ତର ଦେଇଥିଲେ।

# କୃଷକ କଲ୍ୟାଣ ଯୋଜନାକୁ ଚାଷୀଙ୍କ ନିକଟରେ ପହଁଞ୍ଚାଇବା କୃଷକ ମୋର୍ଚ୍ଚା



ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ): ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଭେଟଘାଟ ବିଜେପି କୃଷକ ମୋର୍ଚ୍ଚା ତରଫରୁ ଆଜି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ୍ ଛକ ନିକଟ ବୁଲନ୍ ନନା ସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଶାର ୧୦ଜଣ ସଫଳ ଚାଷୀଙ୍କୁ ଅନ୍ନଦାତା ୨୦୨୪ ସମ୍ମାନରେ ସମ୍ମାନିତ କରାଯାଇଛି। ଧାନ କ୍ୱିଂଟାଲ ପ୍ରତି ୩୧୦୦ ଟଙ୍କା କରିବା, ୫୮ ସବଡିଭିଜନରେ ଶୀତଳ ଭଣ୍ଡାର କରିବା, ୬ଲକ୍ଷ ଚାଷୀଙ୍କୁ ପିଏମ୍ କିସାନରେ ସାମିଲ କରିବା ସହିତ ସହରାଞ୍ଚଳର ଚାଷୀମାନଙ୍କୁ ସାମିଲ କରିବା, ଚାଷୀ ପରିବାର ଛାତ୍ରଛାତ୍ରୀ ମାନଙ୍କର ଉଚ୍ଚଶିକ୍ଷା ପାଇଁ ୨ଲକ୍ଷ ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରିବା, ସମସ୍ତ ବ୍ଲକରେ ପନିପରିବା ମଣ୍ଡି ଖୋଲିବା, ସମସ୍ତ ଚାଷ ଜମିକୁ ଉଠା ଜଳସେଚନ ମାଧ୍ୟମରେ ଜଳସେଚନ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ। ଆଗାମୀ ଖରିଫ୍ ଧାନ କିଣା କାରବାରର ବ୍ୟାପକ ସ୍ୱଚ୍ଛତା ଅବଲମ୍ବନ କରାଯିବ। ଯେଉଁ ଅସାଧୁ ବ୍ୟକ୍ତିମାନେ ଧାନ କିଣା କାରବାରରେ ହେରଫେର କରିବେ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାକୃତିକ ପରିବେଶ ପ୍ରଦୂଷଣରୁ ରକ୍ଷା ପାଇବା ପାଇଁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମକୁ ବ୍ୟାପକ ଭାବରେ କରିବା ପାଇଁ ଆହ୍ୱାନ ଦେବା ସହ ଚାଷୀ ଦରଦୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର କୃଷକ କଲ୍ୟାଣକାରୀ ଯୋଜନାକୁ ସିଧାସଳଖ ଭାବରେ ଚାଷୀମାନଙ୍କ ପାଖରେ ପହଁଚାଇବା ପାଇଁ କୃଷକ ମୋର୍ଚ୍ଚାର ସମସ୍ତ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

# ବିଶ୍ୱଭୂଷଣ ଛାତ୍ରକଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ



ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ): ଗତକାଲି ବିଳମ୍ବିତ ରାତ୍ରିରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସଂଯୋଜକ ତାଲିକା ପ୍ରକାଶ ପାଇଛି। ଏଥିରେ ପ୍ରତ୍ୟେକ ରାଜ୍ୟରୁ ସଂଗଠନ, ଆନ୍ଦୋଳନ ଓ ଛାତ୍ରମାନଙ୍କ ସହ ଜଡ଼ିତ ଛାତ୍ରନେତା ମାନଙ୍କୁ ଚୟନ କରାଯାଇଛି। ଓଡ଼ିଶାରୁ ଏକମାତ୍ର ଛାତ୍ରନେତା ବିଶ୍ୱଭୂଷଣ ମହାପାତ୍ରଙ୍କୁ ରାଷ୍ଟ୍ରୀୟ ସଂଯୋଜକ ଭାବେ ଚୟନ କରିଛନ୍ତି ରାଷ୍ଟ୍ରୀୟ ସଭାପତି ବରୁଣ ଚୌଧୁରୀ। ବିଶ୍ୱଭୂଷଣ ଜଣେ ଆଗଧାଡ଼ିର ଛାତ୍ରନେତା। ସେ ବହୁ ଛାତ୍ର ଆନ୍ଦୋଳନ ସହିତ ପ୍ରତ୍ୟକ୍ଷ ଭାବରେ ଜଡ଼ିତ। ଏପରିକି ଜାତୀୟସ୍ତରରେ ସିଏଏ, ଏନ୍‌ଆରସି, ଏନ୍‌ପିଆର ଆନ୍ଦୋଳନ, ଚାଷୀ ଆନ୍ଦୋଳନ, ଭାରତ ଯୋଡ଼ ଯାତ୍ରାରେ ସକ୍ରିୟ ଅଂଶଗ୍ରହଣ କରିଛନ୍ତି।

# ଖାଦ୍ୟ ନିୟାମକ ଶିଖର ସମ୍ମିଳନୀ ଦ୍ୱିତୀୟ ସଂସ୍କରଣ ଉଦଘାଟନ




ନୂଆଦିଲ୍ଲୀ,୨୦।୯: କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଭାରତ ମଣ୍ଡପମ୍ ଠାରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ତଥା ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ଉପସ୍ଥିତିରେ ଅନ୍ତର୍ଜାତୀୟ ଖାଦ୍ୟ ନିୟାମକ ସମ୍ମିଳନୀ ୨୦୨୪ର ଦ୍ୱିତୀୟ ସଂସ୍କରଣକୁ ଉଦଘାଟନ କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତତ୍ତ୍ୱାବଧାନରେ ଭାରତୀୟ ଖାଦ୍ୟ ନିରାପତ୍ତା ଏବଂ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ଦ୍ୱାରା ଆୟୋଜିତ ଏହି ଶିଖର ସମ୍ମିଳନୀ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ବିଶ୍ୱ ଖାଦ୍ୟ ଭାରତ ୨୦୨୪ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଖାଦ୍ୟ ନିୟାମକମାନଙ୍କ ପାଇଁ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ଏବଂ ନିୟାମକ ଢାଞ୍ଚାକୁ ସୁଦୃଢ଼ କରିବା ଉପରେ ବୁଝାମଣା ଆଦାନପ୍ରଦାନ କରିବା ପାଇଁ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ସ୍ଥାପନ କରିବା । ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ ଜେପି ନଡ୍ଡା କହିଥିଲେ, "ଆମର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ "ବସୁଧୈବ କୁଟୁମ୍ବକମ" - ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ"ର ପରିକଳ୍ପନାକୁ ଅନୁସରଣ କରି ଆମେ ଜି -୨୦ ଶିଖର ସମ୍ମିଳନୀ ସହିତ ଏକ ସହ-ବ୍ରାଣ୍ଡେଡ୍ କାର୍ଯ୍ୟକ୍ରମ ଭାବରେ ୨୦୨୩ ରେ ପ୍ରଥମ ବିଶ୍ୱ ଖାଦ୍ୟ ନିୟାମକ ଶିଖର ସମ୍ମିଳନୀର ଶୁଭାରମ୍ଭ କରିଥିଲୁ । ଆମର ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ପ୍ରତି ଥିବା ଆହ୍ୱାନ ଏବଂ ବିପଦ ବିଷୟରେ ଆଲୋଚନା କରିବା ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବିଶ୍ୱ ଖାଦ୍ୟ ନିୟାମକମାନଙ୍କୁ ଏକାଠି କରିଛି । ଏକ ପ୍ରାଚୀନ ଭାରତୀୟ ଶାସ୍ତ୍ରର ଏକ କଥାକୁ ଉଦ୍ଧୃତ କରି ସେ କହିଛନ୍ତି, "ଯେତେବେଳେ ଖାଦ୍ୟ ଶୁଦ୍ଧ ହୁଏ, ମନ ଶୁଦ୍ଧ ହୋଇଯାଏ । ମନ ଶୁଦ୍ଧ ହେଲେ ସ୍ମୃତି ସ୍ଥିର ହୋଇଥାଏ । ସ୍ମୃତି ସ୍ଥିର ରହିଲେ ହୃଦୟର ସମସ୍ତ ଗଣ୍ଠି (ଅଜ୍ଞତା, ସନ୍ଦେହ, ଆକର୍ଷଣ) ବାନ୍ଧି ହୋଇ ନଥାଏ ଏବଂ ମୁକ୍ତି ମିଳିଥାଏ", ମାନସିକ ସ୍ୱଚ୍ଛତା ଏବଂ ଶେଷରେ ଆଧ୍ୟାତ୍ମିକ ମୁକ୍ତି ହାସଲ କରିବାରେ ଶୁଦ୍ଧ ଖାଦ୍ୟର ଗୁରୁତ୍ୱ ଉପରେ ଶ୍ରୀ ନଡ୍ଡା ଗୁରୁତ୍ୱାରୋପ କରିଥିଲେ ।"ଏହି କାଳଜୟୀ ନୀତି ଖାଦ୍ୟ, ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କକୁ ସୂଚାଇଥାଏ", ବୋଲି ସେ କହିଥିଲେ ।

# ଫାର୍ମାସି ଓ ବାୟୋଟେକ୍ନୋଲୋଜି ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ): ସୋଆ ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ (ଏସ୍‌ପିଏସ୍) ଓ ସେଂଟର ଅଫ୍ ବାୟୋଟେକ୍ନୋଲୋଜିରେ ପାଠ୍ୟକ୍ରମ ସମାପ୍ତ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଶୁକ୍ରବାର ଏକ ସ୍ୱତନ୍ତ୍ର ଗ୍ରାଜୁଏସନ୍ କାର୍ଯ୍ୟକ୍ରମରେ ଉପାଧି ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟରୁ ଅଧ୍ୟୟନ ସମାପ୍ତ କରିଥିବା ୨୦୨୦-୨୪ ବ୍ୟାଚର ବି.ଫାର୍ମ, ୨୦୨୨- ୨୪ ବ୍ୟାଚର ଏମ୍ ଫାର୍ମ, ୨୦୨୨- ୨୪ ବ୍ୟାଚର ଏମ୍.ଏସ୍.ସି (ବାୟୋଟେକ୍ନୋଲୋଜି) ଓ ୨୦୧୯-୨୪ ବ୍ୟାଚର ଇନ୍‌ଟିଗ୍ରେଡ ଏମ୍.ଏସ୍.ସି ଇନ୍ ବାୟୋଟେକ୍ନୋଲୋଜି ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଆୟୋଜିତ ଏହି ସ୍ୱତନ୍ତ୍ର ଗ୍ରାଜୁଏସନ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଛାତ୍ରଛାତୀମାନଙ୍କୁ ଉପାଧି ପ୍ରଦାନ କରିଥିଲେ। ପ୍ରଫେସର ନନ୍ଦ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ମହାମାରୀ ସମୟରେ ଫାର୍ମାସିଷ୍ଟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥିଲେ। ଏହି ଡିଗ୍ରୀ ଛାତ୍ରଛାତ୍ରୀ ମାନଙ୍କର କଠିନ ପରିଶ୍ରମ, ନିଷ୍ଠା, ଶୃଙ୍ଖଳା, ସମୟାନୁବର୍ତ୍ତିତା ତଥା ଶିକ୍ଷକ ଓ ଅଭିଭାବକଙ୍କର ସହଯୋଗରେ ଏହା ସମ୍ଭବପର ହୋଇପାରିଛି। ଫାର୍ମାସି ଓ ବାୟୋଟେକ୍ନୋଲୋଜି ସ୍ୱାସ୍ଥ୍ୟକ୍ଷେତ୍ର ସହିତ ଓତଃପ୍ରୋତ ଭାବେ ଜଡ଼ିତ। ସୋଆ ବିଶ୍ୱବିଦ୍ୟାଳୟ ଏଥିପାଇଁ ଖୁବ୍ ସକ୍ରିୟ ଅଟେ। ସୋଆ ଅନେକ ବିଦେଶୀ ବିଶ୍ୱବିଦ୍ୟାଳୟ ସହ ବୁଝାମଣା କରିଛି ଯାହା ଛାତ୍ରଛାତ୍ରୀଙ୍କ ପାଇଁ ଲାଭଦାୟକ ହେବ ବୋଲି ସେ କହିଥିଲେ।

# ଅତନୁ ସବ୍ୟସାଚୀଙ୍କ ପୁସ୍ତକ ମୋ ଜୀବନ ମୋ ସମୟ ଲୋକାର୍ପିତ



ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ): ଆଜି ଭୁବନେଶ୍ୱରରେ ଏକ ଭବ୍ୟ ପରିବେଶରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ପୁସ୍ତକ ମୋ ଜୀବନ ମୋ ସମୟ ,ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ଦାଶ ବେନହୂରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁସ୍ତକ ଲୋକାର୍ପଣ କରିବା ସହ ଶ୍ରୀ ନାୟକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସାଧାରଣ ଜୀବନରେ କାମ କରୁଥିବା ବ୍ୟକ୍ତିଙ୍କ ଜୀବନନୁଭୂତି ସ୍ୱତନ୍ତ୍ର ମହତ୍ୱ ରଖିଥାଏ। କାରଣ ଏଥିରୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟା ଓ ପ୍ରଶାସନ ବିଷୟରେ ସମ୍ୟକ ସୂଚନା ଦେଇଥାଏ। ଜଣେ ସାମ୍ବାଦିକ ତଥା ରାଜନୀତିଜ୍ଞ ଭାବରେ ଅତନୁ ବାବୁଙ୍କ ଅନୁଭୂତି ଏ ପୁସ୍ତକରେ ସୁନ୍ଦର ଭାବେ ପ୍ରତିଫଳିତ ହୋଇଛି ବୋଲି ଶ୍ରୀ ପଟ୍ଟନାୟକ ମତ ଦେଇଥିଲେ। ପୁସ୍ତକର ବିଷୟ ଉପରେ ଆଲୋକପାତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଏଥରେ ୨୦୦୦ ରୁ ୨୦୨୪ କାଳ ଖଣ୍ଡ ଉପରେ ସ୍ୱତନ୍ତ୍ର ଆଲୋଚନା କରାଯାଇଛି। ଏହି ସମୟରେ ଅର୍ଥନୈତିକ ସ୍ଥିରତା ସହ ଓଡିଶାରେ ଶିକ୍ଷା ସ୍ୱାସ୍ଥ୍ୟ ଭିତିଭୂମି ପୁଞ୍ଜି ନିବେଶ କ୍ରୀଡା ମହିଳା ସଶକ୍ତିକରଣ ଆଦି କ୍ଷେତ୍ରରେ ବ୍ୟାପକ ଉନ୍ନତି ହୋଇଛି। ରାଜ୍ୟର ବିକାଶକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ନିଷ୍ଠା ଓ ପ୍ରତିବଦ୍ଧତା ବିଷୟ ରେ ମଧ୍ୟ ପାଠକମାନେ ସୂଚନା ପାଇପାରିବେ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

# ଆମେରିକାରେ ଅଚ୍ୟୁତ ସାମନ୍ତଙ୍କ ନାମରେ ଖୋଲିବ ଗବେଷଣା କେନ୍ଦ୍ର



ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ): ଆମେରିକାର ଅନ୍ୟତମ ଖ୍ୟାତି ସମ୍ପନ୍ନ ସରକାରୀ ବିଶ୍ୱବିଦ୍ୟାଳୟ ସିଟି ୟୁନିଭରସିଟି ଅଫ୍ ନିଉୟର୍କ (କ୍ୟୁନି) ବିଶ୍ୱବିଦ୍ୟାଳୟରେ ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନାମରେ ଖୁବ୍ ଶୀଘ୍ର ଏକ ଗବେଷଣା କେନ୍ଦ୍ର ଖୋଲାଯିବ। ଆସନ୍ତା ମାସରେ 'ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ୍ ଅଫ୍ ଦି କ୍ୟୁନି କ୍ରେଷ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଏଏସ୍‌ଆଇଆଇସିସିଆଇ) ନାମରେ ଏହି ଗବେଷଣା କେନ୍ଦ୍ର ସ୍ଥାପନ କରାଯିବ। ଆଜି କିଟ୍‌ରେ ଏ ନେଇ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ୟୁନି ବିଶ୍ୱବିଦ୍ୟାଳୟର ସଭାପତି ଡ. ମିଲଟନ୍ ସାଣ୍ଟିଆଗୋ ଘୋଷଣା କରିଛନ୍ତି। ଏହି ଗବେଷଣା କେନ୍ଦ୍ରରେ ସେହି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଉପରେ ଗବେଷଣା, ଶିକ୍ଷା ବିନିମୟ ସହ ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟକଳାପ ଉପରେ ମଧ୍ୟ ଗବେଷଣା ଓ ଅଧ୍ୟୟନ କରିବେ। କ୍ୟୁନି ବିଶ୍ୱବିଦ୍ୟାଳୟ ସଭାପତି ଡ ସାଣ୍ଟିଆଗୋ, ମୁମ୍ବାଇ ଏବଂ ହାଇଦ୍ରାବାଦସ୍ଥିତ ଆମେରିକା କନ୍‌ସୁଲ୍ ଜେନେରାଲଙ୍କ ପ୍ରତିନିଧିଙ୍କୁ ନେଇ ଏକ ୧୫ ଜଣିଆ ପ୍ରତିନିଧିମଣ୍ଡଳ ଗତ କାଲି କିଟ୍ ଓ କିସ୍ ପରିଦର୍ଶନରେ ଆସିଥିଲେ। ସେମାନେ କିଟ୍ ଓ କିସ୍ ପରିଦର୍ଶନ କରିବା ସହ ଶିକ୍ଷା, ସମାଜସେବା ଓ ଗବେଷଣା କ୍ଷେତ୍ରରେ କିଟ୍ ଓ କିସ୍ କାର୍ଯ୍ୟକ୍ରମ ଦେଖି ବେଶ ପ୍ରଭାବିତ ହୋଇଥିଲେ।

# ସରୁନି କାର୍ଯ୍ୟାନୁଷ୍ଠାନ-ନିୟନ୍ତ୍ରଣ ବାହାରେ କର୍ମଚାରୀ




ଭୁବନେଶ୍ୱର, ୨୦।୯: ସରକାରୀ କର୍ମଚାରୀମାନଙ୍କ ବିରୋଧରେ ଚାଲିଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ ହେଉନଥିବାରୁ ଅଭିଯୁକ୍ତ କର୍ମଚାରୀଙ୍କୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡୁଛି। ବିଶୃଙ୍ଖଳିତ ଆଚରଣ ଅଭିଯୋଗରେ ସରକାରୀ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଓସିଏସ୍ (ସିସିଏ) ରୁଲ୍ ରହିଛି। ଏହାଛଡ଼ା ସରକାରୀ କର୍ମଚାରୀଙ୍କ ପାଇଁ ମଧ୍ୟ ଆଦର୍ଶ ଆଚରଣ ବିଧି ରହିଛି। ଯେଉଁମାନେ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରନ୍ତି ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଆଇନ୍ ଅନୁଯାୟୀ ଦଣ୍ଡବିଧାନ କରାଯିବାର ବ୍ୟବସ୍ଥା ଅଛି। ଏମିତିକି ସରକାରୀ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବାର ସମ୍ଭାବନା ଥିଲେ କିମ୍ବା ତଦନ୍ତ ଚାଲିଥିଲେ ଅଥବା ସେମାନଙ୍କ ବିରୋଧରେ ଫୌଜଦାରୀ ମାମଲା ଥିଲେ ନିଲମ୍ବନ କରିବାକୁ ମଧ୍ୟ ଆଇନ୍‌ରେ ବ୍ୟବସ୍ଥା ଅଛି। କେଉଁ କ୍ଷେତ୍ରରେ ଜଣେ ସରକାରୀ କର୍ମଚାରୀଙ୍କୁ ନିଲମ୍ବନ କରାଯିବ, ସେ କେତେଦିନ ପର୍ଯ୍ୟନ୍ତ ନିଲମ୍ବିତ ହୋଇ ରହିପାରିବେ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କେତେଦନ ଭିତରେ ସରିବ ସେ ସଂକ୍ରାନ୍ତରେ ଆଇନ୍‌ରେ କିଛି ନିର୍ଦ୍ଦିଷ୍ଟ ସମୟସୀମା ନାହିଁ। ଏହାର ଫାଇଦା ନେଇ ବହୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ତଦନ୍ତ ବର୍ଷବର୍ଷ ଧରି ଗଡ଼ିବା ଏବଂ ସରକାରୀ କର୍ମଚାରୀ ମଧ୍ୟ ବର୍ଷବର୍ଷ ଧରି ନିଲମ୍ବିତ ରହି ବିନା କାମରେ ସରକାରୀ ତହବିଲରୁ ଦରମାର ୭୫ ପ୍ରତିଶତ ପର୍ଯ୍ୟନ୍ତ ଭତ୍ତା ପାଇ ଚାଲୁଛନ୍ତି। ଏହା ରାଜକୋଷ ଉପରେ ଚାପ ସୃଷ୍ଟି କରୁଛି।

ଏହି ସମସ୍ୟାକୁ ଆଖି ଆଗରେ ରଖି ମୁଖ୍ୟ ଶାସନ ସଚିବ ବାରମ୍ବାର ନିର୍ଦ୍ଦେଶନାମା ଜାରି କରିଆସୁଛନ୍ତି। ୧୯୯୫ ମସିହାରେ ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ ମୁଖ୍ୟ ଶାସନ ସଚିବ କହିଥିଲେ ଯେ ଯେଉଁ କ୍ଷେତ୍ରରେ ୨ବର୍ଷରୁ ଅଧିକ ସମୟ ଧରି ବିଭାଗୀୟ ତଦନ୍ତ ଚାଲୁଛି ସେଗୁଡ଼ିକର ପ୍ରତି ମାସରେ ସମୀକ୍ଷା କରାଯିବା ଆବଶ୍ୟକ। ୧୯୯୮ ମସିହାରେ ମୁଖ୍ୟ ଶାସନ ସଚିବ ଅନ୍ୟ ଏକ ନିର୍ଦ୍ଦେଶନାମାରେ ଦଶନ୍ଧି ଦଶନ୍ଧି ଧରି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି ତଦନ୍ତ ଗଡୁଥିବାରୁ ଗଭୀର ଅସନ୍ତୋଷ ବ୍ୟକ୍ତ କରିବା ସହ ଏଗୁଡ଼ିକର ତ୍ୱରିତ ଫଇସଲା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ବି ବିଶେଷ କାର୍ଯ୍ୟାନୁଷ୍ଠାନ ନହେବାରୁ ୨୦୧୦ ମାର୍ଚ୍ଚ ମାସରେ ମୁଖ୍ୟ ଶାସନ ସଚିବ ଅନ୍ୟ ଏକ ନିର୍ଦ୍ଦେଶନାମା ଜାରି କରି କେଉଁ କ୍ଷେତ୍ରରେ ଜଣେ କର୍ମଚାରୀଙ୍କୁ ନିଲମ୍ବନ କରାଯିବ ଏବଂ ନିଲମ୍ବନ କରାଯିବାର କେତେଦିନ ମଧ୍ୟରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇ ୯୦ଦିନ ଭିତରେ ତଦନ୍ତ ଶେଷ ହେବ ସେଥିପାଇଁ ସ୍ପଷ୍ଟ ଆଦେଶ ଦେଇଥିଲେ। କେବଳ ସେତିକି ନୁହେଁ, ପ୍ରତି ମାସରେ ବିଭିନ୍ନ ଦପ୍ତର ଓ ବିଭାଗ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଓ ନିଲମ୍ବନ ଘଟଣାଗୁଡ଼ିକର ସମୀକ୍ଷା କରିବା ପାଇଁ ନିର୍ଦ୍ଦିଷ୍ଟ ଭାବେ ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ, ନିର୍ଦ୍ଦେଶାଳୟ, ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀମାନଙ୍କୁ କହିଥିଲେ। ଅବଶ୍ୟ କେତେ କ୍ଷେତ୍ରରେ ମୁଖ୍ୟ ଶାସନ ସଚିବଙ୍କ ଏହି ଆଦେଶନାମାର ଅନୁସରଣ କରାଯାଇ ନିୟମିତ ସମୀକ୍ଷା କରାଯାଉଛି। କିନ୍ତୁ ସଂଖ୍ୟାଧିକ କ୍ଷେତ୍ରରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବର୍ଷବର୍ଷ ଧରି ଗଡୁଛି ଏବଂ ନିଲମ୍ବିତ କର୍ମଚାରୀ ବି ବିନା କାମରେ ବର୍ଷବର୍ଷ ଧରି ରାଜକୋଷରୁ ପ୍ରତି ମାସରେ ଭତ୍ତା ଉଠାଉଛନ୍ତି। ଏମିତିକି କେତେକ ନିଲମ୍ବିତ କର୍ମଚାରୀ ନିଲମ୍ବନ ସମୟରେ ବେନାମୀ ବ୍ୟବସାୟରେ ମଧ୍ୟ ସମ୍ପୃକ୍ତ ରହି ଅଧିକ ମୁନାଫା କମାଉଛନ୍ତି। ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କହିଛନ୍ତି ଯେ ଯେଉଁ କ୍ଷେତ୍ରରେ ତଦନ୍ତକାରୀ ଅଧିକାରୀମାନେ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତଦନ୍ତ ଶେଷ କରୁନାହାନ୍ତି ସେମାନଙ୍କ ବିରୋଧରେ ବି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଏହାଛଡ଼ା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଓ ନିଲମ୍ବନ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ବି ସରକାରଙ୍କ ନିର୍ଦ୍ଦେଶର ଖିଲାପ ଅଭିଯୋଗରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇପାରିବ। (ତଥ୍ୟ)

# କୋରାପୁଟର ଗ୍ରାମାଞ୍ଚଳରେ ବେଦାନ୍ତର ମାଗଣା ମହାପ୍ରୟାଣ ସେବା




ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ): ମୃତକଙ୍କ ପାଇଁ ସମ୍ମାନଜନକ ପରିବହନ ସେବା ସୁନିଶ୍ଚିତ କରିବା ସହ କ୍ଷତିଗ୍ରସ୍ତ ପରିବାରକୁ ସେମାନଙ୍କ ପ୍ରିୟଜନଙ୍କ ଅନ୍ତିମ ଯାତ୍ରା ସମୟରେ ଆର୍ଥିକ ବୋଝରୁ ମୁକ୍ତି ଦେବା ଉଦ୍ଦେଶ୍ୟରେ ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ମାଗଣା ମହାପ୍ରୟାଣ ସେବା ଆରମ୍ଭ କରିଛି, ଯାହା କୋଡିଙ୍ଗାମାଲି ଖଣି ଆଖପାଖର ୧୦୦ଟି ଗ୍ରାମର ଲୋକମାନଙ୍କୁ ଉପକୃତ କରିଛି। କୋରାପୁଟ ବିଧାୟକ ପବିତ୍ର ସାଉଁତା ପତାକା ଦେଖାଇ ଏହି ମହାପ୍ରୟାଣ ସେବା ଯାନକୁ ଉଦଘାଟନ କରିଥିବା ବେଳେ ସ୍ଥାନୀୟ ଲୋକଙ୍କପାଇଁ ଏହି ଅତ୍ୟାବଶ୍ୟକ ସେବାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି । ଏହି ମାଗଣା ମହାପ୍ରୟାଣ ସେବା ଜରିଆରେ ଏହି ଅଞ୍ଚଳର ୧୦ଟି ପରିବାର ଉପକୃତ ହୋଇସାରିଛନ୍ତି ଏବଂ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ୪ଟି ବ୍ଲକର ୧୦୦ଟି ଗାଁକୁ ଏହି ସେବା ପରିବ୍ୟାପ୍ତ ହେବ । ଏହି ଅବସରରେ ସ୍ଥାନୀୟ ବିଧାୟକ ସାଉଁତା କହିଲେ ଯେ ଏହି ଶବ ସେବା ହେଉଛି କରୁଣାର ପ୍ରତୀକ । ଦୁଃଖ ସମୟରେ ପରିବାରଗୁଡ଼ିକୁ ସେମାନଙ୍କ ପ୍ରିୟଜନଙ୍କ ଶବକୁ ପରିବହନ କରିବାର ଆର୍ଥିକ ସମସ୍ୟା ସଂକ୍ରାନ୍ତରେ ଆଉ ଚିନ୍ତା କରିବାକୁ ପଡିବ ନାହିଁ । ଏହି ପଦକ୍ଷେପ ଦ୍ୱାରା ବେଦାନ୍ତ ସ୍ଥାନୀୟ ଗୋଷ୍ଠିକୁ ଏକ ମହାନ ସେବା ଯୋଗାଉଛି । ମଣିରିମାଳା ଗରଡ଼ା (ଏହି ସେବାର ଅନ୍ୟତମ ପ୍ରାରମ୍ଭିକ ହିତାଧିକାରୀ) ନିଜର ଅଭିଜ୍ଞତା ବାଣ୍ଟିବା ସହ କହିଛନ୍ତି ଯେ ଯେତେବେଳେ ମୋ ପତ୍ନୀଙ୍କ ଦେହାନ୍ତ ହେଲା, ସେତେବେଳେ ମୁଁ ଚିନ୍ତିତ ଥିଲି ଯେ ମୋ ପାଖରେ ଥିବା ସୀମିତ ସମ୍ବଳରେ ମୁଁ କିପରି ତାଙ୍କ ଶବ ପାଇଁ ପରିବହନ ବ୍ୟବସ୍ଥା କରିବି। ଏଭଳି କଠିନ ସମୟରେ ଏହି ମହାପ୍ରୟାଣ ଯାନ ପ୍ରକୃତରେ ଆଶୀର୍ବାଦ ପାଲଟିଥିଲା ।

ଜୀବନ ଅମୃତ ଅନୁଚିନ୍ତା

ଈଶ୍ୱରିକ ଉପଲବ୍ଧି-ଧନାଢ୍ୟ ବ୍ୟକ୍ତି ସବୁ ପ୍ରାଚୁର୍ଯ୍ୟ ଭିତରେ ରହି ଅଭାବବୋଧ ଅନୁଭବ କରୁଥିବା ବେଳେ ସମର୍ପିତ ଭକ୍ତ ସବୁ ଅଭାବ ଭିତରେ ରହି ଈଶ୍ୱରିକ ପ୍ରାଚୁର୍ଯ୍ୟ ଅନୁଭବ କରେ।

SANCHAR
ସଂଚାର

୪ ଶନିବାର ୨୧ ସେପ୍ଟେମ୍ବର ୨୦୨୪, ଭୁବନେଶ୍ୱର
Saturday 21 September 2024 Bhubaneswar

# ସବୁଠାରୁ ବଡ଼ ନିର୍ବାଚନ ସଂସ୍କାର

ଗତ ୧୦ ବର୍ଷ ଭିତରେ କେନ୍ଦ୍ରରେ କ୍ଷମତାସୀନ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାର ଅନେକ କ୍ଷେତ୍ରରେ ସଂସ୍କାର ଆଣିଛନ୍ତି। ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ କରି ଜିଏସଟି ଲାଗୁ କରିଛନ୍ତି। ଜାମ୍ମୁ-କାଶ୍ମୀରକୁ ମିଳିଥିବା ସ୍ୱାୟତ୍ତତା ପ୍ରତ୍ୟାହାର କରି ଏହାକୁ ଏକ କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟତା ପ୍ରଦାନ କରିଛନ୍ତି। ଏଥିପାଇଁ ସମ୍ବିଧାନର ଅନୁଚ୍ଛେଦ ୩୭୦ ପ୍ରତ୍ୟାହାର କରାଯାଇଛି। ଲଦାଖକୁ କାଶ୍ମୀରରୁ ଅଲଗା କରାଯାଇ ଏହାକୁ ଏକ ନୂଆ କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟତା ପ୍ରଦାନ କରାଯାଇଛି। ଗତ ୧୦ ବର୍ଷ ଭିତରେ ମୋଦି ସରକାରଙ୍କର ସମ୍ଭବତଃ ଏହା ସବୁଠାରୁ ବଡ଼ ସଫଳତା ଏବଂ ଭାରତ ଇତିହାସରେ ଏହା ଏକ ବଡ଼ ଘଟଣା। ସେହିପରି ବ୍ରିଟିଶ ଅମଳର ଅପରାଧିକ ଆଇନ ପରିବର୍ତ୍ତନ କରାଯାଇ ନୂଆ ଆଇନ ପ୍ରଣୀତ ହୋଇଛି। ମହିଳାଙ୍କ ପାଇଁ ସଂସଦ ଏବଂ ବିଧାନସଭାରେ ୩୩% ସ୍ଥାନ ସଂରକ୍ଷଣ ଲାଗି ଆଇନ ପ୍ରଣୟନ ହୋଇଛି। ନାବାଳିକା ଦୁଷ୍କର୍ମକାରୀ ଏବଂ ମହିଳାଙ୍କୁ ଅତ୍ୟାଚାର ଅଭିଯୋଗରେ କଠୋର ଦଣ୍ଡ ଏପରିକି ଫାଶୀ ଦଣ୍ଡ ବିଧାନ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏବେ ସରକାର ଆଉ ଏକ ବଡ଼ ପଦେଖପ ନେବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ହେଲା ସାରା ଦେଶରେ ଗୋଟିଏ ପର୍ଯ୍ୟାୟରେ ଲୋକସଭା ସହିତ ସବୁ ରାଜ୍ୟ ବିଧାନସଭା ଏବଂ ବିଭିନ୍ନ ରାଜ୍ୟରେ ପୌର ଓ ପଞ୍ଚାୟତ ନିର୍ବାଚନ ଏକାଠି କରିବା। ଦୀର୍ଘ ଦିନ ହେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ହି ପ୍ରସ୍ତାବ ଦେଇ ଆସୁଥିଲେ। ଏ ସମ୍ପର୍କରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଏକ ପାନେଲ ଗଠନ କରାଯାଇଥିଲା। ପାନେଲରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ ଆଇନମନ୍ତ୍ରୀ ÷ଅର୍ଜୁନ ରାମ ମେଘାୱାଲ ମଧ୍ୟ ସଦସ୍ୟ ଥିଲେ। କବମିଟି ଗଠିତ ହେବାର ୧୯୧ ଦିନରେ ତାଙ୍କ ରିପୋର୍ଟ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ। ଏହି ରିପୋର୍ଟକୁ କେନ୍ଦ୍ର ସରକାର ଗ୍ରହଣ କରିଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ୱାନ ନେସନ-ୱାନ ଇଲେକ୍ସନ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହା ୨୦୨୯ରେ କାର୍ଯ୍ୟକାରୀ କରିବାକୁ ସର୍ବସମ୍ମତ ମତ ପ୍ରକାଶ ପାଇଛି। ଯଦି ବାସ୍ତବରେ ଏହା କାର୍ଯ୍ୟକାରୀ ହେବ ତେବେ ଏହା ହେବ ସ୍ୱାଧୀନ ଭାରତରେ ସବୁଠାରୁ ବଡ଼ ନିର୍ବାଚନ ସଂସ୍କାର। କମିଟି ତାଙ୍କ ରିପୋର୍ଟ ପ୍ରସ୍ତୁତ କରିବା ପୂର୍ବରୁ ସବୁ ପକ୍ଷର ମତାମତ ଲୋଡ଼ିଥିଲେ। ସମ୍ବିଧାନ ବିଶେଷଜ୍ଞଙ୍କ ସହ ପରାମର୍ଶ କରିଥିଲେ। ସବୁ କଥା ବିଚାର କରିବା ପରେ କମିଟି ତାଙ୍କ ରିପୋର୍ଟ ଦେଇଛନ୍ତି। ରିପୋର୍ଟରେ ଥିବା ବ୍ୟବସ୍ଥା ଅନୁଯାୟୀ ଲୋକସଭା ସହିତ ସବୁ ରାଜ୍ୟର ବିଧାନସଭା ନିର୍ବାଚନ ଏକାଠି ହେବ। ଏହାର ଶହେ ଦିନ ମଧ୍ୟରେ ଦେଶବ୍ୟାପୀ ପୌର ଏବଂ ପଞ୍ଚାୟତ ନିର୍ବାଚନ ମଧ୍ୟ ହେବ। ଗୋଟିଏ ଭୋଟର ତାଲିକା ଆଧାରରେ ଏହିସବୁ ନିର୍ବାଚନ ହେବ। ଏଥିପାଇଁ ଦୁଇଟି ନୂଆ ବିଲ ଏବଂ ପ୍ରାୟ ୧୫ଟି ସଂଶୋଧନ ପ୍ରସ୍ତାବ ସଂସଦର ଉଭୟ ଗୃହରେ ଅନୁମୋଦିତ ହେବା ଆବଶ୍ୟକ। ତାହା ପୁଣି ଦୁଇ ତୃତୀୟାଂଶ ସମର୍ଥନରେ। ଏହା ବାଦ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ବିଧାନସଭାରେ ମଧ୍ୟ ଏହାକୁ ପାରିତ କରାଇବା ଜରୁରୀ। କିନ୍ତୁ କଂଗ୍ରେସ ସମେତ ୧୫ଟି ବିରୋଧୀ ଦଳ ଏହାକୁ ବିରୋଧ କରିଛନ୍ତି। ସଂସଦରେ ଶାସକ ମେଣ୍ଟର ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ନାହିଁ, ଅନେକ ରାଜ୍ୟରେ ବିରୋଧୀ ଦଳ କ୍ଷମତାରେ ରହିଛନ୍ତି। ତେଣୁ ୱାନ ନେସନ ୱାନ କିନ୍ତୁ ମୋଦି ସରକାରଙ୍କ ତୃତୀୟ ପାଳିରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି। ନୂଆ ନିର୍ବାଚନ ବ୍ୟବସ୍ଥାର ଲକ୍ଷ୍ୟ ହେଲା ବାରମ୍ବାର ନିର୍ବାଚନ ଦ୍ୱାରା ଯେଉଁ ବିପୁଳ ଅର୍ଥ ବ୍ୟୟ ହେଉଛି ଏବଂ ଆଚରଣବିଧି ଲାଗୁ ହେବା ଦ୍ୱାରା ବିକାଶମୂଳକ କାମରେ ଯେଉଁ ପ୍ରତିବନ୍ଧକ ସୃଷ୍ଟି ହେଉଛି ତାହାକୁ ହଟାଇବା। ଏହା ଏକ ଉତ୍ତମ ଚିନ୍ତାଧାରା। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ସହଜ ନୁହେଁ। ଦୁଇତୃତୀୟାଂଶ ସମର୍ଥନରୁ ଏନଡିଏ ଲୋକସଭାରେ ୭୨ଟି ଏବଂ ରାଜ୍ୟସଭାରେ ୫୨ଟି ଆସନ ପଛରେ ରହିଛି। ତେଣୁ ସବୁ ରାଜନୈତିକ ଦଳର ସହମତି ବିନା ଏହା କାର୍ଯ୍ୟକାରୀ ହେବା ଅସମ୍ଭବ। ଏହା ବିଜେପି ମଧ୍ୟ ଭଲଭାବେ ଜାଣିଛି। କିନ୍ତୁ ଏହା ସତ୍ତ୍ୱେ ଏଭଳି ଏକ ପ୍ରସ୍ତାବକୁ କ୍ୟାବିନେଟ କାହିଁକି ଅନୁମୋଦନ କରିଛି ? ଏହାର କାରଣ ହେଲା ଏହି ପ୍ରସ୍ତାବ ସପକ୍ଷରେ ଜନମତ ସୃଷ୍ଟି କରିବା। ଏହା ହିଁ ନରେନ୍ଦ୍ର ମୋଦିଙ୍କ ରାଜନୈତିକ ଦୂରଦୃଷ୍ଟି ଏବଂ ରଣକୌଶଳର ବିଶେଷତ୍ୱ। ସେ ଭଲଭାବେ ଜାଣିଛନ୍ତି ଯେ, ୨୦୨୯ରେ ଯେତେବେଳେ ବିଜେପି କ୍ରମାଗତ ତୃତୀୟ ଥର ପାଇଁ ଜନମତ ଲୋଡ଼ିବେ ସେତେବେଳେ ଏହା ସହଜ ହେବନି। ତେଣୁ ୨୦୨୯ ନିର୍ବାଚନକୁ ଆଖି ଆଗରେ ରଖି ସେ ଏପରି ଏକ ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବାକୁ ଅଣ୍ଟାଭିଡ଼ିଛନ୍ତି। ଏହି ପ୍ରସଙ୍ଗରେ ବିରୋଧୀଙ୍କୁ ବିଭାଜିତ କରିବା ହେଉଛି ତାଙ୍କର ଲକ୍ଷ୍ୟ। ହୁଏତ କଂଗ୍ରେସ ଏହି ପ୍ରସଙ୍ଗରେ ମତ ବିଭାଜନର ସମ୍ମୁଖୀନ ହୋଇପାରେ। ଏହା ବିଜେପିକୁ ସୁହାଇବ। ଏବେ ହରିୟାନା ସହିତ ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଅକ୍ଟୋବର ୮ରେ ଉଭୟ ରାଜ୍ୟର ଭୋଟ ଗଣତି ଏକତ୍ର ହେବ। ଏହା ପରେ ନଭେମ୍ବରରେ ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ହେବ। ଏବେ ଅରବିନ୍ଦ କେଜରିୱାଲ ମହାରାଷ୍ଟ୍ର ସହ ଦିଲ୍ଲୀ ବିଧାନସଭା ପାଇଁ ମଧ୍ୟ ଏକତ୍ର ନିର୍ବାଚନ କରିବାକୁ ଦାବି କଲେଣି। ଏହା ଗ୍ରହଣୀୟ ଏବଂ ଯୁକ୍ତିଯୁକ୍ତ। ବର୍ଷକ ଭିତରେ ୧୩ଟି ରାଜ୍ୟ ବିଧାନସଭା ନିର୍ବାଚନ କିଛି କିଛି ସମୟ ଅନ୍ତରାଳରେ ହେଉଛି। ଏସବୁ ରାଜ୍ୟର ବିଧାନସଭା ନିର୍ବାଚନ ଲୋକସଭା ସହ ଏକତ୍ର କରିବା ସମ୍ଭବ ହୋଇଥାଆନ୍ତା। ସହମତି ଭିତ୍ତିରେ ଏସବୁ ରାଜ୍ୟରେ ଏକତ୍ର ନିର୍ବାଚନ କରାଯାଇପାରିଥାଆନ୍ତା। ଏହା ଦ୍ୱାରା ଖର୍ଚ୍ଚ କମ ଏବଂ ସମୟର ଅପଚୟକୁ ଅନେକାଂଶରେ ରୋକାଯାଇପାରିଥାଆନ୍ତା। ପ୍ରଧାନମନ୍ତ୍ରୀ ବାରମ୍ବାର ୱାନ ନେସନ ୱାନ ଇଲେକ୍ସନ କଥା କହୁଛନ୍ତି। ଏହା ବାସ୍ତବତାରେ ପରିଣତ ହେବା ସହଜ ନୁହେଁ। କିନ୍ତୁ ପର୍ଯ୍ୟାୟକ୍ରମେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ। ପ୍ରଥମ ପର୍ଯ୍ୟାୟରେ ଅନ୍ତତଃପକ୍ଷେ ୧୦ଟି ରାଜ୍ୟ ବିଧାନସଭା ନିର୍ବାଚନ ହୋଇପାରିବ। ଲୋକସଭା ନିର୍ବାଚନ ସହିତ ନହେଉ ପଛେ ଏକକାଳୀନ ଏସବୁ ରାଜ୍ୟର ବିଧାନସଭା ନିର୍ବାଚନ ହୋଇପାରିବ। ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୧୦ଟି ରାଜ୍ୟର ବିଧାନସଭା ନିର୍ବାଚନ ହୋଇପାରିବ। ନିର୍ବାଚନ ବିଧି ବ୍ୟବସ୍ଥା ଅନୁଯାୟୀ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ଦିନଠାରୁ ଆଦର୍ଶ ଆଚରଣବିଧି ଲାଗୁ ହେବା କଥା। ବାରମ୍ବାର ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ହେବା ଦ୍ୱାରା ଆଦର୍ଶ ଆଚଣବିଧି ଲାଗୁ ହେଉଛି ଏବଂ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ୨୦୦୪ରେ ନବୀନ ପଟ୍ଟନାୟକ ଠିକ ଏହି ନୀତି ଅନୁସରଣ କରି ରାଜ୍ୟ ବିଧାନସଭାକୁ ବର୍ଷକ ଆଗରୁ ଭାଙ୍ଗି ଦେଇଥିଲେ। ଏହା ଏବେ ଚାଲୁ ରହିଛି। ବିଗତ ୨୦ ବର୍ଷ ହେବ ରାଜ୍ୟରେ ଲୋକସଭା ସହିତ ରାଜ୍ୟ ବିଧାନସଭା ନିର୍ବାଚନ ଏକକାଳୀନ ହେଉଛି। ଓଡ଼ିଶାବାସୀ ଏହାର ସଫଳତା ଏବଂ ଆବଶ୍ୟକତାକୁ ପ୍ରମାଣିତ କରିଛନ୍ତି। ଏହି ପ୍ରସଙ୍ଗରେ ବିଜେଡି କ'ଣ ଆଭିମୁଖ୍ୟ ଗ୍ରହଣ କରିବ ତାହା ଜାଣିବାକୁ ଅନେକ ଆଗ୍ରହ ପ୍ରକାଶ କରିଛନ୍ତି। ବିଜେଡି, ୱାଇଏସଆର କଂଗ୍ରେସ, ଅକାଳି, ବିଏସପି ଏହାକୁ ସମର୍ଥନ କରିପାରନ୍ତି। କାରଣ ଏହା ସେମାନଙ୍କ ପାଇଁ ଲାଭଜନକ ହେବ। ତଥାପି କଂଗ୍ରେସର ସମର୍ଥନ ବିନା ଏହାକୁ କାର୍ଯ୍ୟକାରୀ କରିବା ଅସମ୍ଭବ। ତେଣୁ ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ହେଲା ଏହି ପ୍ରସଙ୍ଗରେ ବ୍ୟାପକ ସହମତି ଏବଂ ଜନମତ ସୃଷ୍ଟି କରିବା।

## ସମ୍ପାଦକଙ୍କୁ ପତ୍ର

### ଭଲ ଡାକ୍ତରଙ୍କ ଅଭାବ

**ମହାଶୟ,**

ରାଜ୍ୟରେ ଡାକ୍ତର ଅଭାବ ପୂରଣ ଏବଂ ସ୍ୱାସ୍ଥ୍ୟସେବାର ମାନ ବୃଦ୍ଧି ନିମନ୍ତେ ଗତ କିଛି ବର୍ଷ ଭିତରେ ରାଜ୍ୟରେ ଅନେକ ସରକାରୀ ଓ ଘରୋଇ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ପୂର୍ବରୁ ଥିବା ୩ଟି ସରକାରୀ ମେଡିକାଲ କଲେଜରେ ଏମବିବିଏସ ଶ୍ରେଣୀରେ ସିଟ ସଂଖ୍ୟା ବୃଦ୍ଧି କରାଯାଇଛି। ତେଣୁ ପୂର୍ବାପେକ୍ଷା ଏବେ ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି ପାଇଛି ସତ, ମାତ୍ର ଲୋକସଂଖ୍ୟା ତୁଳନାରେ ଏହା ପର୍ଯ୍ୟାପ୍ତ ନୁହେଁ। ବିଶେଷକରି ଗ୍ରାମାଞ୍ଚଳରେ ଡାକ୍ତର ନାହାଁନ୍ତି କହିଲେ ଚଳେ। ଏବେ କେନ୍ଦ୍ର ସରକାରଙ୍କ ନୀତି ଆଧାରରେ ରାଜ୍ୟର ପ୍ରତି ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ସରକାର କହିଛନ୍ତି। ଏହା ସ୍ୱାଗତ ଯୋଗ୍ୟ। କିନ୍ତୁ କେବଳ ସଂଖ୍ୟା ବୃଦ୍ଧି ହେଲେ ହେବ ନାହିଁ, ଗୁଣାତ୍ମକ ଦୃଷ୍ଟିରୁ ଆମକୁ ଭଲ ବିଶେଷଜ୍ଞ ଡାକ୍ତର ଦରକାର। ଏଥିପାଇଁ ଡାକ୍ତରୀ ପାଠ୍ୟକ୍ରମରେ ଆଡମିଶନ ବେଳେ ଭଲ ଛାତ୍ରଙ୍କୁ ଚୟନ କରାଯିବା ଉଚିତ। ଡାକ୍ତରୀ ପାଠ ପଢ଼ିବାକୁ ଚୟନ ପ୍ରକ୍ରିୟାରୁ ସଂରକ୍ଷଣ ବ୍ୟବସ୍ଥା ହଟାଯିବା ଆବଶ୍ୟକ।

ଅମ୍ବିକା ପ୍ରସାଦ ଗଡ଼ନାୟକ, ପଲା,ଖୋର୍ଦ୍ଧା

# ସଂସ୍କାର ସ୍ଥାନରେ ଶ୍ମଶାନ କରୁଥିବା ଶିକ୍ଷକ



**ଦିପ୍ତିମୟୀ ନାୟକ**

ବର୍ତ୍ତମାନର ଗୁରୁମାନେ ବଶିଷ୍ଠ ବିଶ୍ୱାମିତ୍ର କିମ୍ବା ସନ୍ଦୀପନି ନୁହଁନ୍ତି। କିଛି ଜଣ ଗୁରୁ ଏମିତି ଅଛନ୍ତି ଯେମିତି ଏମାନେ ଜଣେଜଣେ ଉର୍ବର ମସ୍ତିଷ୍କ ଯୁକ୍ତ ପ୍ରତିଭା ହତ୍ୟାକାରୀ ତଥା ପାତର ଅନ୍ତରରେ ମହାଗୁରୁ ଦ୍ରୋଣାଚାର୍ଯ୍ୟ। ପିଲାଙ୍କୁ ଉତ୍ତମ ମଣିଷ ଭାବରେ ଗଢି ତୋଳିବା ପାଇଁ ବାପା-ମା'ଙ୍କର ଯେତିକି ଅବଦାନ ଥାଏ ସେତିକି ଅବଦାନ ମଧ୍ୟ ଶିକ୍ଷକ ମାନଙ୍କର ରହିଥାଏ। କାହିଁକି ନା ଆପଣମାନେ ଅନେକ ସମୟରେ ଶୁଣିଥିବେ ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ। ଯିଏ ଅନ୍ଧକାରରୁ ଆଲୋକକୁ ମାର୍ଗ ଦେଖାଇଥାନ୍ତି ସେ ହେଉଛନ୍ତି ଗୁରୁ। ଗୁ ଅର୍ଥ ଅନ୍ଧାର ଓ ରୁ ଅର୍ଥ ଆଲୋକ। ଅନ୍ଧାର ରୂପକ ଅଜ୍ଞାନକୁ ଦୂର କରି ଯେ ଜ୍ଞାନର ପ୍ରଦୀପ ଜାଳେ ସେ ହିଁ ସଦଗୁରୁ।

କେବେ ଆକଟ ଭରା କଠୋର ଅନୁଶାସନ ତ ପୁଣି କେବେ ତାଙ୍କ ଉତ୍ସାହପ୍ରଦ ପ୍ରେରଣା ଜଣଙ୍କୁ ସାଧାରଣରୁ ଅସାଧାରଣ ଭାବରେ ଗଢିତୋଳିଥାଏ। ପାଠ ହେଉ କି ସଂଗୀତ। ଖେଳ ହେଉ କି ନୃତ୍ୟ। ପ୍ରତିଟି କ୍ଷେତ୍ରରେ ଗୁରୁଙ୍କର ମାର୍ଗଦର୍ଶନ କୃତୀ ପ୍ରତିଭାଙ୍କ ପାଇଁ ଆଣି ଦେଇଛି ପ୍ରସିଦ୍ଧି। ତେବେ ଏହି କଥା ଗୁଡିକର ଯଥାର୍ଥ କେତେ ରହିଛି ତାହା ଜାଣିବାକୁ ହେଲେ ଅନେକ ସମୟରେ ଭାରି ବିଚଳିତ ଲାଗେ। କାରଣ ଯୁଗ ପରିବର୍ତ୍ତନ ହେବା ସହ ମାନସିକତା ମଧ୍ୟ ବଦଳିଯାଉଛି। ଯେମିତିକି ପିଲାମାନଙ୍କର ଭବିଷ୍ୟତ ଗଢିବାପାଇଁ ବାପା-ମା'ମାନେ ପିଲାମାନଙ୍କୁ ସ୍କୁଲ, କଲେଜ ଛାଡିଥାଆନ୍ତି। ଆଉ ସେହି ସ୍କୁଲ, କଲେଜର ଶିକ୍ଷକ ହୁଅନ୍ତୁ କିମ୍ବା ଅଧ୍ୟାପକ ସେମାନେ କିପରି ପିଲାମାନଙ୍କୁ ଶିକ୍ଷା ଅଧ୍ୟୟନ କରିବା କ୍ଷେତ୍ରରେ ସାହାଯ୍ୟ କରନ୍ତି ତାହା କେବଳ ଜଣେ ଛାତ୍ରୀ କିମ୍ବା ଛାତ୍ର ଜାଣିଥାଏ।

ପୂର୍ବରୁ ଥିଲା ଗୁରୁଙ୍କୁ ନମଣିବ ନର ଗୁରୁ ହିଁ ସାକ୍ଷାତ ଈଶ୍ୱର।କିନ୍ତୁ ବର୍ତ୍ତମାନର ଗୁରୁଙ୍କୁ ନମିବ ଗୁରୁ, ଗୁରୁ ହିଁ ସାକ୍ଷାତ ଶୂକର।ଅର୍ଥାତ କେଲେଙ୍କାରୀ ଶିକ୍ଷକ ନର୍କରେ ରୁହନ୍ତି ଆଉ ଏମାନଙ୍କ ପାଇଁ ନର୍କ ହେଉଛି ପଙ୍କ। ତେଣୁ ଏମାନେ ସମାଜକୁ କଳୁଷିତ କରୁଥିବାରୁ ଏମାନେ ଶୂକର ନର୍କ ରୂପକ ପଙ୍କରେ ରୁହନ୍ତି। ଯେମିତିକି ନାବାଳିକା ଅତ୍ୟାଚାର, ପ୍ରତିଭା ହତ୍ୟା, ଶିକ୍ଷକଙ୍କ କଳାକାରନାମା ପାଇଁ



ଆଜି ଏହି ଶିକ୍ଷକ ସମାଜ ଉପରେ ଦାଗ ଲାଗୁଛି ଯାହା ଅତ୍ୟନ୍ତ ଦୁଃଖଦାୟକ। ଯେଉଁଥିପାଇଁ ଲୋକମାନେ ଏବେ କହି ବୁଲୁଛନ୍ତି ସେହି ଗୁରୁମାନଙ୍କ ପାଇଁ ଗୁରୁଙ୍କୁ ନ ମଣିବ ନର ଗୁରୁହିଁ ପଙ୍କେ ଲୋଟୁଥିବା ଶୂକର। ଏମାନେ ସଂସ୍କାର ସ୍ଥାନରେ ଶିକ୍ଷାନୁଷ୍ଠାନକୁ ଶ୍ମଶାନ କରିବାକୁ ବି ପଛାଉନାହାନ୍ତି। ଲୋକଙ୍କର ଭରଷା ଓ ବିଶ୍ୱାସ ଥାଏ ଏମାନେ ସମାଜକୁ ସୁଧାରିବେ ହେଲେ ଏମାନେ ସମାଜକୁ ସୁଧାରିବା ଜାଗାରେ ସମାଜକୁ କଳୁଷିତ କରୁଛନ୍ତି। ମାନୁଛି ସବୁ ଗୁରୁ ସମାନ ନୁହଁନ୍ତି କିନ୍ତୁ ଏହିଭଳି ଗୁରୁ ମାନଙ୍କ ପାଇଁ ଆଜିବି ଅନେକ ପିଲା ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଯେଉଁ ଗୁରୁମାନଙ୍କୁ ଅଭିଭାବକ ମାନେ ବିଶ୍ୱାସ କରି ସେମାନଙ୍କ ପିଲାଙ୍କୁ ସେମାନଙ୍କ ପାଖରେ ଛାଡୁଛନ୍ତି ତେବେ ଆପଣ ନିଶ୍ଚିନ୍ତ ଭାବନ୍ତୁ ସେହି ଗୁରୁଙ୍କ ପାଖରେ ଆପଣଙ୍କ ପିଲା କେତେ ସୁରକ୍ଷିତ। ଏବଂ ଏହିଭଳି ଗୁରୁ ମାନଙ୍କ ବିରୋଧରେ ଅତି କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ଏଥିସହିତ ଏହିଭଳି ଶିକ୍ଷକ ମାନଙ୍କୁ ଯଥା ସମ୍ଭବ ଚାକିରୀରୁ ବହିଷ୍କାର କରାଯିବା ଦରକାର ନଚେତ ଏହିଭଳି ଶିକ୍ଷକ ମାନଙ୍କ ପାଇଁ ଶିକ୍ଷକ ସମାଜ ଉପରେ ଯେମିତି ଦାଗ ନଲାଗିଯାଉ।ବେଳେବେଳେ ମଧ୍ୟ ଏମିତି ଗୁରୁଙ୍କ ପାଇଁ ଅନେକ ପ୍ରତିଭା ଆଜି ବଣମଲ୍ଲୀ ସଦୃଶ କାରଣ ଏହିଭଳି ଗୁରୁ କିଛି ପିଲାଙ୍କୁ ପାତରଅନ୍ତର କରିବା ଦ୍ୱାରା ଅନେକ ପିଲାଙ୍କର ଭବିଷ୍ୟତ ମଧ୍ୟ ଅନ୍ଧାର ହୋଇଯାଏ ଆଉ ଏହିଭଳି ଗୁରୁ ମାନଙ୍କୁ ମଧ୍ୟ ଛାତ୍ରଛାତ୍ରୀ ମାନେ କଠୋର ବିରୋଧ କରିବା ସହ ଅଭିଭାବକ ମାନଙ୍କୁ ଜଣାଇ ଏମାନଙ୍କ ପାଇଁ ଏମିତି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଯେମିତି ଏମାନଙ୍କ ମନରେ ଏହି ପାତରଅନ୍ତର ଭାବ ରହିବନି। ପ୍ରତ୍ୟେକ ପିଲାଙ୍କୁ ସମାନ ଶିକ୍ଷାଦାନ ଦିଆଯିବା ସହ ସବୁ ଛାତ୍ରଛାତ୍ରୀ ମାନଙ୍କର ଉତ୍ତମ ଭବିଷ୍ୟତ ଗଢିବା ଦିଗରେ ବେଶ ସହାୟକ ହେବ।

ମୋବାଇଲ: ୯୦୯୦୭୬୧୫୮୬

# ଆତ୍ମହତ୍ୟା ଏକ ସାମାଜିକ ବ୍ୟାଧି

**ସୁବାଷ କୁମାର ତାରଣିଆଁ**

ଆତ୍ମହତ୍ୟା କରିବାର ପ୍ରବଣତା ମନୁଷ୍ୟ ମଧ୍ୟରେ କେଉଁ ଆବହମାନ କାଳରୁ ରହିଆସିଛି। ଆତ୍ମହତ୍ୟାକୁ ଏକ ମହାପାପ ବୋଲି ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ରହିଛି। ମନୁଷ୍ୟ ମନରେ ଥିବା ଅପୂରଣୀୟ କାମନାରେ ନିରାଶ ହେଲେ ସେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥାଏ। ଦେଶର ଉନ୍ନତି ଯୁବକମାନଙ୍କ ଦ୍ୱାରା ସମ୍ଭବ। ମାତ୍ର ଯୁବକମାନେ ଏଥିପ୍ରତି ଦୃଷ୍ଟି ନଦେଇ ନିଜ ଜୀବନକୁ ବ୍ୟକ୍ତିକୈନ୍ଦ୍ରିକ କରିଦେଉଛନ୍ତି, ଫଳରେ ବାଧାବିଘ୍ନର ହତାଶାଭାବରେ ସେମାନେ ଆତ୍ମହତ୍ୟାକୁ ଆପଣାଉଛନ୍ତି। କହିବାକୁ ଗଲେ ଯୁବଗୋଷ୍ଠୀଙ୍କ ସହନଶୀଳତା ଗୁଣର ଘୋର ଅବନତି ଘଟୁଛି। ଯାହାର ପରିଣାମସ୍ୱରୂପ ସେମାନେ ଧୈର୍ଯ୍ୟହରା ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ସେହିପରି ପାରିବାରିକ, ଆର୍ଥିକ, ସାମାଜିକ ଓ ପ୍ରେମ ଜନିତ କାରଣରୁ ଦର୍ବଳମନା ଓ ନିରାଶ ହେବାରୁ ସମାଜରେ ଆତ୍ମହତ୍ୟା ବୃଦ୍ଧି ପାଉଛି। ପ୍ରେମ ସତ୍ୟ, ଶାଶ୍ୱତ ଓ ପ୍ରେମ ଚିରନ୍ତନ। ଦୁଇଟି ଅଜଣା ଆତ୍ମାର ମିଳନରୁ ସୃଷ୍ଟି ହୋଇଥାଏ ପ୍ରେମ। ମାତ୍ର ପ୍ରେମରେ ଧୋକ୍କା ପାଇଁ ହେଉ ଅବା ତ୍ରିକୋଣୀୟ ପ୍ରେମକୁ ନେଇ ମାନସିକ ଚାପରୁ ଅନେକ ଯୁବକ ଯୁବତୀ ଆତ୍ମହତ୍ୟା ଭଳି ପନ୍ଥାକୁ ଆପଣାଉଛନ୍ତି। ପ୍ରେମ ପାଇଁ କିଏ ରୋଜଗାରିଆ ପୁଅକୁ ହରାଉଛି ତ କିଏ ଉଚ୍ଚଶିକ୍ଷିତା ଝିଅକୁ ହରାଉଛି। ଫଳରେ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି।

୨୦୨୧ ମସିହାରେ ରାଜଧାନୀରେ ୨୭୭ଟି ଆତ୍ମହତ୍ୟା ମାମଲା ରୁଜୁ ହୋଇଥିଲା। ସେଥିମଧ୍ୟରୁ ୧୯୦ଜଣ ପୁରୁଷ ଥିବାବେଳେ ୮୭ଜଣ ମହିଳା ଥିଲେ। ରଶି ଲଗାଇ ବା ଝୁଲନ୍ତ ଅବସ୍ଥାରେ ୧୩୫ଜଣ ଆତ୍ମହତ୍ୟା କରିଥିବା ବେଳେ ୧୧୯ ଜଣ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏକ ତଥ୍ୟ ଅନୁସାରେ ରାଜ୍ୟରେ ୨୦୧୬ ମସିହାରେ ମୋଟ ୩୧୪ଜଣ ଆତ୍ମହତ୍ୟା କରିଥିଲେ। ସେହିପରି ୨୦୧୭ ମସିହାରେ ୨୩୮ଜଣ, ୨୦୧୮ ମସିହାରେ ୨୪୨ଜଣ, ୨୦୧୯ ମସିହାରେ ୧୭୨ଜଣ, ୨୦୨୦ ମସିହାରେ ୨୫୦ ଏବଂ ୨୦୨୧ ମସିହାରେ ୩୦୦ଜଣ ଆତ୍ମହତ୍ୟା କରିଥିଲେ। ସମ୍ପ୍ରତି ପ୍ରେମ ଜନିତ କାରଣରୁ ରାଜ୍ୟରେ ଆତ୍ମହତ୍ୟା ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ଭରତପୁର ଅଞ୍ଚଳର ସୁରେଖା ପଲେଇ ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ। କିନ୍ତୁ ଯୁବକ ଜଣକ ସୁରେଖାଙ୍କ ଠାରୁ କମ୍ ବୟସର ହୋଇଥିବାରୁ ବିବାହ ପାଇଁ ରାଜି ହୋଇନଥିଲେ। ଫଳରେ ସୁରେଖା ମାନସିକ ଚାପରୁ ଆତ୍ମହତ୍ୟା କରିଥିଲେ। ଖଣ୍ଡଗିରି ଅଞ୍ଚଳରେ ରହୁଥିବା ଶିକ୍ଷୟିତ୍ରୀ ସବନମ ବର୍ମା ତାଙ୍କ ଠାରୁ କମ୍ ବୟସର ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ, କିନ୍ତୁ ଯୁବକ ଜଣଙ୍କ ବିବାହ ପାଇଁ ରାଜି ନହେବାରୁ ସବନମ୍ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ରାଜଧାନୀ ଭୁବନେଶ୍ୱରସ୍ଥ ସାମନ୍ତରାପୁରରେ ରହୁଥିବା ନୀଳାମ୍ବର ସ୍ୱାଇଁ ନାମକ ଜଣେ ଯୁବକ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ମାତ୍ର କୌଣସି କାରଣରୁ ଯୁବତୀ ଜଣକ ଆତ୍ମହତ୍ୟା କରିବା ପରେ ଭାରସାମ୍ୟ ହରାଇ ନୀଳାମ୍ବର ମଧ୍ୟ ଆତ୍ମହତ୍ୟା କରିଥିଲେ। ମଞ୍ଚେଶ୍ୱର ଅଞ୍ଚଳର ଜଣେ ଯୁବକ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ମାତ୍ର ଯୁବକଙ୍କ ଠାରୁ ଯୁବତୀ ବୟସରେ ବଡ଼ ହୋଇଥିବାରୁ ବିବାହ ସମ୍ଭବ ହୋଇପାରି ନଥିଲା ଏବଂ ଶେଷରେ ଯୁବକଣକ ଆତ୍ମହତ୍ୟା କରିଥିଲେ। ଶ୍ୱେତାକୁମାରୀ ନାମକ ଜଣେ ସଫ୍ଟୱେୟାର ଇଞ୍ଜିନିୟର ସୌମ୍ୟଜିତ ନାମକ ଜଣେ ଯୁବକଙ୍କୁ ଭଲ ପାଉଥିଲେ। ଘରଭଡ଼ା ନେଇ ଉଭୟେ ସ୍ୱାମୀ ସ୍ତ୍ରୀ ଭଳି ଚଳୁଥିଲେ। ଏକଥା ଉଭୟଙ୍କ ପରିବାର ମଧ୍ୟ ଜାଣିଥିଲେ। ମାତ୍ର ସୌମ୍ୟଜିତ ଅନ୍ୟ ଜଣେ ଯୁବତୀଙ୍କୁ ଭଲ ପାଇବାରୁ ଶ୍ୱେତାଙ୍କୁ ଭୁଲିଯାଇଥିଲେ। ଶ୍ୱେତା ଏକଥା ଜାଣିବା ପରେ ଉଭୟ ପ୍ରେମିକ ଓ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେଇଥିଲା ଏବଂ ଶ୍ୱେତା ଆତ୍ମହତ୍ୟା କରିଥିଲେ।

ପ୍ରେମରେ ଧୋକା ଖାଇବା ପରେ କଟକ ଜିଲ୍ଲାର ଜଣେ ଯୁବ ମଡ଼େଲର ସୌମ୍ୟରଞ୍ଜନ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସୌମ୍ୟରଞ୍ଜନ ଆତ୍ମହତ୍ୟା କରିବା ପୂର୍ବରୁ ସୁଇସାଇଡ଼ ନୋଟରେ ପ୍ରେମର କାହାଣୀ ବିଷୟରେ ଲେଖିଦେଇ ଯାଇଥିଲେ। ସୌମ୍ୟରଞ୍ଜନ ମୁମ୍ବାଇରେ ମଡ଼େଲିଂ କରୁଥିଲେ। ମାତ୍ର ମହାମାରୀ କରୋନା ଯୋଗୁଁ ସେ ଘରକୁ ଫେରି ଆସିଥିଲେ ଏବଂ ଏକ କାଫେ ଖୋଲିଥିଲେ। କାଫେକୁ ଜଣେ ଯୁବତୀ ନିୟମିତ ଆସୁଥିବାରୁ ସୌମ୍ୟଜିତଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଦୁଇବର୍ଷ ଧରି ଉଭୟେ ପ୍ରେମ କରୁଥିଲେ। ଏହି ଘଟଣା ଉଭୟଙ୍କ ପରିବାର ଜାଣିବାରୁ ଉଭୟଙ୍କ ବିବାହ କରିବାକୁ ଯୋଜନା କରିଥିଲେ। କିନ୍ତୁ କୌଣସି କାରଣ ଯୋଗୁଁ ସୌମ୍ୟଜିତ ମାନସିକ ଚିନ୍ତାରେ ଥିଲେ ଏବଂ ବିଳମ୍ବିତ ରାତିରେ ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏ ସମ୍ପର୍କରେ ଯୁବତୀଙ୍କୁ ପଚାରିବାରୁ ସେ ପ୍ରେମ ସମ୍ପର୍କକୁ ଏଡ଼ାଇ ଦେଇଥିଲେ। ମାତ୍ର ଯୁବତୀଜଣଙ୍କ ଆଉ ଜଣେ ଯୁବକ ସହିତ ବୁଲାବୁଲି କରୁଥିବାରୁ ସୌମ୍ୟଜିତ ଏହାକୁ ସହଜରେ ଗ୍ରହଣ କରିପାରୁ ନଥିଲେ। ଏଥିପାଇଁ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଅଭିଯୋଗ ହୋଇଥିଲା। ବିଜେବି ସ୍ୱୟଂଶାସିତ କଲେଜର +୩ ପ୍ରଥମ ବର୍ଷର ଛାତ୍ରୀ ରୁଚିକା ମହାନ୍ତିଙ୍କ ର୍‍ୟାଗିଂ ଜନିତ ଆତ୍ମହତ୍ୟା ଘଟଣା ରାଜ୍ୟରେ ଏବେ ଚାଞ୍ଚଲ୍ୟ ସୃଷ୍ଟି କରିଛି। କଲେଜର ତିନିଜଣ ବରିଷ୍ଠ ସହପାଠୀ ରୁଚିକାଙ୍କୁ ମାନସିକ ନିର୍ଯ୍ୟାତନା (ର୍‍ୟାଗିଂ) ଦେଉଥିଲେ। ନିର୍ଯ୍ୟାତନା ଅସହ୍ୟ ହେବାରୁ ଶେଷରେ ରୁଚିକା ଛାତ୍ରୀନିବାସ ଭିତରେ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପୂର୍ବରୁ ରୁଚିକା ଲେଖିଥିବା ଚିଠିରୁ ଏହା ର୍‍ୟାଗିଂ ଜନିତ ଆତ୍ମହତ୍ୟା ଜଣାପଡ଼ିବାରୁ ଏହି ଘଟଣା ଏବେ ସାରା ରାଜ୍ୟରେ ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଛି। ଏପରିକି ବିଧାନସଭାରେ ମଧ୍ୟ ରୁଚିକାଙ୍କ ଆତ୍ମହତ୍ୟାକୁ ନେଇ ତୁମୁଳ ହଙ୍ଗାମା ସୃଷ୍ଟି ହୋଇଥିଲା। ଓଡ଼ିଶାର ପ୍ରମୁଖ ଶିକ୍ଷାନୁଷ୍ଠାନ ଭୁବନେଶ୍ୱରର ବିଜେବି କଲେଜରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଲୋକଲୋଚନକୁ ଆସିବା ପରେ ଅଭିଭାବକ ଓ ସାଧାରଣ ଜନତାଙ୍କ ମହଲରେ ଉତ୍ତେଜନା ଲାଗି ରହିଛି। ସାରା ରାଜ୍ୟରେ ଏହି ଘଟଣା ଆଲୋଡ଼ନ ସୃଷ୍ଟି କରିଥିଲା।



ମଞ୍ଚେଶ୍ୱର ଥାନା ଭାଗବତ ସନ୍ଧାନରେ ପ୍ରଜ୍ଞାପାରମିତା ନାମକ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ୍ ଉର୍ଦ୍ଧାର କରିଥିଲା। ସୂଚନା ଅନୁସାରେ ଭାଗବତ ସନ୍ଧାନରେ ରହୁଥିବା ସତ୍ୟ ନାରାୟଣ ଓ ପ୍ରଜ୍ଞାପାରମିତା ଜଣେ ବନ୍ଧୁଙ୍କ ଘରେ ଭୋଜି କରୁଥିଲେ। ହସଖୁସିରେ ସମସ୍ତେ ଭୋଜି ଖାଇଥିଲେ। ଭୋଜି ଖାଇସାରିବା ପରେ ପ୍ରଜ୍ଞା ଘରକୁ ଫେରି ଆସିଥିଲେ କିନ୍ତୁ ସତ୍ୟନାରାୟଣ ଘରକୁ ଫେରିନଥିଲେ। ପରଦିନ ସକଳେ ସତ୍ୟନାରାୟଣ ଘରକୁ ଫେରି ଦେଖନ୍ତି ତ ପ୍ରଜ୍ଞା ବେକରେ ଶାଢ଼ୀ ଗୁଡ଼ାଇ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ପୋଲିସ୍ ପହଞ୍ଚି ମୃତଦେହ ଜବତ କରିଥିବା ବେଳେ କେଉଁ କାରଣ ପ୍ରଜ୍ଞା ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ଜଣାପଡ଼ିନଥିଲେ ମଧ୍ୟ ସ୍ୱାମୀଙ୍କ ପରକ୍ରିୟା ପ୍ରୀତିକୁ ନେଇ ପ୍ରଜ୍ଞା ଆତ୍ମହତ୍ୟା କରିଥିବା ତାଙ୍କ ପଡ଼ୋଶୀ ସନ୍ଦେହ କରିଥିଲେ।

ସାମ୍ପ୍ରତିକ ସମୟରେ ଆତ୍ମହତ୍ୟା ଏକ ବଡ଼ ସମସ୍ୟା ଭାବେ ମୁଣ୍ଡ ଟେକିଛି। ଏଥିପାଇଁ ପରିବାରରେ ପିତାମାତା, ସମ୍ପର୍କୀୟଙ୍କ ଦାୟିତ୍ୱ ସେମାନଙ୍କ ପିଲାମାନଙ୍କ ସ୍ୱଭାବ, ଚାଲିଚଳନ, ହାବଭାବ ଦେଖି ତାହାର କାରଣ ଖୋଜି ସମସ୍ୟାର ସମାଧାନ କରିବା, ଯୁବଗୋଷ୍ଠୀଙ୍କୁ ଆତ୍ମହତ୍ୟା ପ୍ରବଣରୁ ଦୂରେଇ ରହିବା ପାଇଁ ଏକ ସୁସ୍ଥ, ସୁନ୍ଦର ଓ ନରାପଦ ଜୀବନ ଜୀଇଁବା ପାଇଁ ସଚେତନତା ଆବଶ୍ୟକ। ଏଥିପାଇଁ ରାଜ୍ୟ ସରକାର ତଥା ସଚେତନ ନାଗରିକ, ସାମାଜିକ କର୍ମୀ ଓ ସ୍ୱେଚ୍ଛାସେବୀ ସଂଗଠନ ପଦକ୍ଷେପ ନେବା ଆବଶ୍ୟକ। ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସଚେତନତା ମୂଳକ ପଦକ୍ଷେପ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପ୍ରଦର୍ଶନ ଜରିଆରେ ଆତ୍ମହତ୍ୟାକୁ ରୋକାଯାଇ ପାରିବ।

କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର
ମୋବାଇଲ୍: ୮୩୨୮୮୪୦୨୧୪

# ସ୍ନାତକ ଶିକ୍ଷା କ୍ଷେତ୍ରରେ ନୂତନ ଶିକ୍ଷା ନୀତି

**କିଶୋର ଚନ୍ଦ୍ର ବେହେରା**

ବିକଶିତ ଭାରତ ଗଢିବା ପାଇଁ ହେଲେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡିବ। ଜାତୀୟ ଶିକ୍ଷା ନୀତିର ପାଖାପାଖି ୪ ବର୍ଷ ମଧ୍ୟରେ ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଅଗ୍ରଗତି ହୋଇଛି। ଭାରତକୁ ଏକ ଜ୍ଞାନ ମହାଶକ୍ତିରେ ପରିଣତ କରିବା ପାଇଁ ଗୁଣାତ୍ମକ ଶିକ୍ଷାକୁ ପ୍ରାଥମିକତା ଦିଆଯାଉଛି। ଶିକ୍ଷାକୁ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ କରିବା ଦିଗରେ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତ ହେଉଛି ଏକ ଯୁବବର୍ଗଙ୍କ ଦେଶ। ବିଶେଷ ଭାବରେ ବିଶ୍ୱ ଯେତେବେଳେ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଏବଂ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ପରିଚାଳିତ ହେଉଛି ସେହି ସମୟରେ ଯୁବକଙ୍କୁ ଏକବିଂଶ ଶତାବ୍ଦୀରେ ବୈଶ୍ୱିକ ନାଗରିକ କରିବା ଦେଶର ଆହ୍ୱାନ। ସମସ୍ତଙ୍କ ମିଳିତ ଉଦ୍ୟମରେ ଏପରି ଏକ ଶିକ୍ଷା ବ୍ୟବସ୍ଥା କରିବା ପାଇଁ ପଡିବ ଯେଉଁ ଶିକ୍ଷା ଉଭୟ ମୂଳଭିତି ଏବଂ ଭବିଷ୍ୟତବାଦୀ ହେବ। ସାମଗ୍ରିକ ଆଭିମୁଖ୍ୟ ସହିତ ମହାବିଦ୍ୟାଳୟ ଗୁଡ଼ିକରେ ବୈଷୟିକ ଜ୍ଞାନକୌଶଳ ପ୍ରସ୍ତୁତ କରିବା ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାଲୋଚନାତ୍ମକ ଚିନ୍ତାଧାରାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଜାତୀୟ ଶିକ୍ଷା ନୀତିର ସୁପାରିଶ ଅନୁସାରେ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିବା ସହ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାକୁ ହେବାକୁ ପଡିବ। ଏହାବ୍ୟତିତ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧିର ଗୁରୁତ୍ୱ, ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ଦକ୍ଷତା ଭିତ୍ତିକ ଶିକ୍ଷା ପ୍ରଦାନ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରାଯାଇଛି। ଛାତ୍ରଛାତ୍ରୀମାନଙ୍କ ପାଇଁ ସମୟୋପଯୋଗି ପାଠ୍ୟ କ୍ରମରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ୨୦୨୩ ଡିସେମ୍ବରରେ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ସମ୍ମିଳନୀରେ ରାଜ୍ୟପାଳ ରଘୁବର ଦାସ ଏହାଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟରେ ନୂତନ ଶିକ୍ଷା ନୀତିକୁ ଆଦୃତ କରିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ବାରମ୍ବାର ମାନହ ମନ୍ଥନ ପରେ ଚଳିତ ଶିକ୍ଷା ବର୍ଷ ୨୦୨୪-୨୫ରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି ନୂତନ ଶିକ୍ଷା ନୀତି ୨୦୨୦। ବିଶିଷ୍ଟ ଶିକ୍ଷାବିତଙ୍କ ମତରେ ଓଡ଼ିଶାରେ ସଫଳ ରୂପାୟନ ହେବାକୁ ଯାଉଛି 'ଡବଲ ଇଂଜନ୍' ସରକାର ଯୋଗୁଁ। ଶେଷରେ ଚଳିତ ସରକାରଙ୍କ ଆନ୍ତରିକ ଉଦ୍ୟମରେ ଅଗଷ୍ଟ ୧୩ ତାରିଖରେ ରାଜ୍ୟର ସମସ୍ତ ସରକାରୀ ବେସରକାରୀ ବିଶ୍ୱବିଦ୍ୟାଳୟର କୁଳପତି, କୁଳ ସଚିବ ଓ ପରିକ୍ଷା ନିୟନ୍ତ୍ରକଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଧ୍ୟକ୍ଷତା କରି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି କାର୍ଯ୍ୟକ୍ଷମ କରିବା ପାଇଁ।

ଦେଶର ଉଚ୍ଚଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବାକୁ କେନ୍ଦ୍ର ସରକାର ୨୦୨୦ରେ ଜାତୀୟ ଶିକ୍ଷା ନୀତି(ଏନ୍ଇପି)ର ଅନୁମୋଦନ ପରେ ଏହି ନୀତିକୁ ୨୦୨୧ରେ କର୍ଣ୍ଣାଟକ ରାଜ୍ୟ ପ୍ରଥମେ ଲାଗୁ କରିଥିଲା। ପରବର୍ତ୍ତୀ ସମୟରେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ସମେତ ଉତ୍ତର ପୂର୍ବ ରାଜ୍ୟଗୁଡ଼ିକ ଏଦିଗରେ ପଦକ୍ଷେପ ନେଇଛନ୍ତି। ପାଠ୍ୟସୂଚୀ ପରିବର୍ତ୍ତନ ସହ ପାଠପଢ଼ା ଢାଞ୍ଚାରେ ମଧ୍ୟ ପରିବର୍ତ୍ତନ ହୋଇଛି। ଓଡ଼ିଶାରେ ସ୍ନାତକରେ ଲାଗୁ କରିବାକୁ ଦୁଇ ବର୍ଷ ହେଲା ପାଠ୍ୟସୂଚୀ ପ୍ରସ୍ତୁତ ଚାଲିଥିଲା ତାହାର ଚୂଡାନ୍ତ ରୂପରେଖ ପ୍ରସ୍ତୁତ କରିବା ପାଇଁ ସମସ୍ତ ବିଶ୍ୱବିଦ୍ୟାଳୟକୁ ପୂର୍ଣ୍ଣାଙ୍ଗ କ୍ଷମତା ପ୍ରଦାନ କରାଯାଇଛି। ଯଦି ଉଚ୍ଚଶିକ୍ଷା କଥା ବିଚାରକୁ ନିଆଯାଏ ନୂତନ ଶିକ୍ଷା ନୀତି-୨୦୨୦ ଲାଗୁ ହେବା ପରେ ପିଜି ସ୍ତରରେ ତିନି-ବର୍ଷିଆ ଓ ଚାରି ବର୍ଷିଆ ଡିଗ୍ରି ରହିବ। ପିଲାମାନେ ଇଚ୍ଛାନୁସାରେ କଳା, ବିଜ୍ଞାନ, ବାଣିଜ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଧନ୍ଦାମୂଳକ ପରି ଯେ କୌଣସି ବିଷୟ ଚୟନ କରିପାରିବେ। ଏପରିକି ଇଞ୍ଜିନିୟରିଂ, ମେଡିକାଲ, ମ୍ୟାନେଜମେଣ୍ଟ ଭଳି ବିଷୟ ମଧ୍ୟ ନେଇପାରିବେ। ପିଲାଟି ଯେକୌଣସି ବର୍ଷର ପରୀକ୍ଷା ପରେ ପାଠପଢ଼ା ଛାଡ଼ି ପରବର୍ତ୍ତୀ ସମୟରେ ଯୋଗ ଦେଇ ସ୍ନାତକ ଡିଗ୍ରି ପାଇପାରିବ। ଯୁକ୍ତ୩ ସ୍ତରରେ କିଛି ଗବେଷଣା କଲେ ଚାରିବର୍ଷିଆ ସ୍ନାତକ ଡିଗ୍ରି ମିଳିବ। ତିନି ବର୍ଷିଆ ସ୍ନାତକ ଡିଗ୍ରିଧାରୀମାନେ ସ୍ନାତକୋତ୍ତର ଉପାଧି ପାଇଁ ଦୁଇ ବର୍ଷ ଓ ଚାରି-ବର୍ଷିଆ ସ୍ନାତକମାନେ ଗୋଟିଏ ବର୍ଷ ପଢ଼ିବେ। ଧୀରେ ଧୀରେ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ସ୍ୱୟଂଶାସିତ ହେବେ ବୋଲି ନୂତନ ଶିକ୍ଷା ନୀତିରେ ଉଲ୍ଲେଖ ହୋଇଛି। ସେପ୍ଟେମ୍ବର ୩ ଓ ୪ ତାରିଖ ଦିନ

ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଦୁଇ ଦିନିଆ ଦକ୍ଷତା ବିକାଶ କର୍ମଶାଳା ନିପା ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କର୍ମଶାଳା ଆୟୋଜନର ମୁଖ୍ୟ ପ୍ରସଙ୍ଗ ଥିଲା ନୂତନ ଶିକ୍ଷା ନୀତି ଅଗାଧ ସମୁଦ୍ର ଜଳ ରାଶି, ସେହି ଜଳ ମଧ୍ୟରୁ ଟୋପାଏ ଟୋପାଏ ଜଳ ଆଣି ସମୁଦ୍ର ସୃଷ୍ଟି କରିବାର ପ୍ରୟାସ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ହାତକୁ ନେଇଛି। ସ୍ନାତକ ଶିକ୍ଷା କ୍ଷେତ୍ରରେ ମହାବିଦ୍ୟାଳୟମାନଙ୍କର ବର୍ଗୀକରଣ ନୂତନ ଶିକ୍ଷା ନୀତିରେ ଅଗ୍ରଗତି ନେଇ ଶିକ୍ଷାବିତ, ଛାତ୍ରଛାତ୍ରୀ, ଅବିଭାବକ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ସରକାରୀ ସ୍ନାତକ ମହାବିଦ୍ୟାଳୟ, ୪୮୮ ବର୍ଗ ସ୍ନାତକ ମହାବିଦ୍ୟାଳୟ, ୬୬୨ ବର୍ଗ ସ୍ନାତକ ମହାବିଦ୍ୟାଳୟ, ଅଣଅନୁଦାନ ପ୍ରାପ୍ତ ସ୍ନାତକ ମହାବିଦ୍ୟାଳୟ ଓ ଆଂଶିକ ଆର୍ଥିକ ସହାୟତା ସ୍ନାତକ ମହାବିଦ୍ୟାଳୟ ମାନଙ୍କ ମଧ୍ୟରେ ଉପାନ୍ତ ଅଞ୍ଚଳର ୧୦ଟି ବ୍ଲକରେ ନୂତନ ଭାବେ ପ୍ରତିଷ୍ଠା କରିଥିବା ସରକ ୧୮ଟି ସରକାରୀ ସ୍ନାତକ ମହାବିଦ୍ୟାଳୟ ଦୂରବସ୍ଥା ଅତି ଦୟନୀୟ ଓ ଶୋଚନୀୟ। ଏଠି ଭିତିଭୂମିର ଅଭାବ ସହ ଜଣିଏ ଭାରପ୍ରାପ୍ତ ଅଧ୍ୟକ୍ଷ ଓ ୪ ଜଣ ଅତିଥି ଅଧ୍ୟାପକ ଓ ଅଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ ପାଠପଢା ଜାରି ରହିଛି। କେତୋଟି ହାତଗଣତି ସରକାରୀ ସ୍ନାତକ ମହାବିଦ୍ୟାଳୟ ମାନଙ୍କରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଥିଲା ବେଳେ ଅନ୍ୟ ସମସ୍ତ ଅନୁଦାନ ପ୍ରାପ୍ତ ସ୍ନାତକ ମହାବିଦ୍ୟାଳୟ ମାନଙ୍କରେ ଧର୍ମକୁ ଆଖି ଠାର ବ୍ୟବସ୍ଥା ଅନୁଯାଇ ଅସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି କରି ସରକାର ଝାଡ଼ି ଝୁଡ଼ି ହୋଇ ବସି ପଡିଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ଜାରି କରାଯାଇଥିବା ମପଦଣ୍ଡ କେତେଦୂର ଉଚ୍ଚଶିକ୍ଷା ବିଭାଗ ପୁରଣ କରିପାରିବେ ସେ ସମୟକୁ ଅପେକ୍ଷା କରିବାକୁ ପଡ଼ିବ। ନୂତନ ଶିକ୍ଷା ନୀତିର ସଫଳ ରୂପାୟନ ନିମନ୍ତେ ସରକାର ବ୍ୟପକ ପଦକ୍ଷେପ ନେବାକୁ ପଡ଼ିବ। ସମସ୍ତ ନୂତନ ସରକାରୀ ସ୍ନାତକ ମହାବିଦ୍ୟାଳୟର ସ୍ଥାୟୀ ଭିତିଭୂମି, ବେସରକାରୀ ଅନୁଦାନ ପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ସାମାଜିକ ନିରାପତ୍ତା, ଅବସରକାଳୀନ ଭତ୍ତା ଓ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି କରାଗଲେ ଶିକ୍ଷାର ମାପଦଣ୍ଡ ସମାନ ରହିବା ସହ ଶିକ୍ଷାର ପ୍ରଗତି ହୋଇପାରିବ।

ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ
ମୋବାଇଲ୍: ୯୪୩୭୯୫୫୫୬୮

ହରିୟାଣା ନିର୍ବାଚନ

# ଦିନକରେ ୨ କୋଟି ୮୪ ଲକ୍ଷ ଟଙ୍କା ଜବତ

**ଚଣ୍ଡିଗଡ଼,୨୦।୯:** ଆସନ୍ତା ୫ ତାରିଖରେ ହରିୟାଣାର ୯୦ଟି ଯାକ ବିଧାନସଭା ଆସନ ପାଇଁ ନିର୍ବାଚନ ହେବ। ଏହା ପୂର୍ବରୁ ରାଜ୍ୟରେ ନିର୍ବାଚନୀ ଆଚରଣ ବିଧି ଲାଗୁ ହୋଇ ସାରିଥିବା ବେଳେ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି ପୁଲିସ୍। ଏହି ଚଢ଼ାଉ ସମୟରେ ଗତକାଲି ୩ ଭିନ୍ନ ସ୍ଥାନରୁ ଜବତ ହୋଇଛି ୨ କୋଟି ୮୪ ଲକ୍ଷ ୬୫ ହଜାର ଟଙ୍କା। ହରିୟାଣା ନିର୍ବାଚନକୁ ଆଉ ମାତ୍ର ଅଳ୍ପ ଦିନ ବାକିଥିବା ବେଳେ ଅବାଧ ରୂପେ ଯାଉଥିବା ନଗଦ ଟଙ୍କା, ନିଶା ଦ୍ରବ୍ୟ ତଥା ମଦର ଚୋରା କାରବାର ପରେ ଶକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ନିର୍ବାଚନ କମିଶନର। ତେଣୁ ବିଭିନ୍ନ ସ୍ଥାନରେ ପୁଲିସ୍ ଚେକିଂ ଅଭିଯାନ ଚାଲୁ ରଖିଥିବା ବେଳେ ଗତକାଲି ବିପୁଳ ପରିମାଣର ଟଙ୍କା ଜବତ କରିଛି। ଫରିଦାବାଦ ପୁଲିସ୍‌ର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ଦିଲ୍ଲୀ- ଫରିଦାବାଦ ବର୍ଡରରେ ଥିବା ସରାୟ ଖ୍ୱାଜା ଥାନା, ସୁରଜକୁଣ୍ଡ ଥାନା ଅଞ୍ଚଳରେ ଏହି ଚଢ଼ାଉ କରାଯାଇଥିଲା। ପୁଲିସ୍ ଟିମ୍ ସହ ଅର୍ଥନୈତିକ ଅପରାଧ ଶାଖା ଅଧିକାରୀ ବି ସାମିଲ ହୋଇଥିଲେ। ଫଳରେ ୩ଟି ଭିନ୍ନ ଭିନ୍ନ ସ୍ଥାନରୁ ଏହି ସବୁ ଟଙ୍କାକୁ ଜବତ କରାଯାଇଛି। ଚେକିଂ ବେଳେ ଏକ ଗାଡ଼ିରୁ ୨ କୋଟି ୫୧ ଲକ୍ଷ ୬୫ ହଜାର କ୍ୟାସ୍ ଜବତ ହୋଇଥିଲା। ଅନ୍ୟ ଏକ ଗାଡ଼ିରୁ ୨୦ ଲକ୍ଷ ଜବତ ହୋଇଥିଲା। ଏହାପରେ ସୁରଜକୁଣ୍ଡ ରୋଡରୁ ଏକ ଗାଡ଼ିରୁ ୧୩ ଲକ୍ଷ କ୍ୟାସ୍ ଜବତ ହୋଇଥିବା ସେ କହିଛନ୍ତି। ଏନେଇ ଗାଡ଼ି ଚାଳକଙ୍କୁ ପଚରାଯିବାରୁ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଏହାପରେ ପୁଲିସ୍ କ୍ୟାସ୍ ଜବତ କରି ଆୟକର ବିଭାଗକୁ ହସ୍ତାନ୍ତର କରିଛି।

ତିରୁପତି ମନ୍ଦିର ଲଡୁ ବିବାଦ

# କେନ୍ଦ୍ର ସରକାରଙ୍କ ରିପୋର୍ଟ ତଲବ

**ନୂଆଦିଲ୍ଲୀ, ୨୦।୯:** ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିରରେ ପ୍ରସାଦ ରୂପେ ଭଗବାନଙ୍କୁ ଲାଗି ହେଉଥିବା ଲଡୁରେ ପଶୁ ଚର୍ବି ଏବଂ ମାଛ ତେଲରୁ ପ୍ରସ୍ତୁତ ଘିଅ ବ୍ୟବହାର ହେଉଥିବା ରିପୋର୍ଟ ମିଳିବା ପରେ ଏହାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ଏବଂ ହିନ୍ଦୁ ଧର୍ମାବଲମ୍ବୀଙ୍କ ଭାବନା ପ୍ରତି ଏହା କୁଠାରଘାତ ସଦୃଶ ବୋଲି ବିଚାର କରାଯାଉଛି। ଏହି ଘଟଣାକୁ ଗୁରୁତ୍ୱର ସହ ବିଚାର କରି କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ରିପୋର୍ଟ ତଲବ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ ପି ନଡ୍ଡା ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁଙ୍କୁ ଏ ସମ୍ପର୍କରେ ପୂର୍ଣ୍ଣାଙ୍ଗ ତଥ୍ୟ ସମ୍ବଳିତ ରିପୋର୍ଟ ଦେବାକୁ କହିଛନ୍ତି। କେନ୍ଦ୍ର ଖାଦ୍ୟ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ମଧ୍ୟ ଏହା ଉପରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।



ଗତକାଲି ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ତିରୁପତି ମନ୍ଦିରରେ ପ୍ରସାଦ ଭାବେ ଦିଆଯାଉଥିବା ଲଡୁ ପ୍ରସ୍ତୁତିରେ ବ୍ୟବହୃତ ଘିଅ ପଶୁ ଚର୍ବି ଏବଂ ମାଛ ତେଲରେ ପ୍ରସ୍ତୁତ ହେଉଥିବା ସମ୍ପର୍କରେ ଲ୍ୟାବ ରିପୋର୍ଟରେ ଦର୍ଶାଯାଇଥିବା କହିଥିଲେ। ଏଥିଲାଗି ସେ ପୂର୍ବତନ ଜଗନ ମୋହନ ରେଡ୍ଡୀ ସରକାରଙ୍କୁ ଦୋଷ ଦେଇଛନ୍ତି। ପୂର୍ବ ସରକାର ଏ ସମ୍ପର୍କରେ ସୂଚନା ପାଇଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦେଇନଥିଲେ ଏବଂ ଏଭଳି ଏକ ସ୍ପର୍ଶକାତର ପ୍ରସଙ୍ଗ ପ୍ରତି ଅଣଦେଖା କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ଉପ-ମୁଖ୍ୟମନ୍ତ୍ରୀ ପୱନ କଲ୍ୟାଣ ମଧ୍ୟ ଏହି ଘଟଣାକୁ ଅତି ସମ୍ବେଦନଶୀଳ ଭାବେ ବର୍ଣ୍ଣନା କରି ଏଥିନେଇ ସେ ଗଭୀର ଆଘାତ ପ୍ରାପ୍ତ ବୋଲି କହିଛନ୍ତି। ଗତ ଜୁଲାଇ ମାସରେ ଗୁଜରାଟର ଏକ ପବ୍ଲିକ ଲ୍ୟାବ ରିପୋର୍ଟରୁ ଏହି ତଥ୍ୟ ସାମନାକୁ ଆସିଥିଲା। ଏବେ ଏହା ଉପରେ ତନାଘନା ଆରମ୍ଭ ହୋଇଛି। ବିଜେପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କେନ୍ଦ୍ରମନ୍ତ୍ରୀ ସଞ୍ଜୟ ବାନ୍ଦି ଏହାକୁ ଏକ ଷଡ଼ଯନ୍ତ୍ର ଏବଂ ପାପ ବୋଲି କହିଛନ୍ତି। ତିରୁପତି ମନ୍ଦିର ବୋର୍ଡରେ ଅନ୍ୟ ଧର୍ମର ଲୋକ ସଦସ୍ୟ ରହିଥିବାରୁ ଏଭଳି ଘଟଣା ଘଟିଲା ବୋଲି ସେ କହିଛନ୍ତି। ଗତ ନିର୍ବାଚନରେ ବିଜେପି-ଟିଡିପି-ଜନନାୟକ ପାର୍ଟୀ ମେଣ୍ଟ ଜଗନ ମୋହନ ରେଡ୍ଡୀଙ୍କ ସରକାର ସନାତନ ଧର୍ମ ବିରୋଧୀ ବୋଲି ଅଭିଯୋଗ କରିଥିଲେ ଏବଂ ଏହି ଆଧାରରେ ଜନମତ ଲୋଡ଼ିଥିଲେ। ନିର୍ବାଚନରେ ଟିଡିପି ନେତୃତ୍ୱରେ ଏନଡିଏ କ୍ଲିନ ସ୍ୱିପ କରିଥିଲା।

# ସୁପ୍ରିମକୋର୍ଟଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍ ହ୍ୟାକ୍



**ନୂଆଦିଲ୍ଲୀ, ୨୦।୯:** ହ୍ୟାକରଙ୍କ ନଜରରେ ସୁପ୍ରମକୋର୍ଟଙ୍କ ୟ୍ୟୁଟ୍ୟୁବ୍ ଚ୍ୟାନେଲ୍। ବିଭିନ୍ନ ବିଶିଷ୍ଟ ବ୍ୟକ୍ତି ଏବଂ ସଂସ୍ଥାର ସୋଶାଲ ମିଡିଆ ପ୍ଲାଟଫର୍ମ ହ୍ୟାକ୍ ହେବା ନେଇ ଖବର ଆସୁଥିବା, ଏବେ ସୁପ୍ରିମକୋର୍ଟଙ୍କ ଚ୍ୟାନେଲକୁ ବି ହ୍ୟାକ୍ କରା ଯାଇଥିବା ଜଣାପଡିଛି। ସୁପ୍ରିମକୋର୍ଟଙ୍କ ୟ୍ୟୁଟ୍ୟୁବ୍ ଚ୍ୟାନେଲରେ ଆମେରିକା ଆଧାରିକ କମ୍ପାନୀର ବିଜ୍ଞାପନ ପ୍ରସାରିତ ହେବା ପରେ ଏହା ସ୍ପଷ୍ଟ ହୋଇଛି। ରିପୋର୍ଟ ଅନୁସାରେ, ସୁପ୍ରିମକୋର୍ଟଙ୍କ ୟ୍ୟୁଟ୍ୟୁବ୍ ଚ୍ୟାନେଲରେ ଆମେରିକାର ଆଧାରିତ କମ୍ପାନୀ ରିପଲ୍ ଲ୍ୟାବ ଦ୍ୱାରା ବିକଶିତ କ୍ରିପ୍ଟୋକରେନ୍ସିକୁ ପ୍ରୋତ୍ସାହିତ କରୁଥିବା ଭିଡିଓ ଦେଖିବାକୁ ମିଳୁଛି। ବାସ୍ତବରେ, ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସୁପ୍ରିମକୋର୍ଟଙ୍କ ପକ୍ଷରୁ ୟ୍ୟୁଟ୍ୟୁବ୍ ଚ୍ୟାନେଲ୍ ଖୋଲା ଯାଇଥିଲା। ମାମଲାଗୁଡ଼ିକର ବିଚାର ସମୟରେ ଲୋକେ କିପରି ଲାଇଭ୍ ମାଧ୍ୟମରେ ଶୁଣାଣି ବାବଦରେ ଜାଣିପାରିବେ, ସେଥିପାଇଁ ଏହି ଚ୍ୟାନେଲେ ଖୋଲା ଯାଇଥିଲା। ତତ୍କାଳୀନ ସୁପ୍ରିମକୋର୍ଟ ପ୍ରଧାନ ବିଚାପପତି ୟୁୟୁ ଲଳିତଙ୍କ ନେତୃତ୍ୱରେ ସମ୍ପ୍ରତି ପୂର୍ଣ୍ଣ ଅଦାଲତ ବୈଠକରେ ସର୍ବସମ୍ମତି କ୍ରମେ ୨୦୧୮ରେ ସମସ୍ତ ସମ୍ବିଧାନ ବେଞ୍ଚ ଶୁଣାଣିର ଲାଇଭ୍ ଷ୍ଟ୍ରିମ୍ ପ୍ରକ୍ରିୟା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ହ୍ୟାକରମାନେ ବର୍ତ୍ତମାନ ସୁପ୍ରିମକୋର୍ଟଙ୍କ ଚ୍ୟାନେଲକୁ ମଧ୍ୟ ହ୍ୟାକ୍ କରି ଏଥିରେ କ୍ରିପ୍ଟୋକରେନ୍ସିର ବିଜ୍ଞାପନ ପାଇଁ ଭିଡିଓ ପ୍ରସାରଣ କରୁଛନ୍ତି।

# ବନ୍ୟା ସ୍ଥିତି ନେଇ ମୋଦିଙ୍କୁ ଚିଠି ଲେଖିଲେ ମମତା

**କୋଲ୍‌କାତା, ୨୦।୯:** ଲଗାଣ ବର୍ଷା ଯୋଗୁ ଏବେ ପଶ୍ଚିମବଙ୍ଗର କିଛି ଅଞ୍ଚଳରେ ଭୟଙ୍କର ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଲକ୍ଷ ଲକ୍ଷ ଲୋକ ଏଥିଯୋଗୁ ହନ୍ତସନ୍ତ ହେଉଛନ୍ତି। ଏସବୁ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ସେ ବନ୍ୟା ପାଇଁ କେନ୍ଦ୍ର ଦ୍ୱାରା ପରିଚାଳିତ ଦାମୋଦର ଭ୍ୟାଲି କର୍ପୋରେସନ(ଡିଭିସି) ପକ୍ଷରୁ ରିଲିଜ କରାଯାଉଥିବା ପାଣିକୁ ଦାୟୀ କରିଛନ୍ତି। ଡିଭିସି ଏକତରଫା ଭାବେ ପାଣି ଛାଡୁଥିବାରୁ ଦକ୍ଷିଣ ବେଙ୍ଗଲର ବିଭିନ୍ନ ଅଞ୍ଚଳରେ ବନ୍ୟା ସୃଷ୍ଟି ହେଉଛି। ତେଣୁ ଡିଭିସି ସହ ରାଜ୍ୟ ସବୁ ପ୍ରକାରର ସମ୍ପର୍କଚ୍ଛିନ୍ନ କରିଦେବ ବୋଲି ମମତା ଚିଠିରେ ମୋଦିଙ୍କୁ ଚେତାବନୀ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଲେଖିଥିବା ଚିଠିରେ ବନ୍ୟା କ୍ଷତିଗ୍ରସ୍ତର ପରିଚାଳନା ପାଇଁ ତୁରନ୍ତ କେନ୍ଦ୍ରୀୟ ପାଣ୍ଠି ରିଲିଜ କରିବାକୁ ଦିଦି ଅନୁରୋଧ କରିଛନ୍ତି। ଦିଦିଙ୍କ କହିବା କଥା ଯେ ୨୦୦୯ ପରଠାରୁ ପ୍ରଥମଥର ପାଇଁ ଏହି ଅଞ୍ଚଳରେ ଭୟଙ୍କର ବନ୍ୟା ଦେଖାଯାଇଛି। ଲୋୟର ଦାମୋଦର ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳରେ ବନ୍ୟା ବିପ୍ଳାୱ ଦେଖିବାକୁ ମିଳିଛି। ଏଥିରେ ସୁଧାର ଆଣିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଜରୁରୀ ବୋଲି ଦିଦି କହିଛନ୍ତି।



ଦିଦି କହିଛନ୍ତି, "ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେବାକୁ ମୁଁ ଆପଣଙ୍କୁ ଅନୁରୋଧ କରୁଛି। ଏହାକୁ ପ୍ରାଥମିକତା ଦେବା ପାଇଁ ଆପଣ ଉପଯୁକ୍ତ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦିଅନ୍ତୁ। ବନ୍ୟା ଯୋଗୁ ପ୍ରଭାବିତ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଯଥାଶୀଘ୍ର କେନ୍ଦ୍ରୀୟ ପାଣ୍ଠି ରିଲିଜ କରିବାର ବ୍ୟବସ୍ଥା କରାଯାଉ।" ଡିଭିସି ଦ୍ୱାରା ପରିଚାଳିତ ମୈଥନ ଓ ପାଞ୍ଚେଟ ଡ୍ୟାମରୁ ଏକକାଳୀନ ଅଣଯୋଜନାବଦ୍ଧ ଓ ଏକତରଫା ଭାବେ ବନ୍ୟା ଜଳ ନିଷ୍କାସନ କରାଯାଉଛି। ଉଭୟ ଡ୍ୟାମରୁ ଗୋଟିଏ ସମୟରେ ୫ ଲକ୍ଷ କ୍ୟୁସେସ ଜଳ ବାହାରୁ ଥିବାରୁ ସାଂଘାତିକ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ଦିଦି କହିଛନ୍ତି।



# ଡାକ୍ତର ସନ୍ଦୀପ ଘୋଷଙ୍କ ରେଜିଷ୍ଟ୍ରେସନ ବାତିଲ

**କୋଲକାତା, ୨୦।୯:** ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲ ହରର ଘଟଣାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ଡାକ୍ତର ସନ୍ଦୀପ ଘୋଷଙ୍କ ଅଡୁଆ ବଢ଼ିବାକୁ ଲାଗିଲା। ବାତିଲ ହେଲା ତାଙ୍କ ରେଜିଷ୍ଟ୍ରେସନ। ଆରଜି କର ମେଡିକାଲ୍ କଲେଜର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କ ପଞ୍ଜିକରଣକୁ ବାତିଲ କରିଛି ପଶ୍ଚିମବଙ୍ଗ ମେଡିକାଲ୍ କାଉନସିଲ୍। ସନ୍ଦୀପଙ୍କୁ ମେଡିକାଲ କାଉନସିଲ ପକ୍ଷରୁ ଗତ ୬ ତାରିଖରେ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। କିନ୍ତୁ ନୋଟିସ ଦେବାର ୧୩ ଦିନ ବିତିଥିଲେ ବି ସେ ନିଜ ପକ୍ଷ ରଖି ନ ଥିଲେ କି ସନ୍ତୋଜନକ ଉତ୍ତର ଦେଇନଥିଲେ। ସେ ଦୃଷ୍ଟିରୁ ତାଙ୍କର ତତ୍କାଳ ରେଜିଷ୍ଟ୍ରେସନ ବାତିଲ ନେଇ କାଉନସିଲ ନିଷ୍ପତ୍ତି ନେଇଛି। ଆର୍ଥିକ ଦୁର୍ନୀତି ମାମଲାରେ ପୂର୍ବରୁ ସନ୍ଦୀପଙ୍କୁ ଗିରଫ କରି ସାରିଛି ସିବିଆଇ ।

ଅଗଷ୍ଟ ୯ରେ ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ସେମିନାର ରୁମ୍‌ରୁ ଜଣେ ୩୧ ବର୍ଷୀୟ ମହିଳା ଡାକ୍ତରଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା। ତାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଜଣାପଡ଼ିବା ପରେ ପୂରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ସିବିଆଇ ଏହି ଘଟଣାର ତଦନ୍ତ କରୁଥିବା ବେଳେ ପ୍ରମାଣ ନଷ୍ଟ କରିବା ପାଇଁ ଉଦ୍ୟମ କରିଥିବା ଘଟଣାରେ ଆରଜି କରର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ ଘୋଷଙ୍କୁ ବାନ୍ଧିଥିଲା। ଏହା ପୂର୍ବରୁ ମେଡିକାଲ କଲେଜରେ ଆର୍ଥିକ ହେରଫେର ପାଇଁ ସିବିଆଇ ସନ୍ଦୀପଙ୍କୁ ଗିରଫ କରିଥିଲା। ପୂର୍ବରୁ ସନ୍ଦୀପଙ୍କୁ ବେଙ୍ଗଲର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଲମ୍ବିତ କରାଯାଇଛି।

# ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ବାଣ ନିଆଁ ପଡ଼ି ୧୦ ମହିଳା ଗୁରୁତର

**ନୂଆଦିଲ୍ଲୀ, ୨୦।୯:** ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ମହାରାଷ୍ଟ୍ରର ନାଗପୁରରେ ଘଟିଛି ସାଂଘାତିକ ଘଟଣା। ବିସର୍ଜନ ବେଳେ ପ୍ରବଳ ଗହଳି ହୋଇଥିବା ବେଳେ ଫୁଟୁଥିଲା ବାଣ। ମାତ୍ର ବାଣର ନିଆଁ ଭିଡ଼ ଉପରେ ପଡ଼ିବାରୁ ପ୍ରାୟ ୧୦ ମହିଳାଙ୍କ ଶରୀରର ବହୁ ଅଂଶ ପୋଡ଼ି ଯାଇଥିବା ଜଣାଯାଇଛି। ଏହି ଅଘଟଣ ପରେ ସ୍ଥାନୀୟ ଅଞ୍ଚଳରେ ଧାଁଦୌଡ଼ ଲାଗିବାରୁ ପରିସ୍ଥିତି ଅସମ୍ଭାଳ ହୋଇ ପଡ଼ିଥିବା ଜଣାଯାଇଛି। ଗୁରୁତର ମହିଳାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁବାର ରାତିରେ ନାଗପୁର ଉମରେଡ ଅଞ୍ଚଳରେ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ପ୍ରୋସେସନ ଚାଲିଥିଲା। ଏଥିରେ ବହୁ ସଂଖ୍ୟାରେ ପୁରୁଷ, ମହିଳା, ଛୋଟ ପିଲା ସାମିଲ ହୋଇଥିଲେ। ଏହି ସମୟରେ ପ୍ରୋସେସନ ଚାଲିଥିବା ବେଳେ ନାଚ, ଗୀତରେ ଦୁଲୁକୁଥିଲା ରାସ୍ତା। ଏଥିସହ ଆତସବାଜି କାର୍ଯ୍ୟକ୍ରମ ବି ଆୟୋଜିତ ହେଉଥିଲା। ଏହି ସମୟରେ କେହି ବାଣ ଫୁଟାଇଥିବା ବେଳେ ତାହାର ନିଆଁ ଭିଡ଼ ଉପରେ ପଡ଼ିଥିଲା। ଏହାପରେ ଲୋକେ ଚାରିଆଡ଼େ ଧାଁଦୌଡ଼ କରିବାକୁ ଲାଗିବାରୁ ବହୁ ଲୋକ ତଳେ ପଡ଼ି ଯାଇଥିଲେ। ଏଥିଯୋଗୁ ପ୍ରାୟ ୧୦ ମହିଳା ଗୁରୁତର ହୋଇଥିବା ଜଣାଯାଇଛି। ତୁରନ୍ତ ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସେଠାରେ ସେମାନଙ୍କ ଚିକିତ୍ସା ଚାଲିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ଏନେଇ ଏକ ମାମଲା ରୁଜୁ କରି ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

# ରଙ୍ଗ୍ ରୁଟ୍ ଗାଡ଼ି ଚାଳନା ନେଲା ଯୁବକଙ୍କ ଜୀବନ

**ନୂଆଦିଲ୍ଲୀ, ୨୦।୯:** ଭୁଲ୍ ଦିଗରୁ ଆସୁଥିବା କାରକୁ ପିଟିଲା ବାଇକ୍, କ୍ୟାମେରାରେ ଭୟଙ୍କର ଦୃଶ୍ୟ କଏଦ ହୋଇଛି। ଏଥିରେ ଜଣେ ୨୩ ବର୍ଷୀୟ ଯୁବକ (ଅକ୍ଷତ ଗର୍ଗ)ଙ୍କ ମୃତ୍ୟୁ ଘଟିଛି। ଗୁରଗ୍ରାମର ଗଲ୍ଫ କୋର୍ସ ରୋଡ ଡିଏଲ୍ଏଫ ଫେଜ୍-୨ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଭାଇରାଲ୍ ଭିଡିଓ ଅନୁସାରେ, ଅକ୍ଷତ ଗର୍ଗ ଏକ ବାଇକରେ ଯାଉଥିଲେ। ଏହି ସମୟରେ ହଠାତ୍ ଅପର ପକ୍ଷରୁ ଏକ କାର୍ ଆସିଥିଲା। ଗର୍ଗ ଏହି କାରକୁ ସାମ୍ନାରୁ ଧକ୍କା ଦେଇଥିଲେ। ବାଇକର ବେଗ ଅଧିକ ଥିବାରୁ ସେହିଠାରେ ହିଁ ଅକ୍ଷତଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଏକ ବାଇକରେ ଯାଉଥିବା ଅକ୍ଷତଙ୍କ ବନ୍ଧୁ ପୂରା ଘଟଣାର ଦୃଶ୍ୟ କଏଦ କରିଛନ୍ତି। କାରଣ ତାଙ୍କ ବାଇକରେ ଗୋପ୍ରୋ ଆକ୍ସନ କ୍ୟାମେରା ଲଗାଯାଇଥିଲା। ଏହି କ୍ୟାମେରାରେ ପୂରା ଦୃଶ୍ୟ କଏଦ ହୋଇଛି, ଯାହା ଖୁବ୍ ଭାଇରାଲ୍ ହେଉଛି। ସେପଟେ, ପୁଲିସ ଅଭିଯୁକ୍ତ କାର୍ ଡ୍ରାଇଭରଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ଗିରଫ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କୁ ବେଲ୍ ମିଳିଛି। ରଙ୍ଗ୍ ରୁଟରେ ଗାଡ଼ି ଚାଳନା ଉପରେ କଠୋର ନିୟମ ଆଣିବାକୁ ଦାବି କରାଯାଉଛି।

# ୦୨୬ ସୁଦ୍ଧା ଶେଷ ହେବ ନକ୍ସଲବାଦ: ଶାହ

**ନୂଆଦିଲ୍ଲୀ, ୨୦।୯:** ମାର୍ଚ୍ଚ ୨୦୨୬ ସୁଦ୍ଧା ସମଗ୍ର ଦେଶରେ ନକ୍ସଲବାଦର ବିଲୋପ ଘଟିବ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏଥିସହ ସେ ମାଓବାଦୀମାନଙ୍କୁ ହିଂସା ଓ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ଆତ୍ମସମର୍ପଣ



କରିବାକୁ ନିବେଦନ କରିଛନ୍ତି। ନକ୍ସଲ ହିଂସାର ପ୍ରଭାବିତ ହୋଇଥିବା ୫୫ ଜଣ ପୀଡିତଙ୍କୁ ସମ୍ବୋଧିତ କରିବା ସମୟରେ ଶାହ କହିଛନ୍ତି, "ଆମେ ଦେଶରୁ ନକ୍ସଲବାଦକୁ ଉଚ୍ଛେଦ କରି ଶାନ୍ତି ପ୍ରତିଷ୍ଠା କରିବୁ... ନରେନ୍ଦ୍ର ମୋଦି ସରକାର ସମଗ୍ର ଦେଶରୁ ନକ୍ସଲବାଦକୁ ସମାପ୍ତ କରିବାରେ ସଫଳ ହୋଇଛନ୍ତି। ବସ୍ତରର ୪ଟି ଜିଲ୍ଲା ବ୍ୟତୀତ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ଦେଶରୁ ନକ୍ସଲବାଦକୁ ଅନ୍ତିମ ବିଦାୟ ଦେବାକୁ ସ୍ଥିର କରାଯାଇଛି।"

ସେ ଆହୁରି କହିଛନ୍ତି, "ମାଓବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ସୁରକ୍ଷା ବାହିନୀ ବହୁ ସଫଳତା ହାସଲ କରିଛି। ମାଓବାଦୀମାନେ ଏକଦା ପାଶୁପତିନାଥ (ନେପାଳ)ରୁ ତିରୁପତି (ଆନ୍ଧ୍ରପ୍ରଦେଶ) ପର୍ଯ୍ୟନ୍ତ ଏକ କରିଡର ପ୍ରତିଷ୍ଠା କରିବାକୁ ଯୋଜନା କରିଥିଲେ। କିନ୍ତୁ ସେମାନଙ୍କୁ ସଫଳ ହେବାକୁ ଦିଆଯାଇ ନଥିଲା। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଦ୍ୱାରା ଏହାକୁ ପଣ୍ଡ କରାଯାଇଥିଲା।" ଏଥିସହ ନକ୍ସ ହିଂସାରେ ପ୍ରଭାବିତ ଲୋକଙ୍କ ପାଇଁ ସରକାର କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହ କହିଛନ୍ତି, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଖୁବ ଶୀଘ୍ର ଛତିଶଗଡର ନକ୍ସଲ ହିଂସା ପ୍ରଭାବିତ ଲୋକଙ୍କ ପାଇଁ ଏକ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିବ। ଏଥିପାଇଁ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ ଚାଲିଛି। ଚାକିରି, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆମର କଲ୍ୟାଣମୂଳକ ପଦକ୍ଷେପ ମାଧ୍ୟମରେ ଆମେ ଯେକୌଣସି ଉପାୟରେ ଆପଣ (ନକ୍ସଲ ହିଂସା ପ୍ରଭାବିତ)ଙ୍କୁ ସାହାଯ୍ୟ କରିବୁ ବୋଲି ଶାହା କହିଛନ୍ତି।

ଶେୟାର ବଜାରରେ ନୂଆ ରେକର୍ଡ

# ପ୍ରଥମଥର ୮୪ ହଜାର ପଏଣ୍ଟ ପାର୍ କଲା ସେନସେକ୍ସ

**ମୁମ୍ବାଇ,୨୦।୯:** କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଘରୋଇ ଷ୍ଟକ ମାର୍କେଟ ନୂତନ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ବ୍ୟବସାୟରେ ଧୀର ଆରମ୍ଭ ହେବା ପରେ, ଅଳ୍ପ ସମୟ ମଧ୍ୟରେ ବଜାରରେ ଏକ ଜବରଦସ୍ତ ରେକର୍ଡ କରାଯାଇଥିଲା ଏବଂ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନସେକ୍ସ ଇତିହାସରେ ପ୍ରଥମ ଥର ପାଇଁ ୮୪ ହଜାର ମାର୍କ ଅତିକ୍ରମ କଲା।

ଘରୋଇ ବଜାର ଆଜି ସାମାନ୍ୟ ବୃଦ୍ଧି ସହିତ କାରବାର ଆରମ୍ଭ କଲା ଏବଂ ପ୍ରାରମ୍ଭିକ ଅଧିବେଶନରେ ବଜାରରେ ଚାପ ଦୃଶ୍ୟମାନ ହେଲା। ସକାଳ ୯.୧୫ରେ, ସେନସେକ୍ସ ୩୫୦ ପଏଣ୍ଟ ଏବଂ ନିଫ୍ଟି ପ୍ରାୟ ୧୦୦ ପଏଣ୍ଟ ବୃଦ୍ଧି ପାଇଥିଲା। କିଛି ମିନିଟ ପରେ, ସକାଳ ୯.୨୦ରେ, ସେନ୍ସେକ୍ସର ଲାଭ ୧୭୫ ପଏଣ୍ଟକୁ ହ୍ରାସ ପାଇଥିଲା ଏବଂ ଏହା ୮୩,୩୭୦ ପଏଣ୍ଟ ନିକଟରେ କାରବାର କରିଥିଲା। ଅବଶ୍ୟ ପରେ କାରବାର ସମୟରେ ବଜାର ଏକ ଚମତ୍କାର




ପ୍ରତ୍ୟାବର୍ତ୍ତନ କରିଥିଲା। ସକାଳ ୧୧ଟାରେ, ସେନସେକ୍ସ ୮୩,୯୮୫,୦୭ ପଏଣ୍ଟରେ ୮୧୬ ପଏଣ୍ଟରୁ ଅଧିକ (ପ୍ରାୟ ୧ ପ୍ରତିଶତ) ଲାଭ କରିଥିଲା। ଏହାପୂର୍ବରୁ ସେନସେକ୍ସ ଥରେ ୮୪,୦୨୬.୮୫ ପଏଣ୍ଟରେ ପହଞ୍ଚିଥିଲା। ସେନସେକ୍ସ ଇତିହାସରେ ପ୍ରଥମ ଥର ୮୪ ହଜାର ପଏଣ୍ଟ ସ୍ତର ଅତିକ୍ରମ କରିଛି। ସେହିଭଳି ୨୫,୬୭୩.୪୫ ପଏଣ୍ଟର ଉଚ୍ଚ ସ୍ତରକୁ ଛୁଇଁବା ପରେ ନିଫ୍ଟି ସକାଳ ୧୧ ଟାରେ ପ୍ରାୟ ୨୨୫ ପଏଣ୍ଟ (୦.୯୦ପ୍ରତିଶତ) ବୃଦ୍ଧି ସହିତ ୨୫,୬୪୫ ପଏଣ୍ଟରେ କାରବାର କରିଥିଲା।

ଏହାପୂର୍ବରୁ ଗୁରୁବାର ମଧ୍ୟ ଘରୋଇ ବଜାର ନୂତନ ଉଚ୍ଚ ସ୍ତରର ରେକର୍ଡ ସୃଷ୍ଟି କରିଥିଲା। ଗତକାଲିର ବାଣିଜ୍ୟରେ, ସେନସେକ୍ସ ଏକ ନୂତନ ସର୍ବକାଳୀନ ଉଚ୍ଚ ସ୍ତରକୁ ୮୩,୭୭୩.୬୧ ପଏଣ୍ଟ ଛୁଇଁଥିଲା ଏବଂ ନିଫ୍ଟି ଏକ ନୂତନ ସର୍ବକାଳୀନ ଉଚ୍ଚ ସ୍ତରକୁ ୨୫,୬୧୧.୯୫ ପଏଣ୍ଟ ଛୁଇଁଥିଲା। ପରେ ଉଚ୍ଚ ସ୍ତରରେ ଲାଭ ବୁକିଂ ହେତୁ ବଜାର ଟିକେ ତଳକୁ ଖସିଗଲା। ବାଣିଜ୍ୟ ସମାପ୍ତ ହେବା ପରେ, ସେନସେକ୍ସ ୨୩୬.୫୭ ପଏଣ୍ଟ (୦.୨୯ ପ୍ରତିଶତ) ବୃଦ୍ଧି ସହିତ ୮୩,୧୮୪.୮୦ ପଏଣ୍ଟରେ ବନ୍ଦ ହୋଇଯାଇଥିଲା ଏବଂ ନିଫ୍ଟି ୫୦,୪୧୫.୯୫ ପଏଣ୍ଟରେ ୩୮.୨୫ ପଏଣ୍ଟ (୦.୧୫ ପ୍ରତିଶତ) ବୃଦ୍ଧି ସହିତ ବନ୍ଦ ହୋଇଥିଲା।

# ଲେବାନନରେ ଆତଙ୍କ ସୃଷ୍ଟି କଲା ଇସ୍ରାଏଲ

## ୧୦୦୦ ରକେଟ୍ ଲଞ୍ଚର ବ୍ୟାରେଲ୍‌କୁ କଲା ନଷ୍ଟ

**ଜେରୁଜେଲମ୍,୨୦।୯:** ଇରାନ ସମର୍ଥିତ ହେଜବୁଲ୍ଲାର ବିବାଦ ଥମିବା ପରି ମନେ ହେଉନାହିଁ। ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କଲାବେଳେ ସେ ପେଜର୍ ଏବଂ ୱାକି-ଟକି ବିସ୍ଫୋରଣରୁ ମଧ୍ୟ ନିସ୍ତାର ପାଇ ନ ଥିଲା। ଏକ ରିପୋର୍ଟ ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ଇସ୍ରାଏଲର ଯୁଦ୍ଧ ବିମାନ ଦକ୍ଷିଣ ଲେବାନନରେ ହେଜବୁଲ୍ଲା ସ୍ଥିତିକୁ ବୋମା ପକାଇ ଶହ ଶହ ରକେଟ୍ ଲଞ୍ଚ ବ୍ୟାରେଲକୁ ଟାର୍ଗେଟ କରିଥିଲା। ଇସ୍ରାଏଲ ସେନା କହିଛି, ହେଜବୁଲ୍ଲା ଏହି ରକେଟ ବ୍ୟବହାର କରି ତୁରନ୍ତ ଇସ୍ରାଏଲ ଅଞ୍ଚଳ ଆଡ଼କୁ ଗୁଳିମାଡ଼ କରିଥାନ୍ତା। ଇସ୍ରାଏଲ ସେନା ଅନୁଯାୟୀ, ଏହାର ଯୁଦ୍ଧ ବିମାନଗୁଡ଼ିକ ପ୍ରାୟ ୧୦୦୦ ବ୍ୟାରେଲ ସହିତ ୧୦୦ରୁ ଅଧିକ ରକେଟ ଲଞ୍ଚକୁ ଟାର୍ଗେଟ କରିଥିଲେ। ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) କହିଛି ଯେ, ଆତଙ୍କବାଦୀ ସଂଗଠନ ହେଜବୁଲ୍ଲାର ଭିତ୍ତିଭୂମି ତଥା ସାମର୍ଥ୍ୟକୁ ହ୍ରାସ କରିବା ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିବ। ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ ଗାଲାଣ୍ଟ କହିଛନ୍ତି, ଇସ୍ରାଏଲ ହେଜବୁଲ୍ଲା



ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିବ। ବଢୁଥିବା ଟେନସନକୁ ଦେଖି ଅନେକ ଦେଶ ଏହାକୁ ଶେଷ କରିବାକୁ ଚେଷ୍ଟା କରୁଛନ୍ତି। ଏକ ସପ୍ତାହ ଧରି ଚାଲିଥିବା ବିବାଦ ପରେ ବ୍ରିଟିଶ ବୈଦେଶିକ ସଚିବ ଡେଭିଡ୍ ଲାମି ଇସ୍ରାଏଲ ଏବଂ ଲେବାନନର ହେଜବୁଲ୍ଲା ମଧ୍ୟରେ ତୁରନ୍ତ ବନ୍ଦ ଡାକରା ଦେଇଛନ୍ତି। ଅନ୍ୟପକ୍ଷରେ ଆମେରିକା ଆହୁରି ଟେନ୍‌ସନ୍ ହେବାର ଆଶଙ୍କା ପ୍ରକାଶ କରିଛି। ବୁଧବାର ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଉତ୍ତର ସୀମା ଅଞ୍ଚଳରୁ ସ୍ଥାନାନ୍ତରିତ ହଜାର ହଜାର ବାସିନ୍ଦାଙ୍କୁ ନିଜ ଘରକୁ ପଠାଇବାକୁ ଶପଥ ନେଇଛନ୍ତି।

ବାସ୍ତବରେ ହମାସ୍ ଉପରେ ଆକ୍ରମଣ ପରେ ଇସ୍ରାଏଲକୁ ସମର୍ଥନ କରିବା ପାଇଁ ଇରାନ ସମର୍ଥିତ ହେଜବୁଲ୍ଲା ଉତ୍ତର ଇସ୍ରାଏଲରେ ରକେଟ ମାଡ଼ କରିଥିଲା। ଏହି କାରଣରୁ ଅନେକ ଲୋକଙ୍କୁ ଦେଶର ସୀମା ଅଞ୍ଚଳ ଛାଡ଼ି କେନ୍ଦ୍ରକୁ ପଳାଇବାକୁ ପଡ଼ିଲା। ସେବେଠାରୁ ଇସ୍ରାଏଲ ଏବଂ ହେଜବୁଲ୍ଲା ମଧ୍ୟରେ ପ୍ରତିଦିନ ଗୁଳି ବିନିମୟ ହେଉଛି।

# ଜେଡିୟୁ ନେତ୍ରୀଙ୍କୁ ମାଡ଼ମାରି ପିନ୍ଧାଇଲେ ଚପଲମାଳ

**ପାଟନା, ୨୦।୯:** ବିହାରରେ ଜେଡିୟୁ କ୍ଷମତାରେ ଥିବା ସତ୍ତ୍ୱେ ଦଳର ମହିଳା ନେତ୍ରୀ ସୁରକ୍ଷିତ ନୁହନ୍ତି। ରାଜ୍ୟରେ ବିଚ୍ ରାସ୍ତାରେ ଦଳର ମହିଳା ନେତ୍ରୀଙ୍କ ଉପରେ ହେଉଛି ଅମାନବୀୟ ନିର୍ଯାତନା। ଦଳୀୟ କନ୍ଦଳ ସାଂଘାତିକ ରୂପ ନେବାରୁ ମହିଳା ନେତ୍ରୀଙ୍କୁ ଦଳର କିଛି କର୍ମୀ ପ୍ରବଳ ପିଟିବା ସହ ଚପଲ ମାଳ ପିନ୍ଧାଇବାକୁ ପଛାଇ ନାହାନ୍ତି। ତାଲିବାନୀ ଶାସନର ଏପରି କିଛି ଝଲକ ବିହାରର ସୀତାମଢ଼ି ଜିଲ୍ଲାର ବୈରଗନିୟା ଅଞ୍ଚଳରେ ଘଟିଛି। ସର୍ବସମ୍ମୁଖରେ ଅସହ୍ୟ ନିର୍ଯାତନାର ଶିକାର ହୋଇଥିବା ମହିଳାଜଣକ ହେଲେ ଜେଡିୟୁର ମହିଳା ସେଲ୍‌ର ଜିଲ୍ଲାଧ୍ୟକ୍ଷ କାମିନୀ ପଟେଲ। ଗୁରୁତର ଅବସ୍ଥାରେ ତାଙ୍କୁ ମୁଜଫରନଗର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବୈରଗନିୟା ଅଞ୍ଚଳରେ ଗତ ବୁଧବାର ଜେଡିୟୁର ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ମହିଳା ସେଲ୍ ଜିଲ୍ଲାଧ୍ୟକ୍ଷ କାମିନୀ ପଟେଲଙ୍କୁ ଆମନ୍ତ୍ରିତ କରାଯାଇ ନ ଥିଲା। ଏହାକୁ ନେଇ ସନ୍ଧ୍ୟାରେ ଫେସ୍‌ବୁକ୍‌ରେ ବିବାଦ ଆରମ୍ଭ ହୋଇଗଲା। ଗୁରୁବାର ସକାଳେ ଜିଲ୍ଲାଧ୍ୟକ୍ଷ କାମିନୀ ପଟେଲ ନିଜର କିଛି ସହଯୋଗୀଙ୍କ ସହ ଦଳର ୱାର୍ଡ କାଉନସିଲର ସଞ୍ଜୟ ପଟେଲଙ୍କ ଘରେ ପହଞ୍ଚିଥିଲେ। ସେଠାରେ ସେ ତାଙ୍କୁ ଗାଳିଗୁଲଜ କରିଥିଲେ। ଘଟଣା ଉଗ୍ର ରୂପ ଧାରଣ କରିବାରୁ କାମିନି ପଟେଲଙ୍କୁ ଉପସ୍ଥିତ ଲୋକ ଘେରି ପିଟିବାକୁ ଲାଗିଲେ । ଏହାପରେ ତାଙ୍କୁ ଚପଲ ମାଳ ପିନ୍ଧାଇ ବଜାରରେ ବୁଲାଇଥିଲେ। କିଛି ଲୋକ ତୁରନ୍ତ ସେଠାରୁ କାମିନୀ ପଟେଲଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ମୁଜଫରନଗର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ମାଡ଼ ଚିହ୍ନ ଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ଭାଇରାଲ ହେବା ପରେ ପୁଲିସ୍ ଏହି ଘଟଣାର ଖୋଳତାଡ଼ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି ପୁଲିସ୍ ଡିଏସ୍‌ପି।

ଭାରତ-ବାଂଲାଦେଶ ପ୍ରଥମ ଟେଷ୍ଟ

# ଝଡ଼ିଲା ୧୭ ୱିକେଟ ; ଭାରତ ୩୦୮ରେ ଅଗ୍ରଣୀ

**ଚେନ୍ନାଇ, ୨୦।୯:** ଭାରତ ଓ ବାଂଲାଦେଶ ମଧ୍ୟରେ ଖେଳା ଯାଉଥିବା ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ୱିକେଟ ବର୍ଷା ହୋଇଛି। ଚେନ୍ନାଇ ଏମଏ ଚିଦାମ୍ବରମରେ ଖେଳା ଯାଉଥିବା ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ଝଡ଼ିଛି ୧୭ଟି ୱିକେଟ ଭାରତ। ୧୭ଟି ୱିକେଟ ଝଡ଼ିଥିଲେ ହେଁ ଭାରତ ପ୍ରଥମ ଟେଷ୍ଟରେ ଦୃଢ଼ ସ୍ଥିତିରେ ପହଞ୍ଚି ଯାଇଛି। ପ୍ରଥମ ଇନିଂସରେ ଦଳ ୩୭୬ ରନ କରିଥିବା ବେଳେ ଏବେ ଦ୍ୱିତୀୟ ଇନିଂସ ଆରମ୍ଭ କରିଛି। ଦ୍ୱିତୀୟ ଇନିଂସରେ ଭାରତ ୩ ୱିକେଟ ହରାଇଥିଲେ ହେଁ ଦଳ ପାଖରେ ୩୦୮ ରନର ଅଗ୍ରଣୀ ରହିଛି।

ପ୍ରଥମ ଇନିଂସରେ ଭାରତ ୩୭୬ ରନ କରିଥିବା ବେଳେ ବାଂଲାଦେଶ କେବଳ ୧୪୯ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଭାରତକୁ ୨୨୭ ରନର ବିଶାଳ ଲିଡ୍ ମିଳିଥିଲା। ବାଂଲାଦେଶ ପ୍ରଥମ ଇନିଂସରେ ଫଲୋଅନ ଖାଇଥିଲେ ହେଁ ଭାରତ ପୁଣି ବ୍ୟାଟିଂ କରିଥିଲା। ଦ୍ୱିତୀୟ ଇନିଂସରେ ଦଳ ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ଯାଇ ୩ ବ୍ୟାଟରଙ୍କୁ ହରାଇଛି। ତେବେ ଦ୍ୱିତୀୟ ଦିନର ଷ୍ଟମ୍ପ ସୁଦ୍ଧା ଭାରତର


ନଟ ଆଉଟ ଥାଇ ବି ଆଉଟ ହେଲେ ବିରାଟ: ରାଗିଲେ ରାହୁଲ

ସ୍କୋର ୮୧ ରନରେ ପହଞ୍ଚି ଯାଇଛି। ଏଥିସହ ଭାରତ ୩୦୮ ରନର ଲିଡ ମଧ୍ୟ ହାସଲ କରି ନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଶୁବମନ ଗିଲ ୩୩ ଓ ଋଷଭ ପନ୍ତ ୧୨ ରନ କରି ଅପରାଜିତ ରହିଛନ୍ତି। ତୃତୀୟ ଦିନରେ ଉଭୟ ପୁଣି ଭାରତର ଇନିଂସକୁ ଆଗକୁ ନେବେ। ଆଜି ଦ୍ୱିତୀୟ ଦିନ ଭାରତର ଅସମାପ୍ତ ପ୍ରଥମ ଇନିଂସରୁ ଆରମ୍ଭ ହୋଇଥିଲା। ଭାରତ ୩୩୯/୬ରୁ ଇନିଂସ ଆରମ୍ଭ କରିଥିବା ବେଳେ ୩୭୬ ରନରେ ଅଲଆଉଟ ହୋଇଯାଇଥିଲା। ବାଂଲାଦେଶ ବୋଲର ଆଜି ଲଞ୍ଚ ପୂର୍ବରୁ ଭାରତର ବାକି ୪ ୱିକେଟ ନେଇ ଯାଇଥିଲେ। ଏହାପରେ ବାଂଲାଦେଶ ତା'ର ପ୍ରଥମ ଇନିଂସ ଆରମ୍ଭ କରିଥିଲା। କିନ୍ତୁ ଭାରତୀୟ ବୋଲରଙ୍କୁ ଦଳର ବ୍ୟାଟରମାନେ ସମ୍ମୁଖୀନ ହୋଇପାରି ନଥିଲେ। ଟି ବ୍ରେକ ପରେ ବାଂଲାଦେଶ ସମସ୍ତ ୧୦ ୱିକେଟ ହରାଇ ୧୪୯ ରନରେ ଅଟକି ଯାଇଥିଲା। ପ୍ରଥମ ଇନିଂସରେ ଭାରତ ପାଇଁ ଦମଦାର ପ୍ରଦର୍ଶନ କରିଛନ୍ତି ୩ ଦ୍ରୁତ ବୋଲର। ଯଶପ୍ରୀତ ବୁମ୍ରା ଏକାକୀ ୪ ୱିକେଟ ନେଇଥିବା ବେଳେ ଆକାଶ ଦୀପ, ମହମ୍ମଦ ସିରାଜ ୨ଟି ଲେଖାଏ ସଫଳତା ପାଇଛନ୍ତି। ସେହିପରି ସ୍ପିନର ରବୀନ୍ଦ୍ର ଜାଡେଜା ମଧ୍ୟ ୨ଟି ୱିକେଟ ନେଇଛନ୍ତି।

ବାଂଲାଦେଶ ଅଲଆଉଟ ହୋଇଯିବାରୁ ଭାରତକୁ ଆଜି ଆଉ ୨୩ ଓଭର ବ୍ୟାଟିଂ କରିବାକୁ ପଡ଼ିଛି। ଏହି ୨୩ ଓଭରରେ ଦଳ ୩ ୱିକେଟ ହରାଇବା ସହ ୮୧ ରନ କରିଛି। ଭାରତ ଆଜି ଅଧିନାୟକ ରୋହିତ ଶର୍ମା(୫), ଯଶସ୍ୱୀ ଜୈସୱାଲ(୧୦) ଓ ବିରାଟ କୋହଲି(୧୭)ଙ୍କୁ ହରାଇଛି। ତେବେ ପ୍ରଥମ ଇନିଂସରେ ଖାତା ଖୋଲି ପାରିନଥିବା ଶୁବମନ ଗିଲ ଦ୍ୱିତୀୟ ପାଳିରେ ନିଜର ଆଟାକିଂ ଖେଳ ଦେଖାଇଛନ୍ତି। ସେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ଯାଏ ଅପରାଜିତ ରହି ୩୩ ରନର ଇନିଂସ ଖେଳିଛନ୍ତି। ତାଙ୍କ ସହ ଋଷଭ ପନ୍ତ ୧୨ ରନ କରି ରହିଛନ୍ତି। ବାଂଲାଦେଶ ପକ୍ଷରୁ ଦ୍ୱିତୀୟ ଇନିଂସରେ ତସ୍କିନ ଅହମଦ, ନାହିଦ ରାଣା ଓ ମେହିଦ ହାସନ ମିରାଜ ଗୋଟିଏ ଲେଖାଏ ୱିକେଟ ନେଇଛନ୍ତି।



# ବୁମରାଙ୍କ ୪୦୦ ଅନ୍ତର୍ଜାତୀୟ ୱିକେଟ ଦଖଲ

**ଚେନ୍ନାଇ, ୨୦।୯:** ଭାରତୀୟ ପେସର ଯଶପ୍ରୀତ ବୁମରା ଇଣ୍ଟରନ୍ୟାସନାଲ କ୍ରିକେଟରେ ୪୦୦ ୱିକେଟ ଦଖଲ କରିଛନ୍ତି। ଏହି ସଫଳତା ପାଇବାରେ ସେ ହେଉଛନ୍ତି ୬ଷ୍ଠ ଭାରତୀୟ ପେସ ବୋଲର। ଏବେ ସୁଦ୍ଧା ସେ ଟେଷ୍ଟ କ୍ରିକେଟରେ ୧୬୩ଟି ୱିକେଟ ଦଖଲ କରିଥିବା ବେଳେ ଦିନିକିଆରେ ୧୪୯ ଓ ଟି-୨୦ରେ ୮୯ ୱିକେଟ ଦଖଲ କରିଛନ୍ତି। ଏବେ ସୁଦ୍ଧା ସେ ୧୯୧ଟି ଇଣ୍ଟରନ୍ୟାସନାଲ ମ୍ୟାଚରୁ ୪୦୧ଟି ୱିକେଟ ଦଖଲ କରିଛନ୍ତି। ବୁମରାଙ୍କ ପୂର୍ବରୁ କପିଳ ଦେବ (୬୮୭), ଜାହିର ଖାନ (୫୯୭), ଜାଭାଗଲ ଶ୍ରୀନାଥ(୫୫୧), ମହମ୍ମଦ ସାମି (୪୪୮) ଓ ଇଶାନ୍ତ ଶର୍ମା (୪୩୪) ଏହି ସଫଳତା ହାସଲ କରିଥିଲା। ବୁମରା ଆଜି ଚେନ୍ନାଇରେ ବାଂଲାଦେଶ ଦଳର ହାସନ ମାହମ୍ମୁଦଙ୍କୁ ଆଉଟ କରି ମାଇଲ ଖୁଣ୍ଟ ଅତିକ୍ରମ କରିଛନ୍ତି। ଦିନିକିଆରେ ସେ ଭାରତ ପକ୍ଷରୁ ଦ୍ରୁତତମ ୧୦୦ ୱିକେଟ ଦଖଲର ରେକର୍ଡ ନିଜ ନାମରେ କରିଛନ୍ତି। ଭାରତୀୟ ପେସ ବୋଲରଙ୍କ ମଧ୍ୟରେ ଟେଷ୍ଟ କ୍ରିକେଟରେ ତାଙ୍କ ଆଭରେଜ ସବୁଠାରୁ ଭଲ। ୨୦୧୬ରୁ ଇଣ୍ଟରନ୍ୟାସନାଲ କ୍ୟାରିୟର ଆରମ୍ଭ କରିଥିବା ବୁମରା ଆଗକୁ ବହୁ ବର୍ଷ ପର୍ଯ୍ୟନ୍ତ ଭାରତୀୟ ପେସ ବୋଲିଂ ଆଟାକର ନେତୃତ୍ୱ ନେବେ ବୋଲି ଆଶା କରାଯାଉଛି।

# ଶ୍ରୀଲଙ୍କାର ପୂର୍ବତନ ଟେଷ୍ଟ କ୍ରିକେଟର ସମରବୀରା ୨୦ ବର୍ଷ କ୍ରିକେଟ୍‌ରୁ ବାସନ୍ଦ



**ମେଲବୋର୍ନ, ୨୦।୯:** ଶ୍ରୀଲଙ୍କାର ପୂର୍ବତନ ଟେଷ୍ଟ କ୍ରିକେଟର ଦୁଲୀପ ସମରବୀରା ଅଷ୍ଟ୍ରେଲିଆରେ କୋଚିଂ ଦେବାରୁ ୨୦ବର୍ଷ ବାସନ୍ଦ ହୋଇଛନ୍ତି। ସେ ଭିକ୍ଟୋରିଆ ମହିଳା ଦଳର କୋଚ୍ ଭାବେ କାର୍ଯ୍ୟ କରୁଥିଲେ। ସମରବୀରା ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ପରେ ଅଷ୍ଟ୍ରେଲିଆ କ୍ରିକେଟ ବୋର୍ଡ ତାଙ୍କୁ ଦଣ୍ଡିତ କରିଛି। ସମରବୀରା ଶ୍ରୀଲଙ୍କା ପାଇଁ ୭ ଟେଷ୍ଟ ଓ ୫ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ସେ ୨୦୦୮ରେ କ୍ରିକେଟ ଭିକ୍ଟୋରିଆର ବ୍ୟାଟିଂ କୋଚ୍ ଭାବେ ଯୋଗଦେଇଥିଲେ। ଶ୍ରୀଲଙ୍କାର ଏହି ୫୨ ବର୍ଷୀୟ ପୂର୍ବତନ କ୍ରିକେଟର ଏଣିକି ଦୁଇ ଦଶନ୍ଧି ଧରି ଅଷ୍ଟ୍ରେଲିଆରେ କ୍ରିକେଟ ସମ୍ବନ୍ଧିତ କୌଣସି ବଡ଼ ପଦବୀରେ ରହିପାରିବେ ନାହିଁ। କ୍ରିକେଟ ଅଷ୍ଟ୍ରେଲିଆ ତରଫରୁ ଘଟଣାଟି ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ ଯଦିଓ କିଛି ଉଲ୍ଲେଖ କରାଯାଇ ନାହିଁ ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି, ସମରବୀରା ଜଣେ ଖେଳାଳିଙ୍କ ସହ ଜବରଦସ୍ତ ସମ୍ପର୍କ ରଖିବାକୁ ଚାହିଁଥିଲେ। ଦଣ୍ଡ ଉପରେ ସମରବୀରା ଏପର୍ଯ୍ୟନ୍ତ ତାଙ୍କର କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ଶ୍ରୀଲଙ୍କାର ଏହି ପୂର୍ବତନ କ୍ରିକେଟର ଗତବର୍ଷ ନଭେମ୍ବରରେ କାମଚଳା ମୁଖ୍ୟ କୋଚ୍ ଏବଂ ପରେ ଚଳିତବର୍ଷ ମେ ମାସରେ ତାଙ୍କୁ ଏହି ପଦବୀରେ ନିୟମିତ କରାଯାଇଥିଲା। ମାତ୍ର ଘଟଣାଟି ପ୍ରଘଟ ହେବାର ଦୁଇ ସପ୍ତାହ ମଧ୍ୟରେ ସେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ସେ ଆହୁରି ମଧ୍ୟ ଓମେନ୍ସ ବିଗ୍ ବାଶ୍ ଲିଗ୍ ଦଳ ମେଲବୋର୍ନ ଷ୍ଟାର୍ସ ଦଳର ସହକାରୀ କୋଚ୍ ଭାବେ କାର୍ଯ୍ୟକରୁଥିଲେ।

# ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍: ଦଳରେ ନଟରାଜଙ୍କ ସହ ୪ ଓଡ଼ିଆ





**ଯୋଧପୁର, ୨୦।୯:** ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍‌ର ତୃତୀୟ ସଂସ୍କରଣ ଶୁକ୍ରବାରଠୁ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ପ୍ରଥମ ଥର ଲାଗି ଅଂଶଗ୍ରହଣ କରୁଥିବା 'କୋଣାର୍କ ସୂର୍ଯ୍ୟସ ଓଡ଼ିଶା' ଶୁକ୍ରବାର ହରଭଜନ ସିଂହଙ୍କ ନେତୃତ୍ୱାଧୀନ ତଥା ଗତଥରର ବିଜେତା ମଣିପାଲ ଟାଇଗର୍ସ ବିପକ୍ଷରୁ ଅଭିଯାନ ଆରମ୍ଭ। ଯୋଧପୁରର ବର୍କତୁଲ୍ଲା ଖାନ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ପୂର୍ବରୁ ଇର୍ଫାନ ପଠାନଙ୍କ ନେତୃତ୍ୱାଧୀନ 'କୋଣାର୍କ ସୂର୍ଯ୍ୟସ ଓଡ଼ିଶା' ଜୋରଦାର ଅଭ୍ୟାସ କରିଛି। ଦଳରେ ଓଡ଼ିଶାରୁ ପୂର୍ବତନ ରଣଜୀ ତାରକା ନଟରାଜ ବେହେରାଙ୍କ ସହ ୪ଜଣ ରହିଛନ୍ତି। ନଟରାଜ ଖେଳାଳି ଭାବେ ସ୍ଥାନ ପାଇଥିଲା ବେଳେ ଦୀପକ ମଙ୍ଗରାଜ ସହଯୋଗୀ ପ୍ରଶିକ୍ଷକ, ଅରବିନ୍ଦ ସିଂହ ଫିଲ୍ଡିଂ ପ୍ରଶିକ୍ଷକ ଏବଂ ସରୋଜ ବାରିକ ସହକାରୀ ବୋଲିଂ ପ୍ରଶିକ୍ଷକ ରହିଛନ୍ତି। ଓଡ଼ିଶାର ଖେଳାଳିଙ୍କୁ ଦଳରେ ସାମିଲ କରି ଓଡ଼ିଆ ସଂସ୍କୃତିର ବିକାଶ ଲାଗି ପ୍ରୟାସ କରାଯାଇଛି ବୋଲି ସାନ୍‌ପ୍ରିୟା ଗ୍ରୁପ୍‌ର ମାଲିକାନାରେ ଥିବା ଏହି ଦଳ ପକ୍ଷରୁ କୁହାଯାଇଛି।

ଗ୍ରୁପର ସିଓଓ ଏନାକ୍ଷୀ ପ୍ରିୟମ୍ କହିଛନ୍ତି ଯେ, ଓଡ଼ିଶାର କ୍ରୀଡ଼ା ଓ ପ୍ରତିଭାର ସମୃଦ୍ଧ ଇତିହାସ ରହିଛି। ଇର୍ଫାନ ପଠାନ 'କୋଣାର୍କ ସୂର୍ଯ୍ୟସ ଓଡ଼ିଶା' ଦଳର ନେତୃତ୍ୱ ନେଉଥିବା ବେଳେ ଅମ୍ବାତି ରାୟୁଡୁଙ୍କ ସମେତ ଅନ୍ୟ ପ୍ରତିଭାବାନ ଖେଳାଳିମାନେ ଏହି ଲିଗ୍ ମାଧ୍ୟମରେ ରାଜ୍ୟରେ ଉଭୟ କ୍ରିକେଟ୍ ଓ କ୍ରୀଡ଼ାର ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଓଡ଼ିଶାବାସୀ ସବୁବେଳେ ଖୋଲା ହୃଦୟରେ ଖେଳକୁ ଗ୍ରହଣ କରି ଆସୁଛନ୍ତି ଏବଂ ଆମେ କେବଳ କ୍ରିକେଟ୍ ନୁହେଁ, ଏକ ସୁସ୍ଥ ଓ ଅଧିକ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବାକୁ ଚାହୁଁଛୁ। ସାନପ୍ରିୟା ଗ୍ରୁପରେ ଆମେ ଓଡ଼ିଶାର କ୍ରୀଡ଼ା ସଂସ୍କୃତିର ବିକାଶ ପାଇଁ ଆମର ସମ୍ବଳ ବିନିଯୋଗ କରିବାକୁ ଚାହୁଁଛୁ। କୋଣାର୍କ ସୂର୍ଯ୍ୟସ ଓଡ଼ିଶା, ସେହି ଦିଗରେ ପ୍ରଥମ ପଦକ୍ଷେପ। ଭୁବନେଶ୍ୱରରେ ଆଗାମୀ ଆସୋଟେକ୍ ୱାର୍ଲ୍ଡ ଟାଉନସିପରେ ଏକ ବିଶ୍ୱସ୍ତରୀୟ ମଲ୍ଟିସ୍ପୋର୍ଟସ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଯାହା ସ୍ଥାନୀୟ ପ୍ରତିଭାମାନଙ୍କୁ ସାହାଯ୍ୟ କରିବା ସହ ଓଡ଼ିଶାରେ ଏକ ସୁଦୃଢ଼ କ୍ରୀଡ଼ା ପରିବେଶ ସୃଷ୍ଟି କରିବାରେ ନିଶ୍ଚିତ ସହାୟକ ହେବ।

## କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଦଳ

ଇର୍ଫାନ ପଠାନ (ଅଧିନାୟକ), ଅମ୍ବାତି ରାୟୁଡୁ, ୟୁସୁଫ ପଠାନ, ଶାହବାଜ ନଦୀମ, ନବୀନ ଷ୍ଟିୱାର୍ଟ, ରସ୍ ଟେଲର, ବିନୟ କୁମାର, ରିଚାର୍ଡ ଲେଭି, ଫିଡେଲ ଏଡୱାର୍ଡ୍ସ, ଡି. ମୁନାବୀରା, କେଭିନ ଓ'ବ୍ରାଏନ, କେପି ଅପ୍ପନ୍ନା, ପ୍ରବୀଣ ତାମ୍ବେ, ଦୀବେଶ ପଠାନିଆ, ବେନ୍ ଲଫ୍ଲିନ, ରାଜେଶ ବିଷ୍ଣୋଇ ଓ ନଟରାଜ ବେହେରା। ମଣିପାଲ ଟାଇଗର୍ସ ଦଳ: ହରଭଜନ ସିଂହ (ଅଧିନାୟକ), ସୌରଭ ତିୱାରୀ, ରବିନ ଉଥପ୍ପା, ଥିସାରା ପେରେରା, ଡାନ୍ କ୍ରିଷ୍ଟିଆନ୍, ରାହୁଲ ଶୁକ୍ଲା, ପ୍ରବୀଣ ଗୁପ୍ତା, ଅନୁରିତ ସିଂହ, ଆଞ୍ଜେଲୋ ପେରେରା, ଅମିତ ବର୍ମା, ସୋଲୋମନ ମିର, ଆବୁ ନେଚିମ, ଆସେଲା ଗୁଣରତ୍ନେ, ମନୋଜ ତିୱାରୀ, ସେଲଡନ୍ କଟ୍ରେଲ, ଇମ୍ରାନ ଖାନ, ଇମିତୋଜ ସିଂହ।

# ଆଇସିସି ଦ୍ୱାରା ଦଣ୍ଡିତ ହେବ ବାଂଲାଦେଶ !

**ନୂଆଦିଲ୍ଲୀ, ୨୦।୯:** ଭାରତ ବିପକ୍ଷରେ ପ୍ରଥମ ଟେଷ୍ଟ ଖେଳୁଥିବା ବାଂଲାଦେଶ ପାଇଁ ଖରାପ ଖବର ଆସିଛି। ପ୍ରଥମ ଟେଷ୍ଟରେ ବ୍ୟାକଫୁଟରେ ଥିବା ବାଂଲାଦେଶ ଚେନ୍ନାଇରେ ସଂଘର୍ଷ କରିବାରେ ଲାଗିଛି। ଭାରତର ୩୭୬ ରନର ଜବାବରେ ବାଂଲାଦେଶ ପ୍ରଥମ ଇନିଂସରେ ୧୪୯ ରନ କରି ଅଲଆଉଟ ହୋଇଯାଇଛି। ଦ୍ୱିତୀୟ ଦିନରେ ଦଳ ଏପରି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବେ ବେଳେ ପ୍ରଥମ ଦିନରେ ତା' ବିରତୀ ଯାଏ ବୋଲିଂରେ ଯାଦୁ ଦେଖାଇଥିଲା। ଏବେ କିନ୍ତୁ ବାଂଲାଦେଶ ଟିମ ବିପକ୍ଷରେ ଆଇସିସି କାର୍ଯ୍ୟାନୁଷ୍ଠାନ ନେବାର ଆଶଙ୍କା ପ୍ରକାଶ ପାଇଛି। ପ୍ରଥମ ଦିନ ଖେଳ ଆରମ୍ଭରୁ କମାଲ କରିଥିବା ବାଂଲାଦେଶ ହାତରୁ ରବୀନ୍ଦ୍ର ଜାଡେଜା ଓ ରବି ଅଶ୍ୱିନ ମ୍ୟାଚ୍ ଛଡ଼ାଇ ନେଇଥିଲେ। ଅଶ୍ୱିନଙ୍କ ବ୍ୟାଟରୁ ପ୍ରଥମ ଦିନରେ ଶତକ ମଧ୍ୟ ଦେଖିବାକୁ ମିଳିଥିଲା। ତେବେ ବାଂଲାଦେଶ ପ୍ରଥମ ଦିନରେ ଧାର୍ଯ୍ୟ ସୀମା ଠାରୁ ୧୦ ଓଭର କମ ବୋଲିଂ କରିବା ଦଳକୁ ମହଙ୍ଗା ପଡ଼ିପାରେ। ଗୋଟିଏ ଦିନରେ ୯୦ ଓଭର ବୋଲିଂ କରିବାର ନିୟମ ରହିଛି। ଏପରି କି ଚେନ୍ନାଇରେ ଗତକାଲି ଭଲ ଆଲୁଅ ଥିବାରୁ ଅତିରିକ୍ତ ୩୦ ମିନିଟ ଖେଳ ହୋଇଥିଲା। ତଥାପି ବାଂଲାଦେଶ ଧିମା ବୋଲିଂ କରି କେବଳ ୮୦ ଓଭର ପକାଇ ପାରିଥିଲା। ଏପରି ଧିମା ବୋଲିଂ ଯୋଗୁ ଆଇସିସି ବାଂଲାଦେଶ ଟିମକୁ ଦଣ୍ଡିତ କରିପାରେ। ଗତ ମାସରେ ଦଳ ପାକିସ୍ତାନ ବିପକ୍ଷରେ ଟେଷ୍ଟ ସିରିଜ ଜିତିଥିଲା। ସିରିଜକୁ ଦଳ ୨-୦ରେ କବଜା କରିଥିଲେ ହେଁ ବାଂଲାଦେଶର ୩ ପଏଣ୍ଟ କାଟି ଥିଲା ଆଇସିସି। ଫଳରେ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ପଏଣ୍ଟ ଟେବୁଲରେ ଦଳକୁ ଘାଟା ସହିବାକୁ ପଡ଼ିଥିଲା। ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟରେ ବାଂଲାଦେଶ ୩ ଓଭର କମ ବୋଲିଂ କରିଥିବାରୁ ଆଇସିସି ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନସିପରେ ୩ ପଏଣ୍ଟ ହରାଇବା ସହ ସମସ୍ତ ଖେଳାଳିଙ୍କ ମ୍ୟାଚ୍ ଫି' ମଧ୍ୟ ୧୫% କାଟ କରାଯାଇଥିଲା। ଏବେ ଭାରତ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ଦଳ କେବଳ ୮୦ ଓଭର ବୋଲିଂ କରିପାରି ଥିଲା। ପ୍ରଥମ ସେସନରେ ୨୩ ଓଭର, ଦ୍ୱିତୀୟ ସେସନରେ ୨୫ ଓଭର ଓ ତୃତୀୟ ସେସନରେ ଦଳ ୩୨ ଓଭର ବୋଲିଂ କରିବାକୁ ସକ୍ଷମ ହୋଇଥିଲା। ୧୦ ଓଭର କମ ବୋଲିଂ କରିଥିବାରୁ ବାଂଲାଦେଶ ପୁଣି ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ପଏଣ୍ଟ ହରାଇବାର ଆଶଙ୍କା ପ୍ରକାଶ ପାଇଛି। ଦଳକୁ ନିଜର କୋଟା ସାରିବାକୁ ଅତିରିକ୍ତ ୩୦ ମିନିଟର ସମୟ ଦିଆଯାଇଥିଲେ ହେଁ ୯୦ ଓଭର ବୋଲିଂ କରି ପାରି ନଥିଲା। ତେଣୁ ଏହା ଆଦୌ ଗ୍ରହଣୀୟ ନୁହେଁ ବୋଲି କ୍ରିକେଟ ଭାଷ୍ୟକାର ହର୍ଷ ଭୋଗଲେ କହିଛନ୍ତି। ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ପ୍ଲେଇଂ କଣ୍ଡିସନର ଧାରା ୧୬.୧୧.୨ରେ ଧିମା ଓଭର ପାଇଁ ପଏଣ୍ଟ ହ୍ରାସର ବ୍ୟବସ୍ଥା ରହିଛି। ଗୋଟିଏ ଦଳ ଧାର୍ଯ୍ୟ ସମୟ ଅନୁସାରେ, ଯେତିକି ଓଭର କମ ବୋଲିଂ କରିଥିବ, ତା'ର ସେତିକି ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ପଏଣ୍ଟ କଟିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୋଷୀ ଦଣ୍ଡ...

ସେ ଦୁଃଖିତ ଅଛନ୍ତି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଥାନା ଅଧିକାରୀଙ୍କ ନିର୍ଯାତନା ମାମଲା ଜଟିଳ ହେବାରେ ଲାଗିଛି। ଡିସିପି ପ୍ରତୀକ ସିଂହ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କୁ ଭେଟି ତଦନ୍ତ ଅଗ୍ରଗତି ସମ୍ପର୍କରେ ଅବଗତ କରାଇଛନ୍ତି। ଏହାସହିତ ରାଜ୍ୟ ମହିଳା କମିଶନ ଭରତପୁର ଥାନାରେ ପହଞ୍ଚି ନିଜଆଡୁ ତଦନ୍ତ ଆରମ୍ଭ କରିଛନ୍ତି। ଥାନାର କର୍ମଚାରୀମାନଙ୍କୁ ଘଟଣା ସଂପର୍କରେ ପଚାରିବା ସହିତ ପାରିପାର୍ଶ୍ୱିକ ସ୍ଥିତି ସଂପର୍କରେ ଅବଗତ ହୋଇଛନ୍ତି।

ସୂଚନାଯୋଗ୍ୟ, ଏହି ମାମଲାରେ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ର ଓ ୪ ପୁଲିସ କର୍ମଚାରୀଙ୍କ ନାଁରେ ଅପରାଧିକ ମାମଲା ରୁଜୁ କରିଛି କ୍ରାଇମବ୍ରାଞ୍ଚ। ଏଥିରେ କମିସନରେଟ୍ ପୁଲିସ ମୂଳ ଘଟଣାରେ ୭ ଜଣ ରୋଡ ରୋମିଓଙ୍କୁ ଗିରଫ କରିଛି।

ଭରତପୁର ଥାନାରେ ସେନା ମେଜର ଗୁରୁବଂଶ ସିଂହ ଓ ବାନ୍ଧବୀଙ୍କୁ ମାଡମାରିବା ମାମଲା ତେଜିବାରେ ଲାଗିଛି । ସୁରକ୍ଷା ଦେଉଥିବା ଲୋକ ଯଦି ଏପରି କରିବ ତାହାଲେ ଲୋକେ ସୁରକ୍ଷା ମାଗିବା କାହାକୁ । ତା ଉପରେ ପୁଣି ବାନ୍ଧବୀଙ୍କ ଚାଞ୍ଚଲ୍ୟ ବୟାନ ଏହି ଘଟଣାକୁ ଆଉ ଏକ ମୋଡ ଦେଇଛି । ସେପଟେ ଆକ୍ସନ ମୋଡରେ କ୍ରାଇମ ବ୍ରାଞ୍ଚ ଓ ମହିଳା କମିଶନ । ଅପରାଧିକ ମାମଲା ରୁଜୁ କରି ଘଟଣାର ଖୋଳତାଳ କରୁଛନ୍ତି । ମୂଳ ଘଟଣାରେ ୭ ଜଣ ରୋଡ ରୋମିଓଙ୍କୁ ଗିରଫ କରି ପଚରାଉଚରା କରୁଛି ଚନ୍ଦକା ପୋଲିସ୍ ।

**ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଲେ ସେନା କମାଣ୍ଡର**

ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ଲେଫ୍ଟନାଣ୍ଟ ଜେନେରାଲ ପିଏସ୍ ଶେଖାୱତ୍। ଲେଫ୍ଟନାଣ୍ଟ ଜେନେରାଲ ଶେଖାୱତ୍ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହଙ୍କୁ ଚିଠି ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି। ଜଣେ ସେନା ଅଧିକାରୀ ଥାନାକୁ ସୁରକ୍ଷା ମାଗିବାକୁ ଯାଇ ପୋଲିସଙ୍କ ଠାରୁ ମାଡ ଖାଇଛନ୍ତି ତାହାର ନ୍ୟାୟିକ ତଦନ୍ତ ଦାବି କରିଛନ୍ତି । ଏହାସହିତ ସେନା ମେଜର ଓ ତାଙ୍କ ବାନ୍ଧବୀଙ୍କୁ ପୋଲିସ ନିର୍ଯାତନା ଦେଇଛି। ବାନ୍ଧବୀଙ୍କୁ ଯୌନ ନିର୍ଯାତନା ସହ ସେନାଧିକାରୀଙ୍କୁ ହାଜତରେ ପୂରାଇଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି।

ସେପଟେ ଆକ୍ସନ ମୋଡରେ କ୍ରାଇମ ବ୍ରାଞ୍ଚ ଓ ମହିଳା କମିଶନ । ଅପରାଧିକ ମାମଲା ରୁଜୁ କରି ଘଟଣାର ଖୋଳତାଳ କରୁଛନ୍ତି । ମୂଳ ଘଟଣାରେ ୭ ଜଣ ରୋଡ ରୋମିଓଙ୍କୁ ଗିରଫ କରି ପଚରାଉଚରା କରୁଛି ଚନ୍ଦକା ପୋଲିସ୍ ।

### ଦେଶ ସ୍ତବ୍ଧ: ପ୍ରିୟଙ୍କା

ନୂଆଦିଲ୍ଲୀ, ୨୦।୯: ଭରତପୁର ମାମଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି ଭଦ୍ରା, ଏକ୍ସରେ ସେ ଲେଖିଛନ୍ତି, ଓଡ଼ିଶାରେ ପୋଲିସର ସାହାଯ୍ୟ ମାଗିବାକୁ ଯାଇଥିବା ଜଣେ ସେନା ଅଧିକାରୀ ଓ ତାଙ୍କ ଭାବୀ ପତ୍ନୀଙ୍କୁ ପୋଲିସ କରିଥିବା ଅତ୍ୟାଚାର ଏବଂ ଯୌନ ନିର୍ଯାତନା ଯୋଗୁଁ ଦେଶ ସ୍ତବ୍ଧ ହୋଇଯାଇଛି। ଅଯୋଧ୍ୟାରେ ଗଣବଳାତ୍କାର ପୀଡ଼ିତା ଦଳିତ ଝିଅ ପ୍ରତି ପୋଲିସ ଅନ୍ୟାୟ କରିଥିଲା। ଦେଶରେ ବିଜେପି ସରକାର ପୋଲିସକୁ ରକ୍ଷକ ବଦଳରେ ଭକ୍ଷକରେ ପରିଣତ କରିବାର ନୀତି ଉପରେ କାର୍ଯ୍ୟ କରୁଛନ୍ତି। ଏଭଳି ପରିସ୍ଥିତିରେ ଦେଶର ମହିଳାମାନେ ସୁରକ୍ଷା ଏବଂ ନ୍ୟାୟ ପାଇଁ କ'ଣ କରିବା ଉଚିତ୍, ସେମାନେ କେଉଁଠାକୁ ଯିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତ ମଧ୍ୟ ଘଟଣାକୁ ନିନ୍ଦା କରିବା ସହିତ ପୀଡ଼ିତମାନଙ୍କୁ ନ୍ୟାୟ ମିଳୁ ବୋଲି ଦାବି କରିଛନ୍ତି।

### ପଣ୍ଡା ସାହେବ...

ନେଇ ଥାନାକୁ ଯାଇଥିଲେ। ଜଣେ ଅଭିଯୋଗକାରିଣୀଙ୍କ ପ୍ରତି ସଂଭ୍ରମତା ବୋଧ ହୁଏ ପୋଲିସ୍ ଭୁଲି ଯାଇଥିଲା। ଅନ୍ତତଃ କେସ ଡ଼ାଏରୀଟିଏ କରି, ଏବେ ଯେମିତି ଧରିଲେ, ସେମିତି ଧରିଥିଲେ, ଆଜି ରାଜ୍ୟ ନିନ୍ଦିତ ହୋଇନଥାନ୍ତା ।

ଏ ପ୍ରଶ୍ନ ସାଧାରଣରେ ଉଠିବା ସ୍ୱାଭାବିକ। ଇନ୍ସପେକ୍ଟର ସକାଳୁ ଆସିଲେ, ସେତେବେଳକୁ ଏସଆଇ ଓ କନେଷ୍ଟବଳଙ୍କ ଅତ୍ୟାଚାରର ସୀମା ଟପି ସାରିଥିଲା। ଇନ୍ସପେକ୍ଟର ମିଶ୍ର ଘାଆରେ ମଲମ ଦେବେ କଣ ଅଭିଯୋଗକାରିଣୀଙ୍କୁ ନିର୍ବସ୍ତ୍ର କଲେ। ସେତିକରେ ମନ ଶାନ୍ତି ହେଲା ନାହିଁ, ନିଜ ଚେନ ବି ଖୋଲିଦେଲେ।

ବାଡ଼ କ୍ଷେତ ଖାଇଗଲା। ସୁଶାସନ ପାଇଁ ସମ୍ବିଧାନ ଛୁଇଁ ପଣ କରିଥିବା ଅଫିସର ଦୁଃଶାସନ ହୋଇ ଦ୍ରୌପଦୀଙ୍କ ଚିର ହରଣ କଲେ। ନୀଳ ବର୍ଣ୍ଣ ଶୃଗାଳର ରଙ୍ଗ ଉତୁରିଗଲା। ବର୍ଦ୍ଦି ଭିତରୁ ଜଣେ ଧର୍ଷକ ବାହାରି ଆସିଲା। ପାକିସ୍ତାନରେ ସେନା ସହ ବ୍ୟବହାର ପାଇଁ ଜଣେ ପୋଲିସ ଯେଉଁ ସାହସ କରିପାରେନି, ତାହା ଭରତପୁର ଥାନାରେ ହୋଇଗଲା।

ଆଦର୍ଶ ଥାନା ପ୍ରତିଷ୍ଠା ବେଳକୁ ମୂଳ ସେବା ଥିଲା ସିସିଟିଭି। ସେ ସିସିଟିଭି କିଏ ନେଲା, ତା ତଦନ୍ତ ହେବ କି? ମାଡ଼ି ଭାଙ୍ଗିଥିବା ଅଙ୍କିତାଙ୍କୁ କେଉଁ ଡାକ୍ତର ସୁସ୍ଥ ଦର୍ଶାଇ କୋର୍ଟ ଫରୱାର୍ଡ କଲେ, ତାର ତଦନ୍ତ ହେବ କି? ଅଭିଯୋଗକାରିଣୀଙ୍କ ଥାନା ଭିତର ଭିଡିଓ ଭର୍ତ୍ତିପୁର ପୋଲିସ ହିଁ ଦେଇଛି। ଆଉ ସେ ଭିଡ଼ିଓରେ ପୋଲିସ ବି ଧରା ପଡିଛି। କାରଣ ସେତେବେଳେ ଅଙ୍କିତାଙ୍କ ଚୁନି ଓ ଜାକେଟ ପୋଲିସ ନେଇଯାଇଛି। ଚୁନି ନେଇ ତାଙ୍କ ଛାତି ଅଧା ମୁକୁଳା କରିଦେଇଛି ପୋଲିସ। ଆଉ ସେ ଚୁନିରେ ହାଜତ ଭିତରେ ତାଙ୍କ ଗୋଡ଼ ବାନ୍ଧିଛି ଓ ଜାକେଟର ହାତରେ ପଛ ଆଡ଼କୁ କରି ତାଙ୍କ ହାତ ବାନ୍ଧିଛି।

ଶେଷରେ ସାଲବାର ଓ ପ୍ୟାଣ୍ଟ ଖୋଲିଛି। ପୋଲିସ ମିଡ଼ିଆକୁ ଦେଇ ଥିବା ଭିଡ଼ିଓରେ ଦେଖାଯାଉଛି ଯେ ଅଙ୍କିତା ବି ମୋବାଇଲରେ ସୁଟ କରୁଛନ୍ତି। ତେବେ ଅଙ୍କିତାଙ୍କ ମୋବାଇଲ ଭିଡିଓ ଗଲା କୁଆଡେ? ତା ଉତ୍ତର ବି ସରଳ। ମହିଳାଙ୍କୁ ବାନ୍ଧିକି ଯିଏ ନିର୍ବସ୍ତ୍ର କରୁଛି, ସେହିଁ ମୋବାଇଲରୁ ଭିଡିଓ ଡିଲିଟ କରିଛି। ପୋଲିସ ଭାବିଥିଲା, ଏ ଭିଡିଓ ଡିଲିଟ କରି ଅଙ୍କିତାଙ୍କ ଶେଷ ସୁରକ୍ଷାକୁ ସେ ଭାଙ୍ଗିଦେଲେ। କିନ୍ତୁ ପୋଲିସ ଭୁଲିଗଲା ଯେ ଦ୍ରୌପଦୀ ଯେତେବେଳେ ଦୁଇ ହାତ ଟେକି କୃଷ୍ଣଙ୍କୁ 'ଗୋବିନ୍ଦ ରଖ' ବୋଲି ଡାକିଥିଲେ, ସେତେବେଳେ ଗୋବିନ୍ଦ ଆସିଥିଲେ।

ଅଙ୍କିତାଙ୍କ ଡାକ ସେନାମୁଖ୍ୟ ଶୁଣିବା ପରେ ପୋଲିସର ଅକଲ ଗୁଡୁମ ହୋଇଯାଇଛି। ଆଉ ଏକଥା ନିଃସନ୍ଦେହ ଯେ ଗୋଟିଏ ଥାନା, ଗୋଟିଏ ରାଜ୍ୟକୁ ବଦନାମ କରି ଦେଇଛି। ପୋଲିସର ଚରିତ୍ର ଉପରେ ପ୍ରଶ୍ନ ଚିହ୍ନ ଟାଣିଦେଇଛି। ଏ ସତ୍ୟତାକୁ ଯିଏ ସ୍ୱୀକାର ନକରିବ, ଲୋକ ତାକୁ ବାଇଆ କହିବେ।

### ମହିଳା ନିର୍ଯାତନାକୁ...

ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ମିଳିବା ମାତ୍ରେ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ। ମହିଳା ହିଂସା ବିରୁଦ୍ଧରେ ସରକାର ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି। ମହିଳା ନିର୍ଯାତନାକୁ କୌଣସି ପ୍ରକାରେ ବରଦାସ୍ତ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭରତପୁର ଥାନା ଘଟଣାକୁ ନେଇ ଓଡ଼ିଶା ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ। ଏକ୍ସରେ ଏକ ପୋଷ୍ଟ କରି ନିଜ ପ୍ରତିକ୍ରିୟା ରଖିଛନ୍ତି ପ୍ରିୟଙ୍କା। ଓଡ଼ିଶାରେ ଜଣେ ସେନା ମେଜର ଓ ବାନ୍ଧବୀଙ୍କ ପ୍ରତି ଯାହା ହୋଇଛି ସେଥିରେ ପୂରା ଦେଶ ସ୍ତବ୍ଧ। ସହାୟତା ମାଗିବାକୁ ଯାଇଥିବା ବାନ୍ଧବୀଙ୍କୁ ଯୌନ ନିର୍ଯାତନା ଦିଆଯାଇଛି।

### ନବୀନଙ୍କୁ...

କରୁଛନ୍ତି । ଜାତୀୟ ମହିଳା କମିଶନ ଏହି ମାମଲାରେ ହସ୍ତକ୍ଷେପ କରି ପୁଲିସ୍ ଡିଜିଙ୍କୁ ସମନ କରିଛି ଏବଂ ରାଜ୍ୟ ମହିଳା କମିଶନ ମଧ୍ୟ ନିଜଆଡୁ ତଦନ୍ତ ଆରମ୍ଭ କରିଛନ୍ତି । ଏହି ମାମଲାଟି ବି ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ପହଞ୍ଚିଛି। ଏତେ ସବୁ ଘଟଣା ପରେ ନବୀନ ହଠାତ୍ ଗଣମାଧ୍ୟମକୁ ଆସି ନ୍ୟାୟିକ ତଦନ୍ତ ଦାବି କରିବାକୁ ଅନେକ ସହଜରେ ଗ୍ରହଣ କରିପାରୁନାହାନ୍ତି। ନବୀନଙ୍କୁ ଆଗରେ ରଖି ଏହି ଘଟଣାରୁ ବିଜେଡି ଫାଇଦା ଉଠାଇବା ପାଇଁ ଯେଉଁ ପ୍ଲଟ ତିଆରି ହୋଇଥିଲା ତାହା ଏବେ ବୁମେରାଂ ହେବାକୁ ଯାଉଛିୟ। ଏହି ପ୍ଲଟ ପ୍ରସ୍ତୁତ ପଛରେ ଥିବା ଭଣ୍ଡ ସନ୍ୟାସୀଙ୍କର ମାଷ୍ଟରମାଇଣ୍ଡ ଦଳ ପାଇଁ ଆଗାମୀ ଦିନରେ ମାଷ୍ଟର ଷ୍ଟ୍ରୋକ୍ ହେବ ବୋଲି ଚର୍ଚ୍ଚା ହେଉଛି।

### ଭିଜିଲାନ୍ସ...

ରାଓଙ୍କ ଶାଳକ ବ୍ରହ୍ମପୁର ଜେଲରେ ଡାକ୍ତର ଅଛନ୍ତି। ଏତେ ପରିମାଣରେ ନଗଦ ଅର୍ଥ କେଉଁଠାରୁ ଆସିଲା, ସେ ନେଇ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଜାରି ରହିଛି। ଏସ୍‌ବିଆଇର ବ୍ରହ୍ମପୁର ଶାଖାରେ ଶ୍ରୀ ରାଓଙ୍କ ପତ୍ନୀଙ୍କ ନାମରେ ଏକ ଲକର ଅଛି। ଭିଜିଲାନ୍ସ ପକ୍ଷରୁ ଏଯାଏଁ ଉକ୍ତ ଲକରକୁ ଖୋଲା ଯାଇନି। ତାଙ୍କର ଅନ୍ୟାନ୍ୟ ଜମା, ନିବେଶ ଓ ସଂପତ୍ତି ନେଇ ଭିଜିଲାନ୍ସର ଖୋଳତାଡ଼ ଜାରି ରହିଛି। ୧୧ ଡିଏସ୍‌ପି, ୭ ଇନ୍ସପେକ୍ଟର, ୧୧ ଏଏସ୍‌ଆଇ ଓ ଅନ୍ୟାନ୍ୟ ସପୋର୍ଟ ଷ୍ଟାଫ୍‌ଙ୍କୁ ନେଇ ଭିଜିଲାନ୍ସ ପକ୍ଷରୁ ଆଜି ମୁଖ୍ୟଯନ୍ତ୍ରୀ ଶ୍ରୀ ରାଓଙ୍କର ୧୧ଟି ଠିକଣାରେ ଚଢ଼ାଉ କରାଯାଉଥିଲା।

### ବରିଷ୍ଠ ବିଜେଡି...

ପରେ ଏହି ସନ୍ଦେହ ଅଧିକ ଦୃଢ଼ ହୋଇଛି । ତେବେ ବିଜେଡିର ଏହି ନେତା ଜଣଙ୍କ କ'ଣ ପାଇଁ କଂଗ୍ରେସ ନେତାଙ୍କ ସହିତ ଗୁପ୍ତ ମନ୍ତ୍ରଣାରେ ମାତିଛନ୍ତି ତାହା ଉପରେ ବିଜେପି ନଜର ରଖିବା ଆବଶ୍ୟକ। କାରଣ ବିଜେପି ୭୮ଟି ଆସନରେ ଜିଣି ସରକାର ଗଠନ କରିଥିବାବେଳେ ୫୧ଟି ଆସନ ପାଇଥିବା ବିଜେଡି ୧୪ଟି ଆସନରେ ଜିଣିଥିବା କଂଗ୍ରେସ ସହିତ ଗୁପ୍ତ ବୈଠକରେ ମାତିଛି । ସ୍ୱାଧୀନ ତିନି ବିଧାୟକ ବିଜେପି ସହିତ ଥିଲେ ବି ବିଜେଡି ନେତାଙ୍କ ଏହି ଅନ୍ଧାରୀ ବିଜେକୁ ବିଜେପି ଗୁରୁତ୍ୱର ସହ ନେଇ ତାହା ଉପରେ ନଜର ରଖିବା ଜରୁରୀ ବୋଲି ମତପ୍ରକାଶ ପାଉଛି ।

### କନ୍ଧମାଳ...

ବନ୍ଦ କରିପାରିଥାନ୍ତେ। ତାଙ୍କ ସମୟରେ ପରୀ ଓ ବେବିନାଙ୍କୁ ନ୍ୟାୟ ମିଳି ନ ଥିଲା। ଶହଶହ ମହିଳା ନିର୍ଯାତିତା ହୋଇଛନ୍ତି। ଏପରିକି ବିଜେଡି ନେତାମାନଙ୍କ ନାଁରେ ବି ଅଭିଯୋଗ ଆସିଥିଲା, ହେଲେ କାର୍ଯ୍ୟାନୁଷ୍ଠାନ ଶୂନ। ସେ କେବଳ ଆଦର୍ଶ ଥାନା ପ୍ରତିଷ୍ଠା କରିଥିଲେ, ହେଲେ ଆମେ ଆଦର୍ଶ ପୁଲିସ ଅଧିକାରୀ ତିଆରି ଲାଗି ପ୍ରୟାସ କରିବୁ। ନବୀନ ନିଜେ ରାଜଧର୍ମ ପାଳନ କଲେନି, ଏବେ ଶହେ ଦିନର ସରକାରକୁ ପାଠ ପଢ଼ାଉଛନ୍ତି ବୋଲି ସେ କହିଛନ୍ତି।

### ମିଶନ ଶକ୍ତିଙ୍କ...

ସେଣ୍ଟରଟି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ନିମନ୍ତେ ମିଶନ ଶକ୍ତି ବିଭାଗ ଅଧୀନରେ ପରିଚାଳିତ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ, ନୂତନ ପଦକ୍ଷେପ ଇତ୍ୟାଦି ସମ୍ବନ୍ଧରେ ତଥ୍ୟ ଯୋଗାଇବ। ଏହି କଲ୍ ସେଣ୍ଟର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କ ମହାସଂଘମାନଙ୍କ ପ୍ରଶ୍ନ କିମ୍ବା ଅଭିଯୋଗର ସମାଧାନରେ ସହାୟକ ହେବ ।ଏହାର ଟୋଲ୍ ଫ୍ରୀ ନମ୍ବର (୧୫୫୨୭୬) ଦିବା ୧୦.୦୦ ଘଟିକା ଠାରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ କାର୍ଯ୍ୟକ୍ଷମ ରହିବ । ମିଶନ ଶକ୍ତି ବିଭାଗର ୧୦୦ ଦିନର ସଫଳତା ଅନ୍ତର୍ଗତ ମିଶନ ଶକ୍ତି ସଦସ୍ୟାଙ୍କୁ ୧୭୫ କୋଟି ଟଙ୍କାର ସୁଧ ଫେରସ୍ତ, ୫୩୦ କୋଟି ଟଙ୍କାର ସରକାରୀ ବ୍ୟବସାୟ, ୨.୨ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ୟ, ୭୫୦ ଉତ୍ପାଦକ ଗୋଷ୍ଠୀ ସୃଷ୍ଟି, ୧୦୦ଟି ମିଶନ ଶକ୍ତି ରିଟେଲ ମାର୍ଟ ପ୍ରତିଷ୍ଠା କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୨୩୪୦ କୋଟି ଟଙ୍କାର ବ୍ୟାଙ୍କ ଋଣ ଯୋଗାଇଦେବାର ସଫଳତାର ଲକ୍ଷ୍ୟ ପୂରଣ କରିଥିବାରୁ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ବିଭାଗର ପ୍ରୟାସ ଓ ସଂକଳ୍ପକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ ସମେତ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ, ଓଡିଶା ଜୀବିକା ମିଶନର ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିବାହୀ ଅଧିକାରୀ, ଶ୍ରୀ ଭିନୀତ ଭରଦ୍ୱାଜ, ଅତିରିକ୍ତ ସଚିବ ଶ୍ରୀମତୀ ସୁମିତ୍ରା ପଟ୍ଟନାୟକ ବିଭାଗର ସମସ୍ତ ଅଧିକାରୀ ତଥା 'ଇଡିକୋ'ର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।

### ପୂଜା ପୂର୍ବରୁ...

ଗଣୁଛନ୍ତି । ଏମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର, ସଜ୍ଜନ ଶର୍ମା, ନୟନ କିଶୋର ମହାନ୍ତି, ସମୀର ଦେଙ୍କ ଭଳି ବରିଷ୍ଠ ନେତା ରହିଛନ୍ତି । ତାଲିକାରେ ନିର୍ବାଚନ ହାରି ଯାଇଥିବା ଦିଲ୍ଲୀପ ରାୟ, କୁସୁମ ଟେଟେଙ୍କ ଭଳି ନେତା ଅଛନ୍ତି । ଏହାବାଦ୍ ବିଜେଡିରୁ ବିଜେପି ଆସିଥିବା ସମୀର ଦାସଙ୍କ ଭଳି କିଛି ନେତା ବି ଥଇଥାନ ଅପେକ୍ଷାରେ ରହିଛନ୍ତି। ସରକାରୀ ପଦ ପଦବୀ ପାଇବାପାଇଁ ଏମାନେ ବ୍ୟସ୍ତ ହେଉଥିଲେ ମଧ୍ୟ ଯେହେତୁ ରାଜ୍ୟ ବିଜେପି ସଭାପତିଙ୍କୁ କିଛି ପଦ ପଦବୀ ବର୍ତ୍ତମାନ ସୁଦ୍ଧା ଦିଆଯାଇନାହିଁ, ତେଣୁ ଏମାନେ ବି ମୁହଁଖୋଲି କିଛି କହିପାରୁ ନାହାନ୍ତି। ଏହା ଏବେ ରାଜ୍ୟ ବିଜେପି ପାଇଁ ଏକ ପ୍ରକାର ଆର୍ଶୀବାଦ ପାଲଟିଛି । ତେବେ ଦଳୀୟ ନେତା ଓ କର୍ମୀମାନଙ୍କୁ ମୋହନ ସରକାର ପୂଜା ଭେଟି ଦେବାପାଇଁ ପ୍ରସ୍ତୁତି ଚଳାଇବାର ସୂଚନା ପାଇବାପରେ କିଛି ଆଶାୟୀଙ୍କ ମୁହଁ ଉଜ୍ଜ୍ୱଳ ହେବାରେ ଲାଗିଛି ।

# ସୁଭଦ୍ରା ଫର୍ମ ଭରିବାକୁ ଆସି ମହିଳା ମୃତ

**ରାଇଘର, ୨୦।୯ (ସଂଚାର ବ୍ୟୁରୋ) :** ଅନଲାଇନ୍‌ରେ ସୁଭଦ୍ରା ଯୋଜନା ଫର୍ମ ଦାଖଲ କରିବାକୁ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତା ହେଲେ ରାଇଘର ଥାନା ଟିମନପୁର ପଞ୍ଚାୟତ ଶୋଭାପାରା ଗାଁର ପଦବାଇ ମାଝୀ (୩୦) । ଏନେଇ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ମୃତାଙ୍କ ସ୍ୱାମୀ ଅମରସିଂଙ୍କ ଏତଲା ଅନୁଯାୟୀ ବୁଧବାର ଉଭୟ ସ୍ୱାମୀସ୍ତ୍ରୀ ରାଇଘର ସହରକୁ ସୁଭଦ୍ରା ଯୋଜନାର ଅନଲାଇନ୍ ଫର୍ମ ଦାଖଲ କରିବାକୁ ଯାଇଥିଲେ। ଗହଳି ଅତ୍ୟଧିକ ଥିବାରୁ ସେମାନେ ସକାଳ ୧୦ଟାରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। କାମ ସରିବା ପରେ ସନ୍ଧ୍ୟାରେ ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ପଦବାଇଙ୍କ ଦେହ ଅସୁସ୍ଥ ହୋଇପଡ଼ିଥିଲା। ତାଙ୍କ ମୁଣ୍ଡ ବୁଲାଉଥିବାରୁ ଜଲ୍‌ଦି ଖାଇ ଦେଇ ଶୋଇ ଯାଇଥିଲେ। ଆଜି ସକାଳୁ ପଦବାଇ ଉଠିବା ପରେ ଭଲ ଲାଗୁ ନଥିବା କହି ପୁଣି ଶୋଇଯାଇଥିଲେ । ପୂର୍ବାହ୍ନ ୧୦ଟାରେ ପଦବାଇ ବାନ୍ତି କରିବା ସହ ଠିକରେ ଆଉ କଥାବାର୍ତ୍ତା କରିପାରି ନଥିଲେ। ପରିବାର ଲୋକେ ତୁରନ୍ତ ମୁଁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ରାଇଘର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ସାଢେ ୩ଟାରେ ତାଙ୍କ ମୃତ୍ୟୁ ଘଟିଥିଲା। ପତ୍ନୀଙ୍କ ମୃତ୍ୟୁକୁ ନେଇ ଅମରସିଂ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଏନେଇ ସେ ଥାନାରେ ଏତଲା ଦେଇଛନ୍ତି । ସୁଭଦ୍ରା ଯୋଜନା ଲାଗି ତାଙ୍କ ସ୍ତ୍ରୀ ନଖାଇ ନପିଇ ଭୋକରେ ରହିବାରୁ ଦେହ ଖରାପ ହେଲା ଓ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଏତଲାରେ ଦର୍ଶାଇଛନ୍ତି।

# ପାନୀୟ ଜଳ ପାଇଁ ଗ୍ରାମବାସୀ ହନ୍ତସନ୍ତ

**କଳାହାଣ୍ଡି, ୨୦।୯ (ସଂଚାର ବ୍ୟୁରୋ):** ନର୍ଲା ବ୍ଲକ୍ ଅନ୍ତର୍ଗତ ଶେରଗଡ଼ ପଞ୍ଚାୟତର ଉଫେର୍ ଗାଁରେ ପାନୀୟ ଜଳ ସଙ୍କଟ ଦେଖା ଦେଇଛି। ଏହି ଗାଁରେ ୧୦୦୦ ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ମାତ୍ର ଦୁଇଟି ନଳକୂପ ଥିବାରୁ ଲୋକେ ପାନୀୟ ଜଳ ପାଇଁ ବହୁତ ଅସୁବିଧା ଭୋଗୁଥିଲେ। ସେଥି ପାଇଁ ତତ୍କାଳୀନ ସରକାର ଦୁଇ ବର୍ଷ ତଳେ ବସୁଧା ଯୋଜନା ମାଧ୍ୟମରେ ଟାଙ୍କି ନିର୍ମାଣ କରି ଗାଁ ଲୋକଙ୍କୁ ପିଇବା ପାଣି ଯୋଗାଇ ଆସୁଥିଲେ। ହେଲେ ପୂର୍ବରୁ ନିମ୍ନମାନର କାମ ହୋଇଥିବା ଯୋଗୁଁ ମଝିରେ ମଝିରେ ମାଟି ତଳେ ପୋତା ଯାଇଥିବା ପାଇପ୍ ଫାଟି ଯିବା ଫଳରେ



ଗାଁ ଲୋକଙ୍କୁ ପାନୀୟ ଜଳ ପହଞ୍ଚି ପାରୁ ନ ଥିଲା। ସେଥିପାଇଁ ଉକ୍ତ ପାଇପ୍ ଲାଇନକୁ ମରାମତି ପାଇଁ ଜଗଦୀଶ ପ୍ରଧାନ ନାମକ ନବରଙ୍ଗପୁରର ଏକ ଠିକାଦାର ଉକ୍ତ କାମର ଟେଣ୍ଡର ନେଇଥିଲେ। କାମ ଆରମ୍ଭ କରି ପାଖାପାଖି ବର୍ଷେ ବିତି ଯାଇଥିଲେ ମଧ୍ୟ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଆଜି ଯାଏଁ କାମ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ ।

ଏହି ପାନୀୟ ଜଳ ସମସ୍ୟାକୁ ନେଇ ଗାଁର ସରପଞ୍ଚଙ୍କ ଠାରୁ ବ୍ଲକ୍ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଲିଖିତ ଭାବରେ ଜଣେଇ ଥିଲେ ମଧ୍ୟ ଆଜି ଯାଏ ଉକ୍ତ ସମସ୍ୟାର ସମାଧାନ ହୋଇ ପାରୁ ନ ଥିବାରୁ ପମ୍ପ ହାଉସରେ ତାଲା ପକାଇଛନ୍ତି ଗ୍ରାମବାସୀ। ସେପଟେ ସରପଞ୍ଚଙ୍କୁ ପଚାରିବାରୁ ଆମ ଅଧୀନରେ କିଛି ବି ନାହିଁ। ବ୍ଲକ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ହାତରେ ସବୁ ଅଛି ବୋଲି ପ୍ରତିକ୍ରିୟା ରଖିଛନ୍ତି। ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ଗାଁର ପାନୀୟ ଜଳର ସମସ୍ୟା ଦୂର କରିବାକୁ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି ଗ୍ରାମବାସୀ।

## ହାତୀ ମୃତ୍ୟୁ ମାମଲାରେ ଅନ୍ୟ ଜଣେ ଗିରଫ

**ବୈଶିଙ୍ଗା, ୨୦।୯ (ସଂଚାର ବ୍ୟୁରୋ):** ବେତନଟୀ ରେଞ୍ଜ ଅଧୀନ ସଇତପୁର ପଞ୍ଚାୟତର ଜାମଶୂଳୀ ଗ୍ରାମରେ ଗୁରୁବାର ଭୋର ସମୟରେ ବିଦ୍ୟୁତ ଆଘାତରେ ପନ୍ଦର ବର୍ଷରୁ ଊର୍ଦ୍ଧ୍ୱ ମାଈ ହାତୀ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ବନ ବିଭାଗ ପକ୍ଷରୁ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଏଥିରେ ସଂପୃକ୍ତି ଥିବା ଅଭିଯୋଗରେ ଅନ୍ୟତମ ଅଭିଯୁକ୍ତ ଜାମଶୂଳୀ ଗ୍ରାମର ବାହାଦୂର ହେମ୍ବ୍ରମଙ୍କ ପୁଅ ଭାଗିରଥି ହେମ୍ବ୍ରମକୁ ବେତନଟୀ ରେଞ୍ଜ ଅଧିକାରୀ ମନଓ୍ୱର ଖାଁ, ବନପାଳ ପ୍ରଶାନ୍ତ ସିଂ ସାମନ୍ତ , ବଡାମପୁର ସେକ୍ସନ ବନପାଳ ଦୀପକ କୁମାର ପାତ୍ର ସଦଳବଳ ଚଢଉ କରି ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଭାଗିରଥିଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ଜଣାଯାଇଛି ।

### ବେସାହାରାଙ୍କ ସାହାରା ସାଜିଛି ବୁଢ଼ାରଜା ସ୍ୱେଚ୍ଛାସେବୀ ସଂଗଠନ

# ଅସହାୟ ଅଜଣା ବ୍ୟକ୍ତି ଉଦ୍ଧାର

**ସୁବର୍ଣ୍ଣପୁର, ୨୦।୯ (ସଂଚାର ବ୍ୟୁରୋ):** ଗତକାଲି ସୋନପୁର ରେଲୱେ ଷ୍ଟେସନ ପାଖରେ ବୁଲୁଥିବା ଜଣେ



ଅଜଣା ବ୍ୟକ୍ତିଙ୍କୁ ସ୍ୱେଚ୍ଛାସେବୀମାନେ ଉଦ୍ଧାର କରିଛନ୍ତି। ପରେ ତାକୁ ଥାନାକୁ ଆଣିବା ପରେ ବ୍ୟକ୍ତିଟି ଭିନ୍ନକ୍ଷମ ତଥା କଥାବାର୍ତ୍ତା କରିପାରୁ ନ ଥିବା ଜଣାପଡ଼ିଥିଲା। ପରେ ବୁଢ଼ାରଜା ସ୍ୱେଚ୍ଛାସେବୀ ସଂଗଠନ କୁ ଖବର ପହଞ୍ଚିଥିଲା। ସଂଗଠନର କାର୍ଯ୍ୟକର୍ତ୍ତା ଥାନାଧିକାରୀଙ୍କ ସହ କଥାବାର୍ତ୍ତା କରି ବ୍ୟକ୍ତିଙ୍କୁ ସ୍ଥାନୀୟ ବୁଢ଼ାରଜା ଛକ ଠାରେ ଥିବା ଆଶ୍ରମରେ ରଖିଥିବା ବେଳେ ଆଜି ତାଙ୍କ ବାଳ, ଦାଢି କାଟିବା ସହ ନୂଆ ବସ୍ତ୍ର ଦେଇ ତାଙ୍କର ଉପଯୁକ୍ତ ଯତ୍ନ ନେବା ସହ ଖାଇବାର ସୁବନ୍ଦୋବସ୍ତ କରିଛନ୍ତି। ତାଙ୍କର ଠିକଣା ଖୋଜା ଚାଲିଛି ଏବଂ ଯଦି କେହି ଜାଣି ପାରିବେ ତାହେଲେ ବୁଢ଼ାରଜା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ୯୪୩୮୩୫୦୨୫ ନମ୍ବରରେ ଯୋଗାଯୋଗ କରିବା ପାଇଁ ସଂଗଠନର ସଦସ୍ୟ ଅନୁରୋଧ କରିଛନ୍ତି। ଯଦି ଠିକଣା ନ ମିଳେ ତାହେଲେ ବୁଢ଼ାରଜା ପରିସର ଆଶ୍ରମରେ ବ୍ୟକ୍ତିଙ୍କୁ ରଖାଯିବା ନେଇ ସଂଗଠନର ସଭାପତି ଶିବ ଶଙ୍କର ନାଏକ ସୂଚନା ଦେଇଛନ୍ତି।

# କେନ୍ଦ୍ରୀୟ ସଂଚାର ବ୍ୟୁରୋ ପକ୍ଷରୁ ପୋଷଣ ମାସ କର୍ମଶାଳା

**କଳାହାଣ୍ଡି, ୨୦।୯ (ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ତ କେନ୍ଦ୍ରୀୟ ସଂଚାର ବ୍ୟୁରୋ ଭବାନୀପାଟଣା ତରଫରୁ 'ଜାତୀୟ ପୋଷଣ ମାସ ଓ ମାଆଙ୍କ ନାମରେ ଗୋଟିଏ ଗଛ ' ଶୀର୍ଷକ ଏକ ସଚେତନତା କର୍ମଶାଳା ଜୁନାଗଡ଼ ବ୍ଲକର ଚିଲିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଅଛି । କ୍ଷେତ୍ର ପ୍ରଚାର ଅଧିକାରୀ ଖଗେଶ ବାଇପାଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଜୁନାଗଡ଼ ବ୍ଲକ ଚ୍ୟାୟାରମେନ ଶ୍ରୀମତୀ ସବିତା ମେହେର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୁନାଗଡ଼ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶୈଳଜା ଦାସ, ସୁଧାଂଶୁ ଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାର୍ଲକୂଟର ଅଧ୍ୟକ୍ଷ ମାନସ ରଞ୍ଜନ ପଣ୍ଡା, ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶିଶୁରୋଗ ବିଭାଗ ଡାକ୍ତର ଭଗବାନ ପଣ୍ଡା, ଚିଲିଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଶୁଭମ ପ୍ରଧାନ, ସ୍ଥାନୀୟ ସରପଞ୍ଚ ତାରାଶଙ୍କର ରାୟଗୁରୁ, ସମିତି ସଭ୍ୟ ଖଲିଲ ନାଏକ, ସମାଜସେବୀ ସଂଜୀବ ଠାକୁର ଆଦି ସମ୍ମାନିତ ଅତିଥି ଓ ବକ୍ତା ହିସାବରେ ଯୋଗଦେଇଥିଲେ। ସଂଗଠକ ଅବିନାଶ ମୁଣ୍ଡ ସ୍ୱାଗତ ଭାଷଣ ଦେବା ସହ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।




ଦେଶରୁ କେମିତି କୁପୋଷଣ, ଛୋଟ ପିଲା, କିଶୋରୀ, ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମାଆମାନଙ୍କୁ ରକ୍ତହୀନତାରୁ ଦୂରେଇ ପାରିବା ଏବଂ ମାଆଙ୍କ ନାମରେ ଗଛଟିଏ ଲଗାଇ ଆମ ପରିବେଶକୁ କେମିତି ସୁରକ୍ଷିତ ରଖିବା ସେ ବିଷୟରେ ମୁଖ୍ୟ ଅତିଥି ତଥା ଅନ୍ୟତମ ଅତିଥିମାନେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହିଳା ମାନଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ଗାଁ ପରିକ୍ରମା କରିଥିଲା । ଏଥିରେ ମୁଖ୍ୟତଃ ଆଶା, ଅଙ୍ଗନୱାଡି କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ । ଅଂଶଗ୍ରହଣକାରୀ ମାନଙ୍କୁ ନେଇ କୁଇଜ, ରଙ୍ଗୋଲି, ମ୍ୟୁଜିକ ଚୌକି ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ କେନ୍ଦ୍ରୀୟ ସଂଚାର ବ୍ୟୁରୋ ପକ୍ଷରୁ ପୁରସ୍କୃତ କରାଯାଇଥିଲା ।

## ବିସିସି ବ୍ୟାଙ୍କର ସାଧାରଣ ସଭା

**ବ୍ରହ୍ମପୁର, ୨୦।୯ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କର ୭୮ତମ ବାର୍ଷିକ ସାଧାରଣ ସଭା ଓ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ସଭାପତି ଶିବରାମ ପାତ୍ର ଏଥିରେ ଅଧ୍ୟକ୍ଷତା କରିଥଲେ । ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭରତ ଚନ୍ଦ୍ର ସାହୁ ଏହାକୁ ସଂଯୋଜନା କରିଥିବାବେଳେ ନିର୍ଦ୍ଦେଶକ ପ୍ରମୁଖ ମଞ୍ଚାସିନ ଥିଲେ । ୨୩-୨୪ ବର୍ଷର ସମୀକ୍ଷା ବିବରଣୀ ପଠନ, ଅନୁମୋଦନ, ଅତିରିକ୍ତ ବଜେଟ୍, ଲାଭାଂଶ ବଣ୍ଟନ ଦିଗରେ ପଠନ ହୋଇଥିଲା । କାର୍ଯ୍ୟସୂଚୀର ପୂର୍ବ ଅଧିବେଶନର ବିବରଣୀ ପଠନ ଓ ଦୃଢ଼ୀକରଣ ନ ହୋଇ ୨ୟ ନଂ ପଠନ ହେବା ଯୋଗୁଁ ହଟ୍ଟଗୋଳ ଦେଖାଦେଇଥିଲା । ପାଣ୍ଡିଆଝୋଲି ସେବା ସମବାୟ ସମିତି ସଭାପତି ବୃନ୍ଦାବନ ଖଟାଇ ପ୍ରଶ୍ନ ଉଠାଇଥିଲେ। ପରେ ପୁଣି କାର୍ଯ୍ୟସୂଚୀ ର ୧ନଂ ପଠନ ହୋଇଥିଲା । ନାବାର୍ଡ ଗଞ୍ଜାମ ଗଜପତି ର ଡିଡିଏମ ସଂଜିବ କୁମାର ମିଶ୍ର ଓ ପ୍ରତୀକ ପଣ୍ଡା ଯୋଗ ଦେଇଥିଲେ । ବ୍ୟାଙ୍କର ୨୩-୨୪ ଆର୍ଥିକ ବର୍ଷରେ ନିଟ ଲାଭ ୪ କୋଟି ୭୮ଲକ୍ଷ ୯୧ ହଜାର ଟଙ୍କା । ଋଣ ଆଦାୟ ୫୧୮କୋଟି ୧୮ଲକ୍ଷ ୫ ହଜାର ଟଙ୍କା। ଋଣ ଲଗାଣ ୫୮୯ କୋଟି ୨୦ ଲକ୍ଷ ୩୯ହଜାର ଟଙ୍କା। ଚାଷୀମାନଙ୍କୁ ଖରିଫ, ରବି ଫସଲ ଋଣ, ଟ୍ରାକ୍ଟର, ପାଣିପମ୍ପ, ଓ ଅନ୍ୟାନ୍ୟ କୃଷି ଉପକରଣ ସହ ଗାଈ, ମଇଁଷି, ଛେଳି, କୁକୁଡ଼ା, ମାଛ ଚାଷ ନେଇ ଋଣ ଯୋଗାଇ ଦିଆଯାଉଛି । ନୂତନ ବାସଗୃହ, ମରାମତି ସମେତ ଅନ୍ୟାନ୍ୟ ଦିଗରେ ଋଣ ଯୋଗାଇ ଦିଆଯାଉଥିବା କୁହାଯାଉଛି। ଶେଷରେ ସଭାପତି ଶ୍ରୀ ପାତ୍ର ଧନ୍ୟବାଦ୍ ରଖିଥିଲେ।

# ରୁପ୍ସା-ବାରିପଦା-ବାଙ୍ଗିରିପୋଷି ରେଳପଥ ଦୋହରୀକରଣ ପ୍ରସ୍ତାବ ଅନୁମୋଦନକୁ ସ୍ୱାଗତ

**ବେତନଟୀ, ୨୦।୯ (ସଂଚାର ବ୍ୟୁରୋ):** ୧୯୦୫ ମସିହାରେ ମୟୂରଭଞ୍ଜର ରାଜଶାସନ ସମୟରେ ନିର୍ମିତ ନେରୋଗ୍ୟାଜ ରେଳ ପଥ ରୁପ୍ସା-ବାଙ୍ଗିରିପୋଷି ପରବର୍ତ୍ତୀ ସମୟରେ ଏହାର ପ୍ରଶସ୍ତିକରଣ ହୋଇ ୨୦୦୬-୦୭ରୁ କାର୍ଯ୍ୟକ୍ଷମ ହୋଇଛି। ଏହି ୮୯ କିମି ରେଳ ରାସ୍ତାର ବିଦ୍ୟୁତକରଣ ହୋଇ ସାରିଥିବାବେଳେ ଖଣ୍ଡିଏ ମାତ୍ର ଏକ୍ସପ୍ରେସ ଟ୍ରେନ ଭୁବନେଶ୍ୱରକୁ ଦୈନିକ ଏବଂ ସପ୍ତାହରେ ତିନିଦିନ ପାଇଁ ସାଲିମାର, ଦୁଇଦିନ ପାଇଁ ପୁରୀ ଚଳାଚଳ କରୁଥିବା ବ୍ୟତୀତ ଅନ୍ୟ ଦୂରଗାମୀ ଟ୍ରେନ ଏହି ରେଳ ରୁଟରେ ଦୀର୍ଘ ୧୭ ବର୍ଷ ମଧ୍ୟରେ ଦକ୍ଷିଣପୂର୍ବ ରେଳବାଇର ବୈମାତୃକ ମନୋଭାବ ପାଇଁ ଚଳାଚଳ କରିପାରିନାହିଁ। ସେଥି ମଧ୍ୟରୁ କେବଳ ବେତନଟୀ ଷ୍ଟେସନର ଅମୃତ ଭାରତ ଯୋଜନାରେ ୮.୫ କୋଟି ଟଙ୍କା ବ୍ୟୟରେ ଉନ୍ନତିକରଣ କାର୍ଯ୍ୟ ଚାଲୁ ରହିଛି। ଏହି ରେଳ ଟ୍ରାକଟି ଦକ୍ଷିଣପୂର୍ବ ରେଳବାଇର ରୁପ୍ସା ଠାରୁ ବାଙ୍ଗିରିପୋଷିକୁ ସଂଯୋଗ ରହିଥିଲେ ମଧ୍ୟ ଏହିଠାରେ ଅଟକି ରହିଥିବା ହେତୁ ଜାମସେଦପୁରର ଟାଟା ସହିତ ସଂଯୋଗ କରାଯିବା ପାଇଁ ଦାବି ସତ୍ତ୍ୱେ ବାଙ୍ଗିରିପୋଷିରୁ ଆଗକୁ ଆଗେଇ ପାରିନାହିଁ। ଏହା ରାଇରଙ୍ଗପୁର ସହିତ ସଂଯୋଗ ହୋଇପାରିଲେ ଟାଟାନଗର ଓ ଦିଲ୍ଲୀକୁ ରେଳ ସଂଯୋଗ ହେବା ସହିତ ୧୫୦କିମି ଦୂରତ୍ୱ ମଧ୍ୟ ହ୍ରାସ ପାଇ ପାରିବ ଏବଂ ଖଡ଼ଗପୁର ଡିଭିଜନର ଟ୍ରାଫିକ ଜାମ କମିବା ସହିତ ଭାରତର ଯେକୌଣସି ବଡ ସହରକୁ ଅଧିକ ଟ୍ରେନ ସଂଯୋଗର ସହାୟକ ହୋଇପାରିବ। ମାତ୍ର କେନ୍ଦ୍ରସରକାରଙ୍କ ରେଳ ମନ୍ତ୍ରଣାଳୟର ଅବହେଳାରୁ ସ୍ୱାଧୀନତାର ୭୮ ବର୍ଷ ଅବଧି ମଧ୍ୟରେ ଏହି ଜିଲ୍ଲାରୁ ନିର୍ବାଚିତ ସାଂସଦମାନେ ଅସମର୍ଥ ହୋଇଥିବା ହେତୁ ଏହି ଆଦିବାସୀ ବହୁଳ ତଥା ଅନୁନ୍ନତ ମୟୂରଭଞ୍ଜ ଜିଲ୍ଲାର ରେଳବାଇ ମାନଚିତ୍ରରେ ଗୁରୁତ୍ୱ ହାସଲ କରିପାରିନାହିଁ। ତେବେ ବିଜେପି ସରକାର ଓଡିଶାରେ ଆସିବାପରେ କେନ୍ଦ୍ର ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରୁପ୍ସା, ବେତନଟୀ, ବାରିପଦାର ବାଙ୍ଗିରିପୋଷି ରେଳ ରୁଟର ଦୋହରୀକରଣ ପାଇଁ ମଂଜୁରୀ ପ୍ରଦାନ କରିଥିବା ଏବଂ ସର୍ଭେପାଇଁ ୧.୭୮ଲକ୍ଷ ଟଙ୍କା ମଧ୍ୟ ମଞ୍ଜୁରୀ ପ୍ରଦାନ କରିଥିବା ଯୋଗୁଁ ଜିଲ୍ଲାବାସୀଙ୍କ ପକ୍ଷରୁ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ରେଳ ରୁଟ ର ଦୋହରିକରଣ ସହିତ ରୁପ୍ସାରୁ ବାଙ୍ଗିରିପୋଷି ମଧ୍ୟରେ ସମସ୍ତ ଷ୍ଟେସନର ଉନ୍ନତିକରଣ ତଥା ଦିଲ୍ଲୀ, ବାଙ୍ଗାଲୋର, ମୁମ୍ବାଇ, ଚେନ୍ନାଇ ଓ ଶିରିଡ଼ିକୁ ଟ୍ରେନ ଚଳାଚଳ ସହିତ ଡିଏମୟୁ ଟ୍ରେନକୁ ନୀଳଗିରି ପର୍ଯ୍ୟନ୍ତ ସଂପ୍ରସାରଣ ପାଇଁ ବେତନଟୀ ବିକାଶମଞ୍ଚ, ସିଭିଲ ସୋସାଇଟି,ସିଟିଜେନ ଫୋରମ ଓ ଜିଲ୍ଲା ଟ୍ରେଡ ୟୁନିୟନ ଗୁଡିକ ପକ୍ଷରୁ ଦାବି କରାଯାଇଛି। ରେଳମନ୍ତ୍ରୀ ତଥା ଏ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ସାଂସଦ ଜିଲ୍ଲାବାସୀଙ୍କ ପକ୍ଷରୁ ରେଳବାଇ ବିଭାଗ ଠାରେ କରାଯାଇଥିବା ଦାବି ଗୁଡିକ କାର୍ଯ୍ୟକାରୀ କରାଯିବା ନିମନ୍ତେ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି।

# ହାତୀବନ୍ଧାରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

**ସିନାପାଲି, ୨୦।୯ (ସଂଚାର ବ୍ୟୁରୋ):** ସିନାପାଲି ବ୍ଲକ ସ୍ତରୀୟ ବିଜ୍ଞାନ ସେମିନାର ସରକାରୀ ଉଚ୍ଚ ବିଦ୍ୟାଳୟ, ହାତୀବନ୍ଧା ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଏହି ଅବସରରେ ଆୟୋଜିତ ସଭାରେ ସିନାପାଲି ବ୍ଲକ ସାଇନସ ଫୋରମ ସଭାପତି କୈଳାଶ ଚନ୍ଦ୍ର ଦାସ, ସମ୍ପାଦକ ମନୋରଞ୍ଜନ ମେହେର, ସ୍ଥାନୀୟ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ମେହେର, ମୁକ୍ତେଶ୍ୱର ପ୍ରଧାନ ପ୍ରମୁଖ ଯୋଗ ଦେଇ ଥିଲେ। କାର୍ଯ୍ୟକ୍ରମର ବିଚାରକ ଭାବରେ ଦୁର୍ଲ୍ଲଭ ମେହେର ଓ ଟଙ୍କଧର ମେହେର ଉପସ୍ଥିତ ଥିଲେ । ଶିକ୍ଷକ ନୃପେଶ କୁମାର ମେହେର ମଂଚ ପରିଚାଳନା କରିଥିଲେ । ଆସନ୍ତା ସୋମବାର ନୂଆପଡ଼ା ଠାରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ସାଇନସ ସେମିନାର ନିମନ୍ତେ ସିଙ୍ଗଝର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଗଜେଂଦ୍ରୀ ତାଣ୍ଡି, ହାତୀବନ୍ଧା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅନନ୍ୟା ଜେନା, ଗଣ୍ଡାବାହାଲୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସାହିଲ ମେହେରଙ୍କୁ ବିଚାରକ ମାନେ ମନୋନୀତ କରିଥିଲେ । ଆଜିର କାର୍ଯ୍ୟକ୍ରମ ପରିଚାଳନାରେ ସୁବାଷ ମେହେର, ନିପେନ୍ଦ୍ର ବାଗ, ପ୍ରିତିଶ ପ୍ରଧାନ, ଚନ୍ଦ୍ରମଣି ମେହେର, ଅନିଲ ମେହେର, ହିମାଦ୍ରି ମେହେର ପ୍ରମୁଖଙ୍କ ସହ ହାତୀବନ୍ଧା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।



# ବିପଦପୂର୍ଣ୍ଣ ଅବସ୍ଥାରେ ଖପ୍ରାଖୋଲ ବସ୍ତି ରାସ୍ତା

**ପାଟଣାଗଡ, ୨୦।୯ (ସଂଚାର ବ୍ୟୁରୋ):** ଖପ୍ରାଖୋଲ ଗାଁ ଭିତରକୁ ଯାଉଥିବା ରାସ୍ତା ଯାହାକି ସ୍କୁଲ, କଲେଜ ଓ ଗାଁକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ତଥା ତହସିଲକୁ ନିଜ ନିଜର ଅନୁସଙ୍ଗିକ କାମ ପାଇଁ ଆସିଥାନ୍ତି । ତା ଛଡା ଏହି ରାସ୍ତା ଦେଇ ସ୍କୁଲକୁ ଆସୁଛନ୍ତି ଛାତ୍ରଛାତ୍ରୀ ହେଲେ ରାସ୍ତା କଂକ୍ରିଟ ହୋଇ ଶେଷ ହୋଇଥିବା ଚାରି ଛକ ନିକଟସ୍ଥ ଜାଗାରେ ରାସ୍ତାକୁ ଉଚ୍ଚ କରି ଛାଡି ଦିଆଯାଇଛି । ଠିକ ଭାବରେ ଗଡାଣିଆ ହୋଇ ନଥିବାରୁ ପିଚୁ ରାସ୍ତାରୁ କଂକ୍ରିଟ ରାସ୍ତା ଉଚ୍ଚ ଥିବାରୁ ଲୋକେ ହଠାତ ଆସି ଭରସାମ୍ୟ ହରାଇ ବସୁଛନ୍ତି ଯାହା ଦ୍ୱାରା ଅନେକ ସମୟରେ ଦୁର୍ଘଟଣାମାନ ଘଟିବାର ସମ୍ଭାବନା ଦେଖା ଦେଉଛି ସେଥିପାଇଁ ରାସ୍ତାକୁ ଭଲ ଭାବରେ ଗଡାଣିଆ କରିବାକୁ ଜନସାଧାରଣ ଦାବି କରିଛନ୍ତି ।

# ବାବେଘାଟି ଗାଁ ରାସ୍ତାରେ ଜମୁଛି ମଇଳା ପାଣି

**କୋମନା, ୨୦।୯ (ସଂଚାର ବ୍ୟୁରୋ):** କେନ୍ଦ୍ର ତଥା ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ବିପୁଳ ଅର୍ଥ ବିନିଯୋଗକରି ଗାଁ ଗାଁରେ ପକ୍କାରାସ୍ତା ନିର୍ମାଣ କରୁଛନ୍ତି। ହେଲେ କେତେକ ସ୍ଥାନରେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ରାସ୍ତା କାମରେ ଆସିବା ପରିବର୍ତ୍ତେ ଲୋକଙ୍କ ସମସ୍ୟାର କାରଣ ହେଉଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ନୂଆପଡ଼ା ଜିଲା କୋମନା ବ୍ଲକ୍ ଜଟଗଡ଼ ପଞ୍ଚାୟତ ବାବେଘାଟି ଗାଁରେ।

ଏହି ପଡ଼ାରେ ୨୦୨୨- ୨୩ରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇଛି। ରାସ୍ତା କଂକ୍ରିଟ କରିବା ସମୟରୁ ଖାଲ ହୋଇ ରହିଛି। ଫଳରେ ଉଚ୍ଚ ସ୍ଥାନରୁ ପାଣି ବୋହିଆସି ସେହିଠାରେ ଜମା ହେଉଥିବାରୁ ଲୋକଙ୍କୁ ଯାତାୟାତ କରିବାରେ



ଅସୁବିଧା ହେଉଛି। ଡ୍ରେନ୍ ସୁବିଧା ନ ଥିବାରୁ ପାଣି ଜମାହୋଇ ଦୁର୍ଗନ୍ଧ ହେଉଛି। ମଶା, ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧିପାଉଛି। ଏଥିଯୋଗୁ ବିଭିନ୍ନ ରୋଗ ହେବା ସମ୍ଭାବନା ରହିଛି। ବିକଳ୍ପ ନ ଥିବାରୁ ଲୋକେ ବାଧ୍ୟହୋଇ ସେହି ରାସ୍ତାରେ ପାଣିରେ ପଶି ଯାତାୟାତ କରୁଛନ୍ତି । ରାସ୍ତା ନିର୍ମାଣ ସମୟରେ ଉକ୍ତ ସ୍ଥାନ ଖାଲ ହେଉଛି ବୋଲି କୁହାଯାଇଥିଲେ ମଧ୍ୟ ଠିକାଦାର କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ବ୍ୟବସ୍ଥା ସହ ପାଣି ଜମି ରହୁଥିବା ରାସ୍ତାର ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### କାର୍ ଧକ୍କାରେ ଯୁବକ ଗୁରୁତର

## ହସ୍ପିଟାଲ ନେଲା ସଂକଳ୍ପ ପରିବାର

**ଭେଡେନ, ୨୦।୯ (ସଂଚାର ବ୍ୟୁରୋ):** ବରଗଡ଼ ଭେଡେନ ରାସ୍ତା ସାହୁ ଟିକିରା ନିକଟରେ ଆଜି ଏକ କାର ଓ ବାଇକ ମଧ୍ୟରେ ଭୟଦୁର୍ଘଟଣା ଘଟିଥିଲା ଘଟଣା ସ୍ଥଳରେ ଜଣେ ବାଇକ ଚାଳକ ଗୁରୁତର ଆହତ ହେବା ସହିତ ରାସ୍ତା ତଳକୁ ଛିଟିକି ପଡ଼ିଥିଲେ । ସଠିକ ସମୟରେ ସଂକଳ୍ପ ପରିବାରର ସଦସ୍ୟ ସୁରଜ ପଧାନ ଆହତ ଯୁବକକୁ ଚିକିତ୍ସାଳୟ ପହଞ୍ଚାଇ ଜୀବନ ବଞ୍ଚାଇବାରେ ସାହାଯ୍ୟ କରିଥିଲେ। ସୂଚନା ମୁତାବକ ଶୁକ୍ରବାର ଦିନ ୧୨.୩୦ମିନିଟ ସମୟରେ ବରଗଡ଼ ଭେଡେନ ରାସ୍ତାରେ ଏକ କାର ଓ ବାଇକ ମଧ୍ୟରେ ଭୟଙ୍କର ଦୁର୍ଘଟଣା ହୋଇଥିଲା । ବାଇକ ଚାଳକ ଦିନେସ ପଧାନ ବରଗଡ଼ରୁ ନିଜ କାମ ସାରି ଗାଁକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଏକ କାର ଆସି ତାଙ୍କୁ ବାଡେଇଥିଲା ଫଳରେ ଦିନେସ ରାସ୍ତା ତଳକୁ ଛିଟିକି ଯାଇଥିଲେ। ତାଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହେଉଥିବା ବେଳେ ସେ ରାସ୍ତା କଡରେ ପଡିରହିଥିଲେ।



ଠିକ ସେହି ସମୟରେ ଭେଡେନରୁ ବରଗଡ଼ ଫେରୁଥିବା ସଂକଳ୍ପ ପରିବାରର ସକ୍ରିୟ ସଦସ୍ୟ ସୁରଜ ପଧାନ ୧୦୮ ଆମ୍ବୁଲାନ୍ସ କୁ ଯୋଗାଯୋଗ କରିଥିଲେ ମାତ୍ର ଆମ୍ବୁଲାନ୍ସ ଉପଲବ୍ଧ ନଥିବାରୁ ସେ ନିଜର ଟେମ୍ପୁରେ ଆହତ ଦିନେଶ ପଧାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବହିଆଣିଥିଲେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଂକଳ୍ପ ପରିବାରର ସକ୍ରିୟ ସଦସ୍ୟ ରଞ୍ଜିତ ସାହୁ, ବିକାଶ ଭୋଇ, ଚିନ୍ମୟ ପାଣ୍ଡେ ପ୍ରମୁଖ ପହଞ୍ଚି ଆହତ ଯୁବକର ଚିକିତ୍ସା କରାଇବା ସହ ତାଙ୍କର ପବିରାର ଲୋକଙ୍କୁ ଖବର ଦେବା ସହିତ ଭୀମସାର ବୁର୍ଲା ନେଇଯାଇଥିଲେ। ସଠିକ ସମୟରେ ଚିକିତ୍ସାଳୟ ପହଞ୍ଚାଇବାରୁ ଯୁବକର ଜୀବନ ବଞ୍ଚିଯାଇଥିବା ବିଷୟରେ ବିଭାଗୀୟ ଡାକ୍ତର କହିଥିବାବେଳେ ସଂକଳ୍ପ ପରିବାର ସଦସ୍ୟ ସୁରଜ ପଧାନଙ୍କ ଉପଯୁକ୍ତ ସେବା ମୋନଭାବ ଯୋଗୁଁ ତାଙ୍କୁ ବୁଦ୍ଧିଜୀବୀ ମହଲରେ ଲୋକେ ପ୍ରସଂଶା କରିଛନ୍ତି ।

### ନାବାଳିକାକୁ ବଳାତ୍କାର ଓ ହତ୍ୟା

# ଅଭିଯୁକ୍ତକୁ ଗିରଫ ନ କଲେ ଜିଲ୍ଲା ବନ୍ଦ

**ନବରଙ୍ଗପୁର, ୨୦।୯ (ସଂଚାର ବ୍ୟୁରୋ):** ତେନ୍ତୁଳିଖୁଣ୍ଟି ବ୍ଲକ ଅର୍ନ୍ତଗତ କଣ୍ଟାଗାଁରେ ଦିନ ଦ୍ୱିପହରରେ ଜଣେ ୧୦ ବର୍ଷିଆ ନାବାଳିକାକୁ ଦୁଷ୍କର୍ମ କରି ତଣ୍ଟି ଚିପି ହତ୍ୟା କରାଯାଇଥିବା ଅଭିଯୋଗକୁ ନେଇ ବିରୋଧୀ ବିଜେଡି ମୁହଁ ଖୋଲିଛି । ପୂର୍ବତନ ସାଂସଦ ତଥା ରାଜ୍ୟ ମୁଖପାତ୍ର ପ୍ରଦୀପ ମାଝୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏକ ସମ୍ମିଳନୀରେ ଜିଲ୍ଲାର ବରିଷ୍ଠ ନେତୃବୃନ୍ଦ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏଥିରେ ପୂର୍ବତନ ସାଂସଦ ତଥା ବିଜେଡି ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇ ଏହି ଘଟଣାକୁ ନିନ୍ଦା କରିବା ସହ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କହିବା ସହ ଯଥାଶୀଘ୍ର ଅଭିଯୁକ୍ତକୁ ଗିରଫ କରାନଗଲେ ଜିଲ୍ଲା ବନ୍ଦ ଡାକରା ଦିଆଯିବ ବୋଲି ଚେତାବନୀ ଦେଇଥିଲେ ।

ସେହିପରି ରାଜ୍ୟ ସଭା ସାଂସଦ ମୁନା ଖାନ ଯୋଗଦେଇ ଏଭଳି ଘଟଣା ବାହାର ରାଜ୍ୟରେ ଘଟୁଥିବା ଗଣମାଧ୍ୟମରୁ ଜଣାପଡୁଥିଲା କିନ୍ତୁ ବିଜେପି ଆସିବା ଦିନଠାରୁ ଏହି ଅଞ୍ଚଳରେ ପ୍ରଥମ ଥର ନବରଙ୍ଗପୁରରେ ଏଭଳି ଘଟଣା ଘଟିଛି । ବିଜେପି ଆଇନ ଶୃଙ୍ଖଳା ପରିସ୍ଥିତକୁ ସଠିକ୍ ପରିଚାଳନା କରି




ପାରୁ ନାହିଁ କହିବା ସହ ପୋଲିସର ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଥିଲେ। ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ ବିଜେପି ସରକାର ଆସିବା ପରେ ରାଜ୍ୟରେ ନାରୀ ସୁରକ୍ଷିତ ନୁହଁନ୍ତି ତେଣୁ ଗୃହ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମହନ ଚରଣ ମାଝୀ ତୁରନ୍ତ ଇସ୍ତଫା ଦେବାକୁ ଦାବି କରିଛନ୍ତି। ମହିଳା ସଭାନେତ୍ରୀ ମଞ୍ଜୁଳାମାଝୀ ଜିଲ୍ଲାରେ ମା' ଭଉଣୀ ସୁରକ୍ଷୀତ ନୁହଁନ୍ତି, ଦୋଷୀଙ୍କୁ ତୁରନ୍ତ ଗିରଫ କରାନଗଲେ ମହିଳା ମୋର୍ଚ୍ଚା ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାଇ ଦେଇଛନ୍ତି ।

ଏହି ଅବସରରେ ପ୍ରଦୀପ ମାଝୀ ମହନ ମାଝୀଙ୍କ ସରକାରକୁ ଟାର୍ଗେଟ କରି ବାଲେଶ୍ୱର ରେମଣାରେ ନାବାଳିକା ଘଟଣାରେ ମୁଖ୍ୟମନ୍ତ୍ରୀ ପଦୁଟିଏ ମଧ୍ୟ ପ୍ରତିକ୍ରିୟା ଦେଇ ନାହାନ୍ତି ବୋଲି ସମାଲୋଚନା କରିଥିଲେ। ସେହିଭଳି ଭୁବନେଶ୍ୱରର ଭରତପୁର ଥାନାରେ ସେନା ଅଧିକାରୀଙ୍କ ବାନ୍ଧବୀଙ୍କୁ ମାଡ ମାରି ଦାନ୍ତ ଭାଙ୍ଗି ଦିଆଯାଇଥିଲା ଯିଏକି ଏମସରେ ଚିକିତ୍ସାଧନ ଅବସ୍ଥାରେ ରହିଛନ୍ତି । ଏହି ଘଟଣାକୁ ନେଇ ରାଜ୍ୟରେ ସେନା ଅଧିକାରୀମାନେ ନ୍ୟାୟ ପାଇଁ ରାଜରାସ୍ତାକୁ ଅହ୍ଲାଇବାକୁ ପଡିଲା। ସଦ୍ୟ ଘଟଣା କ୍ରମେ ସୁନ୍ଦରଗଡ ଜିଲ୍ଲାରେ ମହିଳାଙ୍କୁ ୩ ଜଣ ଧର୍ଷଣ କରିଛନ୍ତି। ଏହାକୁ ଦେଖିଲେ ରାଜ୍ୟରେ ମହିଳା ସୁରକ୍ଷିତ ନାହାନ୍ତି ମନେ ହେଉଛି । କଣ୍ଟାଗାଁ ଘଟଣାରେ ଜିଲ୍ଲାର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପଦଟିଏ ମୁହଁ ଖୋଲୁ ନାହାଁନ୍ତି । କାର୍ଯ୍ୟ ବ୍ୟସ୍ତତା ଆଳ ଦେଖାଇ ଘଟଣାସ୍ଥଳକୁ ଯାଇ ନାହାନ୍ତି । ସେହିଭଳି ଏସପି ଛୁଟି ଆଳ ଦେଖାଇ ଏଭଳି ସମ୍ବେଦନଶୀଳ ଘଟଣାକୁ ଅଧସ୍ତନ କର୍ମଚାରୀଙ୍କ ହାତରେ ଟେକି ଦେଇଛନ୍ତି। ସରକାରଙ୍କ ଏଭଳି ଆଭିମୁଖ୍ୟକୁ ଗାଁ ଲୋକ ଆସ୍ଥା ହରାଇଛନ୍ତି । ତେଣୁ ପୋଷ୍ଟମଟମ ରିପୋର୍ଟ ସାର୍ବଜନିନ କରିବାକୁ ସେ ଦାବି କରିବା ସହ ଏଭଳି କାଣ୍ଡ ଘଟାଉଥବା ଦୋଷୀଙ୍କୁ ମୃତ୍ୟୁ ଦଣ୍ଡ ବ୍ୟବସ୍ଥା କରିବାକୁ ବିଧାନସଭାରେ ସ୍ୱର ଉତ୍ତୋଳନ କରିବାକୁ ଡାବୁଗାଁ ବିଧାୟକଙ୍କୁ ଅନୁରୋଧ କରିଥିଲେ। ଶେଷରେ ୪ରୁ ୫ ଦିନ ମଧ୍ୟରେ ଅଭିଯୁକ୍ତକୁ ଗିରଫ କରାନ ଗଲେ ବିଜେଡି ପକ୍ଷରୁ ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ବନ୍ଦ ଡାକରା ଦିଆଯିବ ବୋଲି ସୂଚନା ଦେଇଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।

### ୬୫ ଲକ୍ଷ ହଡ଼ପ କରି ପିଇଓ ଫେରାର୍

## ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ

**ରାଇଘର, ୨୦।୯ (ସଂଚାର ବ୍ୟୁରୋ):** ରାଇଘର ବ୍ଲକ ତୁରଡି ପଞ୍ଚାୟତ ପିଇଓ ସୁରେନ୍ଦ୍ର ଭତ୍ରାଙ୍କ ଦ୍ୱାରା ୬୫ ଲକ୍ଷ ଟଙ୍କା ହଡପ ଓ ଫେରାର୍ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ତହସିଲଦାର ରିତୁ ସିଂହଙ୍କ ନେତୃତ୍ୱରେ ବିଡିଓ ଲକ୍ଷ୍ମୀସାଗର ମାଝୀ, ଏବିଡିଓ ବିଜୟ କୁମାର ସେଠୀ, ଥାନା ଅଧିକାରୀ ପ୍ରଶାନ୍ତ ସେଠୀ ପ୍ରମୁଖ ପହଞ୍ଚି ପଞ୍ଚାୟତ ଅଫିସର ଆଲମାରି ତାଲା ଭାଙ୍ଗି ଗୁରୁତ୍ୱପୂର୍ଣ୍ଣ ରେକର୍ଡପତ୍ରକୁ ଜବତ କରିଛନ୍ତି। ରେକର୍ଡପତ୍ର ଜବତ କଲା ପରେ ପ୍ରଶାସନ ପକ୍ଷରୁ ଶୁକ୍ରବାର ଦିନ ଏଠାରେ ନୂତନ ପିଇଓ ଭାବେ ସସ୍ମିତା କରଙ୍କୁ ଦାୟିତ୍ୱ ଦିଆଯାଇଛି। ସୂଚନାଥାଉକି, ୨ମାସ ତଳେ ପିଇଓ ଶ୍ରୀ ଭତ୍ରା ପଞ୍ଚାୟତର ୬୫ଲକ୍ଷ ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ବିଡିଓ କାରଣଦର୍ଶାଅ ଓ ବ୍ୟକ୍ତିଗତ ଭାବେ ହଜର ହେବା ଲାଗି ନୋଟିସ ଜାରି କରିବା ସତ୍ତ୍ୱେ ସେ ହାଜର ହୋଇ ନଥିଲେ। ଏହା ପରେ ତାଙ୍କ ସ୍ଥାନରେ ପିଇଓ ସସ୍ମିତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ସେ କାଗଜପତ୍ର ହସ୍ତାନ୍ତର କରି ନଥିଲେ। ଫଳରେ ପଞ୍ଚାୟତର ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଥିଲା। ଶେଷରେ ଗତ ୪ ତାରିଖରେ ଶ୍ରୀ ଭତ୍ରାଙ୍କ ନାଁରେ କୁନ୍ଦେଇ ଥାନାରେ ବିଡିଓ ଲିଖିତ ଏତଲା ଦେଇଥିଲେ । ଆଜି ପଞ୍ଚାୟତ କାର୍ଯ୍ୟାଳୟରୁ ସମସ୍ତ କାଗଜପତ୍ର ଜବତ କରାଯାଇଛି।

## ଅପରାହ୍ଣ ୨ଟାରୁ ଦର୍ଶନ ବନ୍ଦ
# ରତ୍ନଭଣ୍ଡାର ନିରୀକ୍ଷଣ କରିବ ଏଏସ୍ଆଇ



**ପୁରୀ,୨୦।୯(ସଂଚାର ବ୍ୟୁରୋ):** ଆସନ୍ତାକାଲିଠୁ ପୁଣି ଥରେ ଶ୍ରୀମନ୍ଦିର ରତ୍ନଭଣ୍ଡାରର କରାଯିବ ବୈଷୟିକ ସଭେର୍। ବୈଷୟିକ ସଭେର୍ କରାଯିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ୨୧, ୨୨ ଓ ୨୩ ତାରିଖରେ ଏହି ବୈଷୟିକ ସଭେର୍ କରାଯିବ। ଏହି ୩ ଦିନ ୨ଟାରୁ ସନ୍ଧ୍ୟା ୬ଟା ଯାଏ ଏଏସ୍ଆଇ ପକ୍ଷରୁ ସଭେର୍ କରାଯିବ।ଏହି ସମୟରେ ଶ୍ରୀଜିଉଙ୍କ ସାଧାରଣ ଦଶର୍ନ ବନ୍ଦ ରହିବ। ଦୁଇ ଦିନ ତଳେ ଶ୍ରୀମନ୍ଦିର ରତ୍ନ ଭଣ୍ଡାରର ସରିଛି ଲେଜର ସ୍କାନିଂ। ଏଏସ୍ଆଇ ଏଡିଜି ଜାନ୍ ଭିଜ୍ ଶମର୍ାଙ୍କ ନେତୃତ୍ୱରେ ୧୭ ଜଣିଆ ଟିମ୍ ତନ୍ନ ତନ୍ନ କରି ଯାଞ୍ଚ କରିବା ସହ ଲେଜର ସ୍କାନିଂ କରିଛନ୍ତି। ସେପ୍ଟେମ୍ବର ୨୪ ସୁଦ୍ଧା ରତ୍ନ ଭଣ୍ଡାରର ସମସ୍ତ ବୈଷୟିକ ସଭେର୍ ସାରିବାକୁ ଏଏସ୍ଆଇ ମହା ନିର୍ଦ୍ଦେଶକଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଚିଠି ଲେଖିଥିଲେ। ଆସନ୍ତା ୨୪ ତାରିଖ ପରଠୁ ଦଶହରା ଷୋଳ ପୂଜା ଓ କାର୍ତ୍ତିକ ମାସ ଆରମ୍ଭ ହେବ। ଶ୍ରୀଜିଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଚାଲିବ। ତେଣୁ ତା'ପୂର୍ବରୁ ବାକି ଥିବା ବୈଷୟିକ ସଭେର୍ ସାରିବାକୁ ଚିଠି ଲେଖିଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ।

# ମୁଖ୍ୟମନ୍ତ୍ରୀଙ୍କ ଫୋକସରେ କେନ୍ଦୁଝରର ବିକାଶ



**ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲାଇଫ୍ ସେଭର୍ସ ଗ୍ରୁପ ଟ୍ରଷ୍ଟର ତୃତୀୟ ବାର୍ଷିକୀ ଉତ୍ସବରେ ଯୋଗଦେଇ କହିଛନ୍ତି ଯେ କେନ୍ଦୁଝରର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଖଣିଜ ସମ୍ପଦରେ ଭରପୁର କେନ୍ଦୁଝର ଓଡ଼ିଶା ପାଇଁ ଏକ ବରଦାନ ହେଲେ ମଧ୍ୟ ଏହାର ବିକାଶ ଆଗକୁ ବଢ଼ି ନାହିଁ। ବର୍ତ୍ତମାନ କେନ୍ଦୁଝରର ବିକାଶକୁ ଆଗେଇ ନିଆଯିବ ଏବଂ ସୁନାର କେନ୍ଦୁଝର ଗଠନ ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜି ଜିଲ୍ଲା ହେଡକ୍ୱାର୍ଟର୍ସ ସ୍ଥିତ ସେଲ୍ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦୁଝର ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆ ଯାଇଥିବା ଅନେକ ବିକାଶ ମୂଳକ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବ୍ରହ୍ମପୁର- ଟାଟା ନଗର ବନ୍ଦେ ଭାରତ ଏକ୍ସପ୍ରେସ କେନ୍ଦୁଝର ଦେଇ ଯାଉଛି। ମୁଖ୍ୟମନ୍ତ୍ରୀ କେନ୍ଦୁଝରର ସମାଜ ସେବା ଅନୁଷ୍ଠାନ ଲାଇଫ ସେଭର ଗ୍ରୁପ୍‌ର ପ୍ରଶଂସା କରି କହିଥିଲେ ଯେ ସମାଜ ପ୍ରତି ଆପଣମାନଙ୍କ ଯେଉଁଭଳି ଅବଦାନ ରହିଛି, ତାହା ନିଶ୍ଚିତ ଭାବରେ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ। ପ୍ରତି ବର୍ଷ ଆପଣମାନେ ୩ ରୁ ୪ଟି ରକ୍ତଦାନ ଶିବିର ଅନୁଷ୍ଠିତ କରି ଜିଲ୍ଲାରେ ରକ୍ତର ଅଭାବକୁ ପୂରଣ କରିବାର ପ୍ରଚେଷ୍ଟା କରୁଛନ୍ତି। ରକ୍ତଦାନ କରି ଗୋଟିଏ ଜୀବନ ବଞ୍ଚାଇବାର ଅନୁଭବ ଆମର ଉଚ୍ଚ ମାନବୀୟ ମୂଲ୍ୟବୋଧର ପରିଚୟ ପ୍ରଦାନ କରେ। ଆପଣମାନେ ଏହିପରି ୬୦୦ ରୁ ୭୦୦ ଗରିବ ପରିବାରକୁ ସାହାଯ୍ୟ କରି ସମାଜକୁ ଏକ ସୁନ୍ଦର ବାର୍ତ୍ତା ଦେଇଛନ୍ତି। ଏହା ସହିତ ପ୍ରାୟ ଶତାଧିକ ରୋଗୀଙ୍କୁ ମଧ୍ୟ ସହରକୁ ନେଇ ଡାକ୍ତରଖାନାରେ ଚିକିତ୍ସା ଯୋଗାଇଦେବା କ୍ଷେତ୍ରରେ ମଧ୍ୟ ଆପଣମାନେ ସହଯୋଗ କରୁଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦାୟିତ୍ୱ ନେବା ପରେ ଆଜି ମୁଁ ଦ୍ୱିତୀୟ ଥର ପାଇଁ ମୋ ଜନ୍ମ ମାଟି କେନ୍ଦୁଝରକୁ ଆସିଛି ଏବଂ କେନ୍ଦୁଝରରେ ମୋର ପ୍ରଥମ କାର୍ଯ୍ୟକ୍ରମ ଆପଣମାନଙ୍କ ସହିତ ରହିଛି। ଆପଣମାନଙ୍କ ସହିତ ମିଶିବା, କଥା ହେବା ବହୁତ ଆନନ୍ଦଦାୟକ। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, କୋରେଇ ବିଧାୟକ ଆକାଶ ଦାସ ନାୟକ, ତେଲକୋଇ ବିଧାୟକ ଡା ଫକୀର ମୋହନ ନାୟକ ପାଟଣା ବିଧାୟକ ଅଖିଳ ନାଏକ ପ୍ରମୁଖ ଉପସ୍ଥିତ ରହି ଥିଲେ । ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ରାଇସୁଆଁ ଏୟାର ଷ୍ଟ୍ରିପ ଠାରେ ଅବତରଣ କରି ଏକ ବିଶାଳ ବାଇକ୍ ଶୋଭାଯାତ୍ରା ରେ ସିଧା ଅଡିଟୋରିୟମ ପହଞ୍ଚି ଏହି କାର୍ଯ୍ୟକ୍ରମ ରେ ଯୋଗଦାନ କରିଥିଲେ। ଟ୍ରଷ୍ଟର ଆବାହକ ଯୁଧିଷ୍ଠିର ମହାନ୍ତ, ବିଦ୍ୟାଧର ମହାନ୍ତ, ବିଜୟ ଖୁଣ୍ଟିଆ, ମନୋଜ ମାଝୀ, ତରଣୀ ସେନ ମହାନ୍ତ, ପ୍ରିୟବ୍ରତ କମଳକୃଷ୍ଣ ନାୟକ, ବିଜୟ ମହାକୁଡ଼, ଅଭିଷେକ ସାହୁ, ରବିନ୍ଦ୍ର ସିଂ ଫୌଜି, ଲକ୍ଷ୍ମଣ ସିଙ୍କୁ, ବିନୋଦ ମହାନ୍ତ, ଚନ୍ଦ୍ରଶେଖର ମହାନ୍ତ ଉପସ୍ଥିତ ଥିଲେ ।

## ଏକାଦଶାହ ଭୋଜି ଖାଇ ୨ ମୃତ, ୨୦ ଅସୁସ୍ଥ

ବାରିପଦା, ୨୦।୯ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଗୁଡ଼ିଆଲବନ୍ଧ ପଞ୍ଚାୟତ ଆଲବନ୍ଧ ଗାଁରେ ଏକାଦଶାହ ଭୋଜି ଖାଇବା ପରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଛି ଓ ୨୦ରୁ ଅଧିକ ଲୋକଙ୍କୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଛି। ମୃତକ ଦ୍ୱୟ ହେଉଛନ୍ତି, ରାଜକିଶୋର ନାଏକ (୬୨) ଓ ନିଦ୍ରାବତୀ ନାଏକ (୫୦)। ନିଦ୍ରାବତୀଙ୍କ ଘର କରଞ୍ଜିଆରେ। ସେ ଆଲବନ୍ଧର ଉକ୍ତ ଏକାଦଶାହ ଭୋଜି ଖାଇବାକୁ ଆସିଥିଲେ।
ଗୁରୁବାର ଗାଁରେ ଏକ ଏକାଦଶାହ ଭୋଜି ହୋଇଥିଲା। ଏହି ଭୋଜି ଖାଇବା ପରେ ଗାଁ ତଥା ଗାଁ ବାହାରୁ ଆସିଥିବା କିଛି ଲୋକଙ୍କର ଝାଡ଼ାବାନ୍ତି ହୋଇଥିଲା।

## ଖାଇକୁ ଖସିଲା ବସ୍ ୩ ଯବାନ ସହିଦ



ଶ୍ରୀନଗର,୨୦।୯: ନିର୍ବାଚନ କାମରେ ଯାଉଥିବା ବିଏସ୍‌ଫ୍ ଯବାନମାନେ ଦୁର୍ଘଟଣାର ଶିକାର ହୋଇଛନ୍ତି। ଯବାନଙ୍କୁ ନେଇ ଯାଉଥିବା ବସ୍ ବଡଗାଁଓ ଜିଲ୍ଲାରେ ଖାଇରେ ଖସିପଡ଼ିବାରୁ ଅନ୍ୟୁନ ୩ ଯବାନ ସହିଦ ହୋଇଛନ୍ତି ଓ ୨୬ ଜଣଙ୍କୁ ଗୁରତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ପ୍ରଶାସନ ପକ୍ଷରୁ ଆଶଙ୍କା ବ୍ୟକ୍ତ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ଏକ ଘରୋଇ ବସରେ ଜି-୧୨୪ କଂପାନୀର ପ୍ରାୟ ୩୬ ଜଣ ବିଏସ୍ଏଫ୍ ଯବାନ ପୁଲୱାମାରୁ ବଡ଼ଗାଁଓ ଯିବା ସମୟରେ ସନ୍ଧ୍ୟା ପ୍ରାୟ ୫.୩୦ରେ ବ୍ରେଲ ୱାଟରହେଲ୍ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଖବର ପାଇ ସିଆର୍‌ପିଏଫ୍, ବିଏସ୍ଏଫ୍, ପୋଲିସ ଓ ସ୍ଥାନୀୟ ଲୋକେ ପହଞ୍ଚି ମୃତାହତ ଯବାନମାନଙ୍କୁ ଉଦ୍ଧାର କରିଥିଲେ। ସହିଦ ଯବାନଙ୍କ ପାଇଁ ଜାମ୍ମୁ କାଶ୍ମୀର ପୋଲିସ ଡିଜି ଆର୍‌ଆର୍ ସ୍ୱାଇଁ ଶୋକ ବ୍ୟକ୍ତ କରିଛନ୍ତି।

## ଶୁଣିଲାନି ବିଏମସି, ପରିସ୍ରା କରିଦେଲେ ମହିଳା



**ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ):** ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଏମସି ଶୁଣିଲାନି । ଶେଷରେ ମହିଳାମାନେ ଚରମ ନିଷ୍ପତ୍ତି ନେଲେ। ନିଜ ଘରେ ପଶୁଥିବା ମଇଳା ପାଣିର ପ୍ରତିବାଦ କରିବାକୁ ଆସି ସିଧା ବିଏମ୍‌ସି ଅଫିସ ଭିତରେ ପରିସ୍ରା କରିଦେଲେ । ଆଜି ବିଏମସିର ଚକ ଚକିଆ ଅଫିସ ଭିତରେ ମହିଳାଙ୍କର ଏଭଳି ପରିସ୍ରା କରିବା ଚର୍ଚ୍ଚାର ବିଷୟ ପାଲଟିଛି ।
ସୂଚନାରୁ ପ୍ରକାଶ ଯେ, ବରଗଡ ଶବରସାହିରେ ଗତ କିଛିଦିନ ଧରି ଲୋକଙ୍କ ଘରେ ନର୍ଦ୍ଦମା ପାଣି ପଶୁଥିଲା। ଏ ସଂକ୍ରାନ୍ତରେ ସାହି ଲୋକେ ବିଏମସି କର୍ତ୍ତୃପକ୍ଷଙ୍କୁ ଜଣାଇ ଜଣାଇ ନୟାନ୍ତ ହୋଇଗଲେ ବି କେହି ଶୁଣିଲେନି। ନିଇତି ଗୁହ ପାଣିରେ ଘାଣ୍ଟି ହେଉଥିବା ମହିଳାମାନେ ଆଜି ଅଭିଯୋଗ ଜଣାଇବାକୁ ମେଳି ହୋଇ ବିଏମସିର ସିଟି ଇଂଜିନିୟରଙ୍କ ଦପ୍ତରକୁ ଆସିଥିଲେ। ସେମାନଙ୍କ କଥାକୁ ସେଠାରେ ଗୁରୁତ୍ୱ ଦିଆନଯିବାରୁ ଅପରିଷ୍କାର ପରିବେଶର ଉଦାହରଣ ଦେଇଦେଲେ। ଯନ୍ତ୍ରୀଙ୍କ ଦପ୍ତରରେ ଜଣ ଜଣ ହୋଇ ପରିସ୍ରାକଲେ। ମହିଳାଙ୍କର ହଠାତ୍ ଏଭଳି ପ୍ରତିବାଦ ଦେଖି ଯନ୍ତ୍ରୀଙ୍କ ସମେତ ବିଏମସିର କର୍ମଚାରୀମାନେ ଘାବରେଇ ଯିବା ସହିତ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ଚାହିଁରହିଥିଲେ। ଶେଷରେ ସଫେଇ କର୍ମଚାରୀଙ୍କୁ ଡାକି ଦପ୍ତର ସଫା କଲେ। ମହିଳାଙ୍କ ସମସ୍ୟାର ଯନ୍ତ୍ରୀ ଜଣଙ୍କ କେବେ ସୁଦ୍ଧା କରିବେ ତାହା ଉପରେ ଏବେ ସମସ୍ତଙ୍କ ନଜର।

## ଟ୍ୱିନ୍ ସିଟି କ୍ରାଇମ୍

### ପୁଲିସ ଅଧିକାରୀଙ୍କ ପତ୍ନୀଙ୍କ ସୁନା ଚୋରି ; ସହାୟୀକା ଗିରଫ

**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ଜଣେ ଅବସର ପ୍ରାପ୍ତ ପୁଲିସ ଅଧିକାରୀଙ୍କ ସ୍ତ୍ରୀଙ୍କ ସୁନା ଚୋରି କରି ବନ୍ଧାହେଲେ ଘରେ କାମ କରୁଥିବା ସହାୟୀକା। ତାଙ୍କ ଠାରୁ ଚୋରି ସୁନା ଜବତ କରାଯାଇ ପରେ ମାମଲା ରୁଜୁକରି କୋର୍ଟ ଚାଲଣ କରିଛି ଖାରବେଳନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ, ଗଞ୍ଜାମ ଜିଲ୍ଲାର ସୁଭଦ୍ରା ନାୟକ। ଗତ ୧୨ ତାରିଖ ମଧ୍ୟାହ୍ନରେ ସେ ଅଭିଯୋଗକାରୀଣୀଙ୍କ ଘରକୁ ଯାଇଥିବା ବେଳେ, ଅଭିଯୋଗକାରିଣୀ ଜଣଙ୍କ ଗାଡେଧାଇବା ଘରେ ଥିବାର ସୁଯୋଗ ନେଇ ସେ ତାଙ୍କ ବେଡ଼ରୁମରେ ପଶି ୨ଟି ସୁନା ଚୁଡ଼ି, ଏକ ସୁନା ଚେନ୍, ଏକ ହଳ ସୁନା କାନଫୁଲ ଓ ୪ଟି ସୁନା ଲକେଟ୍‌କୁ ଚୋରି କରି ନେଇଯାଇଥିଲେ। ପରେ ସେ ସହିଦନଗର ସ୍ଥିତ ଏକ ଜୁଏଲାରୀ ଦୋକାନକୁ ଯାଇ ଉକ୍ତ ସୁନା ଗୁଡ଼ିକୁ ବଦଳ କରି ତା ବଦଳରେ ଅନ୍ୟ ସୁନା ଆଣିଥିଲେ। ପରେ ସେହି ସୁନା ଗୁଡ଼ିକୁ ତାଙ୍କ ମାମୁ ଘର ଗ୍ରାମ କଣ୍ଟିଲୋରେ ଲୁଚାଇ ରଖିଥିଲେ। ଏନେଇ ଖାରବେଳନଗର ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଘରୋଇ ସହାୟୀକାଙ୍କୁ ଗିରଫ କରି ତାଙ୍କ ଠାରୁ ଚୋରି ସୁନା ସବୁକୁ ଜବତ କରାଯାଇଛି।

### ଆମ୍ବୁଲାନ୍ସ ଧକ୍କାରେ ଦୁଇ ଗାଈଙ୍କ ମୃତ୍ୟୁ ; ଡ୍ରାଇଭର ଗିରଫ

**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ଏକ ଆମ୍ବୁଲାନ୍ସ ଖୋର୍ଦ୍ଧାରୁ ଦୃତ ଗତିରେ ଆସି ତମାଣ୍ଡୋ ଠାରେ ଦୁଇଟି ଗାଈଙ୍କ ଉପରେ ଚଢ଼ିଗଲା। ଫଳରେ ଘଟଣା ସ୍ଥଳରେ ହିଁ ଦୁଇ ଗାଈଙ୍କ ମୃତ୍ୟୁ ଘଟିଥିବା ବେଳେ, ଆମ୍ବୁଲାନ୍ସ ଡ୍ରାଇଭରକୁ ଗିରଫ କରିଛି ପୁଲିସ। ପରେ ଏକ ମାମଲା ରୁଜୁକରି ଆଜି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ, ଖୋର୍ଦ୍ଧାର ଅରୂପାନନ୍ଦ ନାୟକ। ସୂଚନା ଯୋଗ୍ୟଯେ, ଶୁକ୍ରବାର ସକାଳ ୧୧.୪୫ ସମୟରେ ଅଭିଯୁକ୍ତ ଜଣକ ଖୋର୍ଦ୍ଧା ପଟରୁ ଭୁବନେଶ୍ୱର ଅଭିମୁଖେ ଏକ ଆମ୍ବୁଲାନ୍ସ ଅତି ଦୃତ ଗତିରେ ତଥା ବିପଦଜନକ ଭାବେ ଚାଳନା କରି ଆସିବା ସହିତ ହ୍ୟୁଣ୍ଡାଇ ସୋ-ରୁମ ସମ୍ମୁଖରେ ଦୁିଟି ଗାଈଙ୍କୁ ଖୁବ୍ ଜୋରସେ ଧକ୍କା ଦେଇଥିଲେ। ଏହି ଦୁର୍ଘଟଣା ଫଳରେ ଘଟଣା ସ୍ଥଳରେ ଗାଈ ଦୁଇଟିଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ପେଟ୍ରୋଲିଂ ଟିମ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ଚାଳକକୁ କାବୁ କରିବା ସହ ଥାନାକୁ ଆଣିଥିଲେ। ପରେ ଅଭିଯୁକ୍ତଙ୍କ ଯାଞ୍ଚ ସମୟରେ ଜଣାପଡ଼ିଥିଲା ଡ୍ରାଇଭର ଜଣଙ୍କ ନିଶାଶକ୍ତ ଥିବା ଜଣାପଡ଼ିଥିଲା। ପରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

### ଅଧାବାଟରେ ବିଡିଏର ଘାଟିକିଆ ପ୍ରକଳ୍ପ
# ରେରା ତାଲିକାରେ ବିଡ଼ିଏ ଖିଲାପି ନଂ ୩୦୮

**ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ):** ବିଡିଏର ଘାଟିକିଆ ପ୍ରକଳ୍ପ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ଥିବା ବେଳେ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କୁ ବାସଗୃହ ଯୋଗାଣ ଲକ୍ଷ୍ୟ ସୁଦୂର ପରାହତ ବୋଲି ଆଲୋଚନା ହେଉଛି। ରେରା ୱେବସାଇଟରେ ପଞ୍ଜୀକୃତ ଲାଗି ଆବେଦନ କରିଥିବା ରିଜେକ୍ଟ ୩୧୭ ପ୍ରକଳ୍ପରୁ ତାଲିକାର ୩୦୮ ନମ୍ବରରେ ଗଡୁଛି ବିଡ଼ିଏର ନାଁ। କୌଣସି ପ୍ରକଳ୍ପ ରେରା ଦ୍ୱାରା ପଞ୍ଜୀକୃତ ହୋଇ ନ ଥିଲେ, ଏହା ବେଆଇନ ବୋଲି କୁହାଯାଏ। କିନ୍ତୁ ବିଡ଼ିଏର ଘାଟିକିଆ ପ୍ରକଳ୍ପକୁ ରେରା ରିଜେକ୍ଟ କରିଛି।ଏହି ପ୍ରକଳ୍ପରେ ଆର୍ଥିକ ଦୁର୍ବଳ ଲୋକଙ୍କ ଲାଗି ଘର ନିର୍ମାଣ ପାଇଁ ଆଗେଇଛି ବିଡ଼ିଏ। ଘାଟିକିଆ, ଚନ୍ଦ୍ରଶେଖରପୁର, ଗାଡ଼କଣ ଓ ସୁବୁଦ୍ଧିପୁରରେ ପିପିପି ମୋଡ଼ରେ ହାଉସିଂ ଫର୍ ଅଲ ସ୍କିମରେ କରିବାକୁ ଯୋଜନା ରହିଛି । ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏସବୁ ପ୍ରକଳ୍ପରେ ପ୍ରାଥମିକତା ଭିତ୍ତିରେ ଦେବାକୁ ଖସଡ଼ା ପ୍ରସ୍ତୁତ ହୋଇଛି। ପ୍ରଥମେ ୧ଲକ୍ଷ ୨୦ହଜାର ଟଙ୍କା ଇଡବ୍ଲ୍ୟୁଏସ ବର୍ଗର ଲୋକଙ୍କଠୁ ଆଦାୟ ହେବ। ଆଉ ୧ଲକ୍ଷ ଟଙ୍କା ପରବର୍ତ୍ତୀ ପର୍ଯ୍ୟାୟରେ କିସ୍ତି ଗ୍ରହଣ କରିବ ବୋଲି କହିଥିଲା ବିଡ଼ିଏ। ହେଲେ ଘାଟିକିଆ ମୌଜାର ଏହି ପ୍ରକଳ୍ପକୁ ରେରା ରଦ୍ଦ କରିଛି।

ପ୍ରଶ୍ନ ହେଉଛି କାହିଁକି ଘାଟିକିଆ ପ୍ରକଳ୍ପର ପଞ୍ଜୀକରଣ ଆବେଦନକୁ ରଦ୍ଦ କରିଛି ରେରା। ତଥ୍ୟ କହୁଛି, ବିଡ଼ିଏ ଲାଗି ନାକେଦମ ହୋଇଛି ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ । ବିନା ପଞ୍ଜୀକରଣ ଫିରେ ରେରାରେ ପଞ୍ଜୀକୃତ ଲାଗି ଆବେଦନ କରିବା ବିଡ଼ିଏକୁ ମହଙ୍ଗା ପଡ଼ିଛି। ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲଟୋରୀ ଅଥରିଟିଙ୍କୁ ନଗର ଉନ୍ନୟନ ବିଭାଗ (ହାଉସିଂ) ନିର୍ଦ୍ଦେଶକ ତଥା ଏବେକାର ପୌର ନିର୍ଦ୍ଦେଶକ ଦେବାଶିଷ ସିଂ ଗଲା ଫେବ୍ରୁଆରୀ ମାସରେ ଚିଠି ଲେଖି ପଞ୍ଜୀକରଣ ଫି ଛାଡ କରିବାକୁ ଅନୁରୋଧ କରିଥିଲେ। ବିଡ଼ିଏ ସମସ୍ତ ଆବଶ୍ୟକୀୟ ଦସ୍ତାବିଜ୍ ସହ ପଞ୍ଜୀକରଣ ଫି ଓ ବିଳମ୍ବିତ ପଞ୍ଜୀକରଣ ଫି' ଛାଡ କରିବାକୁ ଆବେଦନ କରିଛି। ତତ୍କାଳୀନ ନଗର ଉନ୍ନୟନ ସଚିବ ବି ରେରାକୁ ପ୍ରସ୍ତାବ ଦେଇଥିଲେ, ଏ ପ୍ରକଳ୍ପର ପଞ୍ଜୀକରଣ ଫି ଛାଡ କରିବା ପାଇଁ। ଏପ୍ରିଲରେ ବି ସାନି ଚିଠି ଲେଖାଯାଇଛି। କେବଳ ଏତିକି ନୁହେଁ, ବିଡ଼ିଏର ଏହି ଘାଟିକିଆ ପ୍ରକଳ୍ପ ଲାଗି ରେରା ନିଜ ପୋର୍ଟାଲରେ କିଛି ସଂଶୋଧନ କରୁ ବୋଲି କୁହାଯାଇଛି । ଯାହାଫଳରେ ବିଡ଼ିଏକୁ ହାଉସିଂ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ସୁବିଧା ହେବ ଏବଂ ସହଜରେ ମଞ୍ଜୁରି ମିଳିପାରିବ।

ଏକଥା କହିବା ପଛର ଗୋଟିଏ ଉଦ୍ଦେଶ୍ୟ, ରେରା ପୋର୍ଟାଲକୁ ଅଧିକ ସରଳ ଓ କ୍ରିୟାଶୀଳ କରିବାକୁ ଜରୁରୀ ବୋଲି କୁହାଯାଉଛି । ତାହା ହେଲେ ଏହା କଣ ସୂଚାଉଛି ? ରେରା ପାଖରେ ପଞ୍ଜୀକରଣ ଲାଗି କାହିଁକି ଇଚ୍ଛା ଥିଲେ ବି ଅନେକ ମୁହଁ ମୋଡୁଛନ୍ତି କାହିଁକି ?କ'ଣ ପାଇଁ ଗଳାବାଟ ଖୋଜୁଛନ୍ତି ।ଯଦି ସରକାରୀ ପ୍ରକଳ୍ପ ପାଇଁ ଖୋଦ୍ ସରକାରୀ ସଂସ୍ଥା ବିଡିଏ ଘାଣ୍ଟି ହେଉଛି, ତେବେ ଅନ୍ୟମାନଙ୍କ କଥା କ'ଣ ? ଏବେ ବିଡିଏ କଥା ବିଚାରକୁ ନେବା । ବିଡ଼ିଏ ଯେ ପୂରା ପରଫେକ୍ଟ ତାହା କହି ହେବନି । କାରଣ ବିଡିଏରେ ଏମିତିରେ ସବୁ କାମ ଅଧପନ୍ତରିଆ ।ଖଣ୍ଡିଏ ଖଣ୍ଡିଏ ଚିଠି, ଓଡ଼ିଏ ଆକ୍ଟରେ ମାମଲା, ନୋଟିସ କରିଦେଇ ଚୁପ୍ ବସିବାର ଅଭ୍ୟାସ ଅନେକ ଅଧିକାରୀଙ୍କର ରହିଛି ।ଘରୋଇ ବିଲଡ଼ର ସଂସ୍ଥାର ପ୍ଲାନକୁ ଅନୁମୋଦନ ଦେଲା ବେଳେ କେତେ ଫନ୍ଦି କାଢନ୍ତି ବିଡ଼ିଏର ଅସାଧୁ ଅଧିକାରୀ, ଏହା ଉଣା ଅଧିକେ ସମସ୍ତଙ୍କୁ ଜଣା।ଏଇଟା ନାହିଁ, ସେଇଟା ଆଣ।ଏମିତି କଲେ ହେବନି, ସେମିତି ବାଟରେ ଯାଅ। ହାତଗୁଞ୍ଜା ନଦେଲେ ଫାଇଲ ବଢେନା କି ଆଗକୁ ଯାଏନା। ପ୍ଲାନିଂ ସେକ୍ସନରେ ସବୁ ଅଟକିଯାଏ । ସେଠାରୁ ଆଗେଇଲେ ତ ରେରାରେ ଆବେଦନ କରିବାକୁ ବାଟ ଫିଟିବ। ସେଥିଲାଗି ଲୋକେ ଚେତିବା ଜରୁରୀ। ଜାଗା କିମ୍ବା ଫ୍ଲାଟ କିଣିବାରେ ଅର୍ଥ ବ୍ୟୟ କରିବା ଆଗରୁ ଟିକିନିକି ସବୁ କିଛି ତଥ୍ୟ ଜାଣିବା ଆବଶ୍ୟକ।

## ଋଣ ଶୁଝିଲେନି ; ଘର ଓ ଜମିବାଡ଼ି କବ୍‌ଜାକୁ ନେଲା ବ୍ୟାଙ୍କ

ବାଲେଶ୍ୱର,୨୦।୯ (ସଂଚାର ବ୍ୟୁରୋ): ବ୍ୟାଙ୍କରୁ ଋଣ ନେଇ ବ୍ୟବସାୟ କରୁଥିଲେ। ହେଲେ ପରବର୍ତ୍ତୀ ସମୟରେ ବ୍ୟାଙ୍କ ଋଣ ଶୁଝି ପାରିଲେ ନାହିଁ। ତେଣୁ ପୈତୃକ ଘର ଓ ଜମିବାଡ଼ିକୁ କବ୍‌ଜାକୁ ନେଲା ବ୍ୟାଙ୍କ। ଏପରି ଖବର ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅଞ୍ଚଳରୁ ଆସିଛି। ଭୋଗରାଇ ବ୍ଲକ୍ ଦେହୁର୍ଦ୍ଦା ଗାଁର କଳ୍ପନା ଦାସ ୨୦୦୩ ମସିହାରେ ଦେହୁର୍ଦ୍ଦା ୟୁକୋ ବ୍ୟାଙ୍କରୁ ୧୮ ଲକ୍ଷ ଟଙ୍କା ଋଣ ନେଇଥିଲେ। ସେ ନିଜ ନାଁ କଳ୍ପନା ଟ୍ରେଡର୍ସ ନାମରେ ଏକ ସଂସ୍ଥା ଖୋଲି ବ୍ୟବସାୟ କରୁଥିଲେ। ହେଲେ ବ୍ୟାଙ୍କ ଋଣ ଟଙ୍କା ଶୁଝୁନଥିଲେ। ସେଥିପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ବାରମ୍ବାର ନୋଟିସ୍ କରୁଥିଲେ। ହେଲେ କଳ୍ପନା ଦାସ ବ୍ୟାଙ୍କ ନୋଟିସ୍‌ର ଜବାବ ଦେଉନଥିଲେ। ୨୦୨୪ ସୁଦ୍ଧା କଳ୍ପନାଙ୍କ ବ୍ୟାଙ୍କ ଋଣ ବଢ଼ି କୋଟିଏରୁ ଅଧିକ ଟଙ୍କା ହୋଇଥିଲା। ତେଣୁ ବ୍ୟାଙ୍କ କର୍ତ୍ତୃପକ୍ଷ କଳ୍ପନାଙ୍କ ପୈତୃକ ଘର ଓ ଅନ୍ୟାନ୍ୟ ଜମିବାଡ଼ିକୁ କବ୍‌ଜାକୁ ନେଇଛି। କଡା ସୁରକ୍ଷା ମଧ୍ୟରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ କଳ୍ପନାଙ୍କ ସମସ୍ତ ସମ୍ପତ୍ତିକୁ କବ୍‌ଜାକୁ ନେଇଛନ୍ତି ବ୍ୟାଙ୍କ କର୍ତ୍ତୃପକ୍ଷ। ତେବେ ଏନେଇ ଘର ମାଲିକାଣୀ କଳ୍ପନା ଦାସଙ୍କ ପ୍ରତିକ୍ରିୟା ମିଳିନାହି ନାହିଁ। ସେପଟେ ବ୍ୟାଙ୍କ ପକ୍ଷରୁ କୁହାଯାଇଛି, ଦୀର୍ଘ ବର୍ଷ ଧରି ଋଣ ଟଙ୍କା ପରିଶୋଧ କରାଯାଉନଥିଲା। ଯେଉଁଥିପାଇଁ ଘରକୁ କବ୍‌ଜାକୁ ନିଆଯାଇଛି।

## ସରୋଜିନୀ ସାହୁଙ୍କୁ ଶାରଳା ପୁରସ୍କାର

**ଭୁବନେଶ୍ୱର, ୨୦।୯ (ସଂଚାର ବ୍ୟୁରୋ):** ଶ୍ରେଷ୍ଠ ସାହିତ୍ୟ କୃତି ପାଇଁ ଇମ୍ପା ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ଚଳିତବର୍ଷ ବିଶିଷ୍ଟ ବାମାବାଦୀ ଲେଖିକା ସରୋଜିନୀ ସାହୁଙ୍କୁ ପ୍ରଦାନ କରାଯିବ।



୨୦୧୯ ମସିହାରେ ସୃଜନ ଇଣ୍ଡିଆ ଦ୍ୱାରା ପ୍ରକାଶିତ ଉପନ୍ୟାସ 'ଅସ୍ଥିର ପାଦ' ପାଇଁ ସେ ଏହି ପୁରସ୍କାର ପାଇବେ। ଅକ୍ଟୋବର ୨୬ ରେ ଏକ ବର୍ଣ୍ଣାଢ଼୍ୟ ସାରସ୍ୱତ ସମାବେଶରେ ଲେଖକଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହିତ ପାଞ୍ଚଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ଏହାସହିତ ଭାସ୍କର୍ଯ୍ୟ ଶିଳ୍ପୀ ସୁଦର୍ଶନ ସାହୁ ଓ ପ୍ରସିଦ୍ଧ କଣ୍ଠ ଶିଳ୍ପୀ ତାନସେନ୍ ସିଂଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ପ୍ରଦାନ କରାଯିବ। ଡ. ଭଗବାନ ଜୟସିଂହ, ପ୍ରଫେସର କାଳୀଦାସ ମିଶ୍ର, ଡ. ଗୌରହରି ଦାସ, ସଦାନନ୍ଦ ତ୍ରିପାଠୀ, ବୈଜୟନ୍ତୀ ମିଶ୍ର, ସଂଯୁକ୍ତା ମହାନ୍ତି ଏବଂ ତାପସ କୁମାର ସାମନ୍ତରାୟଙ୍କୁ ନେଇ ଗଠିତ ବିଚାରକମଣ୍ଡଳୀ ଔପନ୍ୟାସିକା ଶ୍ରୀମତୀ ସାହୁଙ୍କ ଅସ୍ଥିର ପାଦକୁ ମନୋନିତ କରିଥିଲେ।

## ଯାତ୍ରା ମଞ୍ଚରେ ମହାପ୍ରଭୁଙ୍କ ପ୍ରତିମାକୁ ଅସମ୍ମାନ



**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** କୋଟି ଓଡ଼ିଆଙ୍କ ମଉଡ଼ମଣୀ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସିଏ ସମଗ୍ର ବିଶ୍ୱକୁ ଘୋଡ଼ାଇ ରଖିଛନ୍ତି। ହେଲେ ତାଙ୍କୁ ଆଜି ଅସମ୍ମାନିତ କରାଯାଇଛି। ଖେଳଣା ପରି ଖୋଲା ମଞ୍ଚରେ ମହାପ୍ରଭୁଙ୍କ ପ୍ରତିମାର ଗୋଟିଏ ବାହୁକୁ ଝୁଲାଇ ଝୁଲାଇ ନେଉଛନ୍ତି ଯାତ୍ରା ଖଳନାୟକ କାହ୍ନା ସ୍ୱାଇଁ। ରଙ୍ଗମଞ୍ଚରେ ଅଭିନୟ କଲା ବେଳେ ସେ ଏପରି ଜଘନ୍ୟ ଅପରାଧ କରିଥିବା ଅଭିଯୋଗ ହୋଇଛି। ଯାହାର ଭିଡିଓ ଭାଇରାଲ୍ ହେବା ପରେ କାହ୍ନାଙ୍କ ନାଁରେ କଟକ ବାଦାମବାଡ଼ି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଯାତ୍ରା ସିଂହବାହିନୀର ଷ୍ଟାର ଆକ୍ଟର ହେଉଛନ୍ତି କାହ୍ନା ସ୍ୱାଇଁ। ସେ ଅନେକ ନାଟକରେ ଖଳ ଚରିତ୍ରରେ ଆସିଥାନ୍ତି। ଆଉ ନାୟକ ଓ ନାୟିକାଙ୍କୁ ଅକଥନୀୟ ନିର୍ଯାତନା ଦେଉଥିବା ଯାତ୍ରାପ୍ରେମୀ ଦେଖିଛନ୍ତି। ହେଲେ କାହ୍ନା ଏଥର ସବୁ ସୀମା ପାର କରିଛନ୍ତି। 'ବଡ଼ ବେଦରଦୀ କଳା ସାଆନ୍ତ' ନାଟକରେ ସେ ମହାପ୍ରଭୁଙ୍କ ପ୍ରତିମାକୁ ଅପମାନିତ କରିଛନ୍ତି। ସେ କେତେବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମାରେ ଲାଗି ହୋଇଥିବା ଫୁଲ ମାଳକୁ ଫିଙ୍ଗି ଦେଉଛନ୍ତି ତ ଆଉ କେତେବେଳେ ମହାପ୍ରଭୁଙ୍କୁ ଲୁଗାରେ ବାନ୍ଧି ପିଠିରେ ପକାଇ ଖେଳଣା ପରି ନେଉଛନ୍ତି। ଆଉ କେତେବେଳେ ମହାପ୍ରଭୁଙ୍କ ପ୍ରତିମାକୁ ହାତରେ ଝୁଲାଇ ଝୁଲାଇ ନେଉଥିବା ଦେଖିବାକୁ ମିଳିଛି।

## କାରିଗରଙ୍କ ଜୀବନଶୈଳୀ ପରିବର୍ତ୍ତନ ଓ ସମ୍ମାନ ପ୍ରଦାନ ଲକ୍ଷ୍ୟ
### ବିଶ୍ୱକର୍ମା ଯୋଜନାକୁ ବର୍ଷେ ପୂରିଲା



କଟକ,୨୦।୯ (ସଂଚାର ବ୍ୟୁରୋ): ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅଧିନସ୍ଥ ଜନ ଶିକ୍ଷଣ ସଂସ୍ଥାନ, କଟକ ପରିସରରେ ପ୍ରଧାନମନ୍ତ୍ରୀଙ୍କ ବିଶ୍ୱକର୍ମା କାର୍ଯ୍ୟକ୍ରମର ୧ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଯୋଜନା ପାଇଁ ଦେଶରେ ମୋଟ ୫୦ଟି ସେଣ୍ଟର ଚିହ୍ନଟ ହୋଇଥିବା ବେଳେ ଓଡ଼ିଶାରେ ଓଡ଼ିଶାରେ ଆଇଆଇଟି ଭୁବନେଶ୍ୱର ଓ ଜେଏସଏସ (ଜନ ଶିକ୍ଷଣ ସଂସ୍ଥାନ) କଟକକୁ ଚୟନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସାଂସଦ ଭର୍ତ୍ତୃହରି ମହତାବ, ଉମାକାନ୍ତ ଜେନା (ଏଡିଏମ କଟକ), ଅରୁଣ କୁମାର ଗୁପ୍ତା ସହକାରୀ ନିର୍ଦ୍ଦେଶକ (ଆରଡ଼ିଏସଡିଇ), ସୁକାନ୍ତ ପ୍ରଧାନ ଅତିରିକ୍ତ ସଚିବ (ଏସଡି ଓ ଟିଇ), ନୀତିଶ ମନ ଉପ ନିର୍ଦ୍ଦେଶକ (ଏମଏସଏମଇ)ଙ୍କ ସମେତ ବହୁ ବିଶିଷ୍ଟ ମାନ୍ୟଗଣ୍ୟ ଅତିଥି ମାନେ ଯୋଗଦେଇ ବିଶ୍ୱକର୍ମା ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ତଥା ଭାରତ ସରକାରଙ୍କ ତରଫରୁ ମିଳୁଥିବା ଆର୍ଥିକ ସହାୟତା ସମ୍ପର୍କରେ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜନ ଶିକ୍ଷଣ ସଂସ୍ଥାନ, କଟକ ନିର୍ଦ୍ଦେଶିକା ଶ୍ରୀମତୀ ଅନିମା ଦାଶ ସଭାପତିତ୍ୱ କରିବା ସଙ୍ଗେସଙ୍ଗେ ବିଶ୍ୱକର୍ମା ଯୋଜନାର ନୂତନ ଜ୍ଞାନକୌଶଳ ଓ ବିଭିନ୍ନ ଏମପ୍ଲୟବିଲିଟି ସ୍କିଲ୍ ଯଥା ବ୍ୟାଙ୍କର ବିଭିନ୍ନ ଯୋଜନା, ମାର୍କେଟିଂ ଓ ଫାଇନାନସିଆଲ ଲିଟ୍ ରାସି ସମ୍ବନ୍ଧରେ କିପରି ଯୋଜନାରେ ଅନ୍ତର୍ଭୁକ୍ତ ପ୍ରଶିକ୍ଷାର୍ଥୀମାନେ ଜ୍ଞାନ ଆହରଣ କରିପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରାୟ ୪୫୦ କୁଶଳୀଙ୍କୁ ଆମନ୍ତ୍ରିତ କରାଯାଇଥିଲା। ଏହାସହ କାର୍ଯ୍ୟକ୍ରମରେ କିଛି କାରିଗରମାନଙ୍କୁ ୧ଲକ୍ଷ ଟଙ୍କା ଲୋନର ସ୍ୱୀକୃତି ଚିଠି ମଧ୍ୟ ପ୍ରଦାନ କରାଯାଇଥିଲା। ପିଏମ ବିଶ୍ୱକର୍ମା ଯୋଜନାକୁ ଏକ ବର୍ଷ ପୂରିଛି। ଏହି ଅବସରରେ ଏହାର ଅଗ୍ରଗତି ଓ ସଫଳତାକୁ ନେଇ ଭର୍ଚୁଆଲ ମାଧ୍ୟମରେ ଉଦବୋଧନ ଦେଇଥିଲେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ। ଜନ ଶିକ୍ଷଣ ସଂସ୍ଥାନରେ ପିଏମ ବିଶ୍ୱକର୍ମା ଯୋଜନାରେ ପ୍ରଶିକ୍ଷଣ ନେଇଥିବା କାରିଗର, ବୁଣାକାର, ବାରିକ, ଶିଳ୍ପକାର ଭଳି କୌଳିକ ବୃତ୍ତିରେ ନିୟୋଜିତ ଥିବା ବ୍ୟକ୍ତିଙ୍କୁ ଏହି ଅବସରରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶାରୁ ଏକମାତ୍ର କଟକ ଜିଲ୍ଲାରେ ଥିବା ଜନ ଶିକ୍ଷଣ ସଂସ୍ଥାନ ସବୁଠାରୁ ଅଧିକ ବ୍ୟକ୍ତିଙ୍କୁ ପିଏମ ବିଶ୍ୱକର୍ମା ଯୋଜନା ଅଧୀନରେ ପ୍ରଶିକ୍ଷଣ ଦେଇଥିବାରୁ ଖୁସି ବ୍ୟକ୍ତ କରିଥିଲେ ମାନ୍ୟବର ପ୍ରଧାନମନ୍ତ୍ରୀ।। ତେବେ ଉକ୍ତ ଯୋଜନାର ମୂଳ ଲକ୍ଷ୍ୟ କୁଶଳୀ କାରିଗରଙ୍କୁ ସମ୍ମାନ ସହ ସେମାନଙ୍କ ଜୀବନଶୈଳୀରେ ଉନ୍ନତି ଓ ଅଭିବୃଦ୍ଧି ବୋଲି ଜନ ଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶିକା ଅନିମା ଦାସ କହିବା ସହ କାରିଗରଙ୍କ ଉନ୍ନତି ରାଜ୍ୟ ଓ ଦେଶର ଉନ୍ନତିରେ ଯଥେଷ୍ଟ ସହାୟକ ହୋଇ ପାରିବ ବୋଲି ଆଶା ପ୍ରକଟ କରିଛନ୍ତି।

## ଦମ୍ପତିଙ୍କୁ କାଠଫାଳିଆରେ ଆକ୍ରମଣ ; ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୦।୯(ସଂଚାର ବ୍ୟୁରୋ):** ପୂର୍ବ ଶତ୍ରୁତାକୁ ନେଇ ଜଣେ ମହିଳାଙ୍କୁ ଘର ଆଗରେ ଗାଳିଗୁଲଜ କରିବାକୁ ନେଇ ପ୍ରତିବାଦ କରିବାରୁ କାଠ ଫାଳିଆରେ ଆକ୍ରମଣ କଲା ଅଭିଯୁକ୍ତ। ଫଳରେ ଅଭିଯୋଗକାରିଣୀଙ୍କ ମୁଣ୍ଡରେ ଗଭିର ଆଘାତ ଲାଗିଥିଲା। ଏହି ସମୟରେ ତାଙ୍କ ସ୍ୱାମୀ ତାଙ୍କୁ ବଞ୍ଚାଇବାକୁ ଆସିବାରୁ ତାଙ୍କୁ ମଧ୍ୟ ଆକ୍ରମଣ। ଏନେଇ ତମାଣ୍ଡୋ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା, ଭଗବାନପୁର ଚମ୍ପତି ସାହିର ରବି ଚମ୍ପତି। ସୂଚନା ଯୋଗ୍ୟଯେ, ଅଭିଯୋଗକାରିଣୀ ଜଣକ ପରିବାର ସହ ପାତ୍ରପଡ଼ା, ଭଗବାନପୁର ଅଞ୍ଚଳରେ ଥିବା ପ୍ଲଟ ନମ୍ବର- ୫୦୩/୧୬୧୨ରେ ରୁହନ୍ତି। ଶୁକ୍ରବାର ସକାଳ ୯ଟା ସମୟରେ ଅଭିଯୁକ୍ତ ଜଣକ ତାଙ୍କ ଘର ସମ୍ମୁଖକୁ ଆସି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହା ଶୁଣି ଅଭିଯୋଗକାରିଣୀ ଘର ବାହାରକୁ ଆସି ଅଭିଯୁକ୍ତକୁ ବିରୋଧ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ଜଣକ ଏକ କାଠ ଫାଳିଆରେ ଅଭିଯୋଗକାରିଣୀଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଅଭିଯୁକ୍ତର ଆକ୍ରମଣରେ ଅଭିଯୋଗକାରିଣୀଙ୍କ ମୁଣ୍ଡରେ ଗଭିର ଆଘାତ ଲାଗିଥିଲା। ଏହା ଦେଖି ଅଭିଯୋଗକାରିଣୀଙ୍କ ସ୍ୱାମୀ ତାଙ୍କୁ ବଞ୍ଚାଇବା ଲାଗି ସେଠାକୁ ଆସିଥିବା ବେଳେ, ଅଭିଯୁକ୍ତ ଜଣକ ତାଙ୍କୁ ମଧ୍ୟ ଆକ୍ରମଣ କରି ତାଙ୍କ ବେକରେ ପିନ୍ଧିଥିବା ସୁନା ଚେନ ଲୁଟି ନେଇଯାଇଥିଲା। ଏହି ଘଟଣାକୁ କେନ୍ଦ୍ରକରି, ଅଭିଯୋଗକାରିଣୀ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର